# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

•VOLUME- 43 •ISSUE-23 •THURSDAY •17 JULY 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୨୩ •ଗୁରୁବାର •୧୭ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ଆଜି ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ

## ସାମିଲ ହେବେ ୮ ଟି ରାଜନୈତିକ ଦଳ

**ସାରା ରାଜ୍ୟରେ ବନ୍ଦ ରହିବ ପେଟ୍ରୋଲ ପମ୍ପ**

■ ଭୁବନେଶ୍ୱର, ୧୬।୭ (ସମିସ): ଫକୀରମୋହନ ଛାତ୍ରୀ ମୃତ୍ୟୁ ଘଟଣାରେ କଂଗ୍ରେସ ସମେତ ୮ ଟି ରାଜନୈତିକ ଦଳ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ଡକରା ଦିଆଯାଇଛି। ବୁଧବାର ପୂର୍ବାହ୍ନରେ ଭୁବନେଶ୍ୱରରେ ଆୟୋଜିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ବନ୍ଦ ସଫଳ କରିବାକୁ ଓଡ଼ିଶାର ସମସ୍ତ ବାମପନ୍ଥୀ ଓ ଗଣତାନ୍ତ୍ରିକ ଦଳ, ଟ୍ରେଡ୍ ୟୁନିୟନ, କୃଷକ ସଂଗଠନ, ମହିଳା, ଯୁବକ, ଛାତ୍ର ଏବଂ ସମାଜର ସମସ୍ତବର୍ଗଙ୍କୁ ନିବେଦନ କରାଯାଇଛି। ଏକ ମିଳିତ ପ୍ରେସ୍‌ବାର୍ତ୍ତାରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ କୁହାଯାଇଛି ଯେ ଡବଲ ଇଞ୍ଜିନ ବିଜେପି ସରକାରଙ୍କ କୁଶାସନ ବିରୋଧରେ ଏହି ବନ୍ଦ ଡକରା ଦିଆଯାଇଛି। ମହିଳାଙ୍କ ସମ୍ମାନ ଏବଂ ସୁରକ୍ଷା ପାଇଁ ଓଡ଼ିଶା ବନ୍ଦ କରାଯାଉଛି। ତେବେ ଅତ୍ୟାବଶ୍ୟକ ସେବାକୁ ବନ୍ଦପାଳନରୁ ବାଦ୍ ରଖାଯାଇଛି। ▶ପୃଷ୍ଠା-୭

## ବିଜେଡିର ଲୋକସେବା ଭବନ ଘେରାଉ

# ବର୍ବରତାର ସୀମା ଟପିଲା ପୁଲିସ

**ଆନ୍ଦୋଳନକାରୀଙ୍କ ଉପରେ ପାଣି, ଲୁହବୁହା ଗ୍ୟାସ, ରବର ବୁଲେଟ ମାଡ଼**

**ପ୍ରଣବ, ପ୍ରୀତିରଞ୍ଜନ ଓ ସାଂସଦ ସୁଲତା ଗୁରୁତର, ଶତାଧିକ କର୍ମୀ ଆହତ**

**ପୁଲିସକୁ ସରକାର ନିଜର ଗୁଣ୍ଡାବାହିନୀରେ ପରିଣତ କରିଛନ୍ତି: ବିଜେଡି**



■ ଭୁବନେଶ୍ୱର, ୧୬।୭ (ସମିସ): ନିର୍ଯାତନା ନିଆଁରେ ଦଗ୍ଧ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଲୋକସେବା ଭବନ ଘେରାଉ କରିଥିବା ବିଜେଡ଼ି କର୍ମୀ ଓ କର୍ମକର୍ତ୍ତାଙ୍କ ଉପରେ ପୁଲିସ କରିଛି ପ୍ରଚଣ୍ଡ ଆକ୍ରମଣ। ଲୋୟର ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ଭାବରେ ଘେରାଉ ବେଳେ ପୁଲିସ ବର୍ବରତାର ସୀମା ଅତିକ୍ରମ ଟପିଛି। ବିଜେଡି କର୍ମୀଙ୍କ ଉପରେ ଆଖିବୁଜା ପାଣିମାଡ଼, ଲୁହବୁହା ଗ୍ୟାସର ପ୍ରୟୋଗ କରି ସେମାନଙ୍କୁ ଘାଇଲା କରିଛି। ଏତିକିରେ ପୁଲିସର ହିଂସ୍ର ଆଚରଣ ଅଟକି ନାହିଁ; ସବୁ ଆଇନ କାନୁନକୁ ମୋଡି ମକଚି ଦେଇ ପୁଲିସ ବିଜେଡି କର୍ମୀଙ୍କ ଉପରକୁ ବେଆଇନ ଭାବେ ରବର ଗୁଳି ଚାଳନା କରିଥିବା ଅଭିଯୋଗ ହୋଇଛି। ପୁଲିସ ଆକ୍ରମଣରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ପ୍ରୀତି ରଞ୍ଜନ ଘଡ଼ାଇ ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି ଦଳର ଶତାଧିକ କର୍ମୀ ଓ କର୍ମକର୍ତ୍ତା ଆହତ ହୋଇ ବିଭିନ୍ନ ଘରୋଇ ହସପିଟାଲରେ ଭର୍ତ୍ତି ହୋଇଛନ୍ତି । ପୁଲିସର ମାତ୍ରାଧିକ ପ୍ରତିକ୍ରିୟାଶୀଳ ଆଚରଣ ଓ ବର୍ବରୋଚିତ ଆକ୍ରମଣକୁ ସାରା ରାଜ୍ୟରେ ନିନ୍ଦା କରାଯାଇଛି। ବିଜେଡିର ଜୋରଦାର ପ୍ରତିବାଦରେ ସରକାର ଡ଼ରିଯାଇଛନ୍ତି ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୁଲିସକୁ ସରକାର ଗୁଣ୍ଡାବାହିନୀରେ ପରିଣତ କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି ।

ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ଦାବିରେ ବିଜେଡି ପକ୍ଷରୁ ଦିଆ ଯାଇଥିବା ଲୋକସେବା ଭବନ ଘେରାଉରେ ଆଜି ଦଳର ବରିଷ୍ଠ ନେତାମାନଙ୍କ ସହ ହଜାର ହଜାର କର୍ମୀ ସାମିଲ ହୋଇଥିଲେ। ମାଷ୍ଟର କ୍ୟାଣ୍ଟିନ ଛକଠାରୁ ପିଏମଜି ଛକ ପର୍ଯ୍ୟନ୍ତ ବିଜେଡି କର୍ମୀମାନେ ଏକଜୁଟ ହୋଇ ମୋହନ ସରକାରଙ୍କ ବିରୋଧରେ ସ୍ଲୋଗାନ ସହ ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବି କରିଥିଲେ। ଏହି ଘଟଣାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ▶ପୃଷ୍ଠା-୭

# ପୁଲିସର ଆକ୍ରମଣ ଅମାନୁଷିକ: ନବୀନ

## ସ୍ପଷ୍ଟୀକରଣ ରଖନ୍ତୁ ସରକାର



"ଓଡ଼ିଶାବାସୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ବଜାୟ ରଖିବା ପାଇଁ ଆମର ପ୍ରତିବଦ୍ଧତାକୁ କୌଣସି ଶକ୍ତି ଦମନ କରିପାରିବ ନାହିଁ"

■ ଭୁବନେଶ୍ୱର, ୧୬।୭ (ସମିସ): ଲୋୟର ପିଏମଜିରେ ଏଫ୍‌ଏମ୍ ସ୍ୱୟଂଶାସିତ କଲେଜର ମୃତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡିର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଉପରେ ପୁଲିସର ଅମାନୁଷିକ ଆକ୍ରମଣକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ପୁଲିସର ଏହି ଆକ୍ରମଣ ବର୍ବରୋଚିତ ବୋଲି ବର୍ଣ୍ଣନା କରି ମୃତ ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜେଡି ଅବିଚଳିତ ଭାବରେ ଲଢ଼େଇ ଜାରି ରଖିବ ବୋଲି ଘୋଷଣା କରିଛନ୍ତି। ପାଣି ମାଡ଼, ରବର ଗୁଳି, ଲୁହବୁହା ଗ୍ୟାସ ଆମର ସଂକଳ୍ପକୁ ଦୁର୍ବଳ କରିପାରିବ ନାହିଁ ବୋଲି ଶାସକ ବିଜେପିକୁ ସିଧାସଳଖ ଆହ୍ୱାନ ଦେଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଓଡ଼ିଶାରେ ଗଣତାନ୍ତ୍ରିକ ▶ପୃଷ୍ଠା-୭

**ଗଡ଼ିଲାନି ଚକ-ଅଖ**

# ୮ ଘଣ୍ଟା ଅଟକିଲା ବାଲେଶ୍ୱର

■ ବାଲେଶ୍ୱର, ୧୬।୭ (ସମିସ): ଆତ୍ମାହୁତି ଦେଇଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ସ୍ୱରକୁ ଅଧିକ ଶାଣିତ କରିଛି ବିଜେଡି। ବାଲେଶ୍ୱର, ରେମୁଣା, ନୀଳଗିରି, ସୋର, ସିମୁଳିଆ, ବସ୍ତା, ଜଳେଶ୍ୱର, ଭୋଗରାଇ ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରତିବାଦ ଜୋର୍‌ଦାର୍ ହୋଇଛି। ଦଳ ପକ୍ଷରୁ ଦିଆଯାଇଥିବା ଜିଲ୍ଲା ବନ୍ଦ ଡକରାକୁ ମଧ୍ୟ ସ୍ୱତଃସ୍ଫୂର୍ତ୍ତ ଜନସମର୍ଥନ ମିଳିଛି। ସବୁଠି ଲୋକଙ୍କ ମଧ୍ୟରେ କୋହ ଦେଖିବାକୁ ମିଳିଥିବା ବେଳେ ଚକ-ଅଖ ନ ଗଡ଼ିବା ଫଳରେ ବୁଧବାର ୮ ଘଣ୍ଟା କାଳ ଅଟକିଯାଇଥିଲା ପୂରା ଜିଲ୍ଲା। ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ଆନ୍ଦୋଳନକୁ ଓହ୍ଲାଇ ବିଜୁ ଜନତା ଦଳ କହିଛି, ସରକାରଙ୍କ ଅବହେଳା ପାଇଁ ଛାତ୍ରୀଙ୍କ ଜୀବନ ଯାଇଛି। ଏଥିପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ ଉତ୍ତରଦାୟୀ। ପୀଡ଼ିତା ଜଣକ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେହି ତାଙ୍କ କଥା ଶୁଣିଲେନି। ନ୍ୟାୟ ପାଇଁ ଏଠି ସେଠି ଘୂରି ଶେଷରେ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଗଲେ। ଏହି ଘଟଣା ପାଇଁ କେବଳ କଲେଜ କର୍ତ୍ତୃପକ୍ଷ ନୁହଁ; ସଂପୂର୍ଣ୍ଣ ସରକାରୀ କଳ ଦାୟୀ। ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତିକୁ ▶ପୃଷ୍ଠା-୭




ପୀଡ଼ିତା ଛାତ୍ରୀଙ୍କୁ ନ୍ୟାୟ ଦାବିରେ ଜିଲ୍ଲା ସାରା ଗର୍ଜିଲା ବିଜେଡି

ସିମୁଳିଆରୁ ଭୋଗରାଇ ଯାଏଁ ଜନତାଙ୍କ ସ୍ୱତଃସ୍ଫୂର୍ତ୍ତ ସମର୍ଥନ







ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

## ସବୁଠୁ ପତଳା କାର୍



ସାମାଜିକ ଗଣମାଧ୍ୟମରେ ବିଭିନ୍ନ ସମୟରେ ବେଶ୍ ଅଜବ ଜିନିଷ ସବୁ ଭାଇରାଲ ହୋଇଥାଏ । ଏହି କ୍ରମରେ ଏବେ ସାମାଜିକ ଗଣମାଧ୍ୟମରେ ଏକ କାର୍‌ର ଫଟୋ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଚର୍ଚ୍ଚା ସାଉଁଟୁଛି । ତେବେ ଏହାର ଡିଜାଇନ୍ ଏଭଳି ଭାବେ କରାଯାଇଛି ଯେ, ଏହାକୁ ବିଶ୍ୱର ସବୁଠୁ ପତଳା କାର୍ ବୋଲି କୁହାଯାଉଛି । ଏହାର ଚଉଡ଼ା ମାତ୍ର ୧୯ ଇଞ୍ଚ । ଏହି ମଡେଲର ନାଁ ପାଣ୍ଡା ରଖାଯାଇଛି । ହାଲୁକା ନୀଳ ରଙ୍ଗର ଏହି କାର୍ ଏତେ ପତଳା ଯେ, ଏହା ଦେଖିବାକୁ ୨ଡି କାର୍ଟୁନ ଭଳି । ଏହାର ସାମ୍ନାରେ ଗୋଟିଏ ହେଡ୍‌ଲାଇଟ୍ ଏବଂ ଏହାର ଦୁଇ ପାର୍ଶ୍ୱରେ ଦୁଇଟି ଛୋଟ ଇଣ୍ଡିକେଟର ଲାଇଟ୍ ଅଛି । କାର୍‌ଟିର ଚାରିଟି ଚକ ରହିଛି । ଏହାର ଚକ ମଧ୍ୟ ଖୁବ୍ ପତଳା । ଏହି କାର୍‌ରେ ଗୋଟିଏ ଫ୍ରଣ୍ଟ ସିଟ୍ ଅଛି । ଏହା ପଛରେ ଅତିରିକ୍ତ ସିଟ୍‌ଟିଏ ଅଛି । ଏହିପ୍ରକାରେ ଉକ୍ତ ଅଜବ କାର୍‌ର ଦୁଇଟି ସିଟ୍ ହୋଇଯାଉଛି । ଅନ୍ୟପଟେ ଡ୍ରାଇଭର ସିଟ୍ ପାଖରେ କାର୍‌ର ଗୋଟିଏ ଡୋର୍ ଅଛି । ଯିଏ ବି ପଛରେ ବସିବାକୁ ଚାହିଁବେ, ଏହି ଡୋର୍ ଦେଇ ଯିବାକୁ ହେବ । ଅବଶ୍ୟ ପଛ ସିଟ୍ କେବଳ ଜଣେ ଛୋଟ ପିଲା ପାଇଁ ପର୍ଯ୍ୟାପ୍ତ କହିଲେ ଭୁଲ ହେବ ନାହିଁ । କାର୍‌ର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ତା'ସହ କାର୍‌ଟିକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି ଏବଂ ଏଥିରେ ବେଶ୍ ମଜାଳିଆ ପ୍ରତିକ୍ରିୟା ବି ଦେଉଛନ୍ତି ।

## ଅନ୍ତରାଷ୍ଟ୍ରୀୟ ନ୍ୟାୟ ଦିବସ



ପ୍ରତିଟି ମଣିଷକୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ପ୍ରାସଙ୍ଗିକ ମଧ୍ୟ । ସମସ୍ତଙ୍କ ପାଇଁ ନ୍ୟାୟ ଅପରିହାର୍ଯ୍ୟ । ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜୁଲାଇ ୧୭ ତାରିଖକୁ ଅନ୍ତର୍ଜାତୀୟ ନ୍ୟାୟ ଦିବସ ଭାବେ ପାଳନ କରାଯାଇ ଆସୁଛି । ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ପୃଥିବୀର ପ୍ରତିଟି ନିଷ୍ପେଷିତ, ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରୋମ ସମ୍ମିଳନୀର ବର୍ଷପୂର୍ତ୍ତି ଅବସରରେ ସମ୍ମିଳିତ ହୋଇଥିବା ରାଷ୍ଟ୍ରସମୂହ ସ୍ୱତନ୍ତ୍ର ଭାବେ ଏକ ଅନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ ସ୍ଥାପନ କରିବା ଲାଗି ସହମତି ଜଣାଇଥିଲେ । ପରବର୍ତ୍ତୀ ସମୟରେ ଏଥିଲାଗି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ୨୦୦୨ ଜୁଲାଇ ୧ଠାରୁ ନେଦରଲାଣ୍ଡ୍ସର ହେଗ୍ ସହରରେ ବିଧିବଦ୍ଧ ଭାବେ ଏହା ଆରମ୍ଭ ହୋଇଥିଲା । ଆଇସିସି ହେଉଛି ସ୍ୱତନ୍ତ୍ର ଅନ୍ତର୍ଜାତୀୟ ନ୍ୟାୟିକ ସଂସ୍ଥାନ । ବିଶ୍ୱସ୍ତରରେ ହେଉଥିବା ଜଘନ୍ୟ ମାନବାଧିକାର ଉଲ୍ଲଂଘନ ମାମଲାଗୁଡ଼ିକର ଶୁଣାଣି ଏଠାରେ ହୋଇଥାଏ । ଗଣସଂହାର, ଯୁଦ୍ଧ ଅପରାଧ, ମାନବତା ପ୍ରତି ବିପଦ ଥିବା ପ୍ରତ୍ୟେକ ମାମଲାର ଶୁଣାଣି ଏହି ଅଦାଲତରେ କରାଯାଏ । ସେଇ ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ କରିବା ଲାଗି ୨୦୧୦ ମସିହାରୁ ପ୍ରତିବର୍ଷ 'ଆନ୍ତର୍ଜାତିକ ନ୍ୟାୟ ଦିବସ' ପାଳନ କରାଯାଇ ଆସୁଛି । ସଂପ୍ରତି ୧୨୫ଟି ରାଷ୍ଟ୍ର ଆଇସିସିର ସଦସ୍ୟ ଅଛନ୍ତି । ଅନ୍ତର୍ଜାତୀୟ ନ୍ୟାୟାଳୟରେ ୧୫ ଜଣ ନ୍ୟାୟାଧୀଶ ରହିଛନ୍ତି, ଯିଏକି ସଂଯୁକ୍ତ ରାଷ୍ଟ୍ର ମହାସଭା ଓ ସୁରକ୍ଷା ପରିଷଦ ଦ୍ୱାରା ୯ ବର୍ଷ ଲାଗି ଚୟନ ହୋଇଥାନ୍ତି । ଏହି ଦିବସ ଅପରାଧ ବିରୋଧରେ ଲଢ଼େଇ ଜାରି ରଖିବା ଲାଗି ଲୋକଙ୍କୁ ସଚେତନ କରେ । ଯୁଦ୍ଧପୀଡ଼ିତ, ମାନବିକତା ବିରୋଧରେ ସଂଗଠିତ ଅପରାଧ, ଅନ୍ୟ ଉପରେ ଆକ୍ରମଣ ଜନିତ ଅପରାଧ ତଥା ହତ୍ୟା ଶିକାର ହେଉଥିବା ଲୋକମାନଙ୍କୁ ନ୍ୟାୟ ଦେବା ଉପରେ ଏହି ଦିବସ ଗୁରୁତ୍ୱ ଦେଇ ଆସୁଛି ।

## ସୂର୍ଯ୍ୟାଲୋକରୁ ସୁରକ୍ଷା ଦେଉଛି ପଦ୍ମପତ୍ର



ଚୀନ୍‌ରେ ନିୟମିତ ନୂଆ ନୂଆ ଟ୍ରେଣ୍ଡ ସବୁ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏଠାରେ ଏବେ ଏକ ଅଜବ ଟ୍ରେଣ୍ଡ ଭାଇରାଲ ହେବାରେ ଲାଗିଛି । ଏଠାକାର ଲୋକେ ସନ୍‌ବର୍ଣ୍ଣରୁ ରକ୍ଷା ପାଇବା ପାଇଁ ପଦ୍ମପତ୍ରକୁ ଫେସ୍‌କଭର୍ ଭଳି ବ୍ୟବହାର କରୁଥିବାର ଦେଖାଯାଇଛି । ବିଶେଷକରି ଦକ୍ଷିଣ ଚୀନ୍‌ର ଝେଜିଆଙ୍ଗ, ସିଚୁଆନ୍, ଏବଂ ଫୁଜିୟାନ ପ୍ରାନ୍ତର ଲୋକେ ଖରା ଏବଂ ଗରମରୁ ମୁହଁକୁ ସୁରକ୍ଷା ଦେବା ପାଇଁ ଏହି ନିଆରା ଉପାୟ ବାହାର କରିଛନ୍ତି । ଏବେ ସେମାନେ ବଜାରରୁ ସନ୍‌ସ୍କ୍ରିନ୍ ନ କିଣି, ପୋଖରୀରୁ ପଦ୍ମପତ୍ର ଛିଡ଼ାଇ ନିଜ ମୁହଁ ଘୋଡ଼ାଉ ଥିବା ଦେଖିବାକୁ ମିଳୁଛି । ସେହିପରି ବଡ଼ ବଡ଼ ପଦ୍ମପତ୍ରକୁ ହେଲ୍‌ମେଟ୍ କିମ୍ବା ଟୋପିରେ ସେଟ୍ କରି ମୁହଁରେ ବାନ୍ଧୁଥିବାର ଦେଖାଯାଉଛି । ଏହାସହ ଆଖି, ନାକ ଏବଂ ପାଟି ପାଖରେ ଛୋଟ ଛୋଟ ଛିଦ୍ର କରିଥାନ୍ତି । ଏନେଇ ଫୁଜିୟାନ ଅଞ୍ଚଳର ଜଣେ ଯୁବକଙ୍କ କହିବା କଥା, ସେ ପ୍ରଥମେ ବିୟୁଟି ମାସ୍କ ଲଗାଇବାକୁ ଭାବୁଥିଲେ । କିନ୍ତୁ ଘର ପାଖ ପୋଖରୀରେ ଥିବା ପଦ୍ମପତ୍ର ଦେଖି ତାଙ୍କ ମନ ବଦଳି ଯାଇଥିଲା । ତେବେ ଏହା ଏକ ପ୍ରାକୃତିକ ଉପଚାର ହେବା ସହ ମାଗଣାରେ ମିଳୁଥିବାରୁ ଲୋକେ ଏହି ଟ୍ରେଣ୍ଡକୁ ବେଶ୍ ପସନ୍ଦ କରୁଛନ୍ତି । କିଛି ଲୋକେ ଏହି ଟ୍ରେଣ୍ଡ ବେଶ୍ ମଜାଦାର କହୁଥିବାବେଳେ କିଛି ଏହାକୁ କ୍ଷତିକାରକ ବୋଲି କହିଛନ୍ତି । ଏଭଳି ପତ୍ର ପିନ୍ଧି ବାଇକ୍ ଚଲାଇବା ସମୟରେ ଦୁର୍ଘଟଣା ଘଟିପାରେ ବୋଲି କିଛି ଲୋକ ମନ୍ତବ୍ୟ ଦେଇଛନ୍ତି । ତେବେ ୧୦ ବର୍ଷ ପୂର୍ବେ ଚୀନ୍‌ର ସେଡୋଙ୍ଗ ପ୍ରାନ୍ତରେ ଫେସ୍‌କିନି ନାମକ ଏକ ଜିନିଷ ଭାଇରାଲ ହୋଇଥିଲା । ସମୁଦ୍ରକୂଳକୁ ଯାଉଥିବା ମହିଳାମାନେ ମୁହଁକୁ ସୂର୍ଯ୍ୟକିରଣରୁ ସୁରକ୍ଷା ଦେବା ପାଇଁ ଏହାକୁ ପିନ୍ଧୁଥିଲେ ।

## 'ଦ ରାଜା ସାବ୍'

## ପ୍ରଭାସ ନେଇଛନ୍ତି ୧୫୦ କୋଟି


ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ପ୍ରଭାସଙ୍କ ଫିଲ୍ମ 'ଦ ରାଜା ସାବ୍' ରିଲିଜ୍ ହେବାକୁ ଆହୁରି ପାଞ୍ଚମାସ ବାକି ଅଛି । କିନ୍ତୁ ବକ୍ସ ଅଫିସ୍‌ରେ ଏହା ରେକର୍ଡ ଆୟ କରିବ ବୋଲି ଏବେଠୁ ଚର୍ଚ୍ଚା ହେଲାଣି । ମାରୁତିଙ୍କ ନିର୍ଦ୍ଦେଶିତ ଏହି ହରର୍ କମେଡି ଫିଲ୍ମର ବଜେଟ୍ ୪୫୦ କୋଟି ରହିଛି । ପ୍ରଭାସ ପାରିଶ୍ରମିକ ବାବଦରେ ନେଇଛନ୍ତି ୧୫୦ କୋଟି । ତେବେ 'ଦ ରାଜା ସାବ୍'କୁ ବକ୍ସ ଅଫିସ୍‌ରେ ସଫଳ ହେବା ପାଇଁ ଅତି କମ୍‌ରେ ୯୦୦ କୋଟି ଆୟ କରିବାକୁ ହେବ । ଯଦି ଫିଲ୍ମଟି ସର୍ବଭାରତୀୟ ସ୍ତରରେ ବଜେଟ୍‌ର ୧୦୦ ପ୍ରତିଶତ ରିଟର୍ଣ୍ଣ ଦିଏ ତାହେଲେ ଯାଇ ଏହା ୯୦୦ କୋଟି ଆୟ କରିପାରିବ । ଯାହା ଏକପ୍ରକାର ଅସମ୍ଭବ ଜଣାପଡୁଛି । 'ଦ ରାଜା ସାବ୍'ରେ ପ୍ରଭାସଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ନିଧି ଅଗ୍ରୱାଲ, ମାଲବିକା ମୋହନନ୍, ରିଦ୍ଧି କୁମାର, ଯୋଗୀ ବାବୁ ଆଦି କାମ କରୁଛନ୍ତି । ଏହା ଡିସେମ୍ବର ୫, ୨୦୨୫ରେ ରିଲିଜ୍ ହେବ ।




## ଆଜିର ଦିନରେ


- ୧୯୨୯ - ସୋଭିଏତ୍ ସଂଘ ଚୀନ୍ ସହିତ କୂଟନୈତିକ ସମ୍ପର୍କ ଛିନ୍ନ କଲା ।
- ୧୯୪୮ - ଭାରତୀୟ ମହିଳାଙ୍କୁ ପ୍ରଶାସନିକ ସେବା ସହିତ ସାର୍ବଜନୀନ ସେବାଗୁଡ଼ିକରେ ଭର୍ତ୍ତି ହେବା ପାଇଁ ଅନୁମତି ମିଳିଲା ।
- ୧୯୫୦- ପଞ୍ଜାବର ପଠାନ୍‌କୋଟ୍ ଠାରେ ଭାରତର ପ୍ରଥମ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ।
- ୧୯୯୫- ଫୋର୍ବସ୍ ପତ୍ରିକା ମାଇକ୍ରୋସଫ୍ଟର ସଂସ୍ଥାପକ ବିଲ୍ ଗେଟସ୍‌ଙ୍କୁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଭାବେ ଘୋଷଣା କଲା ।
- ୨୦୧୪- ମାଲେସିଆ ଏୟାରଲାଇନ୍ସର ବିମାନ-୧୭ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୮୩ ଯାତ୍ରୀଙ୍କ ସହ ଚାଳକ ଦଳର ୧୫ ଜଣ ସଦସ୍ୟଙ୍କ ପ୍ରାଣହାନି ।

## ୫୨ ବର୍ଷ ଧରି ପେଟ ଭିତରେ ଥିଲା ଟୁଥ୍‌ବ୍ରଶ





ପୂର୍ବ ଚୀନ୍‌ର ଅନହୁଇ ଅଞ୍ଚଳରୁ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି । ଏଠାରେ ୬୪ ବର୍ଷ ବୟସ୍କ ୟାଙ୍ଗଙ୍କ ଅନ୍ତନଳୀରୁ ୧୭ ସେଣ୍ଟିମିଟର ଲମ୍ବା ଟୁଥ୍‌ବ୍ରଶ ବାହାର କରାଯାଇଛି । ବିଡମ୍ବନାର ବିଷୟ ହେଉଛି, ଟୁଥ୍‌ବ୍ରଶଟି ୫୨ ବର୍ଷ ଧରି ତାଙ୍କ ଅନ୍ତନଳୀରେ ରହି ଆସିଥିଲା । ଏହି ଘଟଣା କେବଳ ଡାକ୍ତରଙ୍କୁ ଆଶ୍ଚର୍ଯ୍ୟଚକିତ କରି ନାହିଁ, ସାଧାରଣ ଲୋକେ ବି ଏଥିରେ ବିସ୍ମିତ ହୋଇଛନ୍ତି । ୟାଙ୍ଗ ଦୀର୍ଘ ଦିନ ହେବ ପେଟରେ ଯନ୍ତ୍ରଣା ଅନୁଭବ କରୁଥିଲେ । ଏହାପରେ ସେ ହସ୍‌ପିଟାଲରେ ପରୀକ୍ଷା କଲେ । ତାଙ୍କ ପେଟରେ ଟୁଥ୍‌ବ୍ରଶ ଥିବା ଜଣାପଡ଼ିଥିଲା । ତେବେ ୧୨ ବର୍ଷ ବୟସରେ ସେ ଏହି ଟୁଥ୍‌ବ୍ରଶକୁ ଭୁଲବଶତଃ ଗିଳି ଦେଇଥିଲେ ବୋଲି ୟାଙ୍ଗ ଡାକ୍ତରଙ୍କୁ କହିଛନ୍ତି । ବାପାମାଆ ଗାଳି କରିବେ ବୋଲି ଭୟରେ ଏହି ଘଟଣାକୁ ସେ ସେତେବେଳେ ସମସ୍ତଙ୍କଠାରୁ ଲୁଚାଇ ରଖିଥିଲେ । ଅବଶ୍ୟ ସେ ଭାବିଥିଲେ ପରବର୍ତ୍ତୀ ସମୟରେ ଆପେ ଆପେ ଏହା ପେଟରୁ ବାହାରି ଯିବ, କିନ୍ତୁ ସେମିତି କିଛି ହେଲା ନାହିଁ । ତେବେ ସେବେଠୁ ସେ ସ୍ୱାଭାବିକ ଜୀବନ ଅତିବାହିତ କରି ଆସୁଥିଲେ । ଅଚାନକ ପେଟରେ ଯନ୍ତ୍ରଣା ବଢ଼ିବାରୁ ସେ ହସ୍‌ପିଟାଲ ଯାଇଥିଲେ ଓ ପେଟରେ ଟୁଥ୍‌ବ୍ରଶ୍ ଥିବା କଥା ଜାଣିବାକୁ ପାଇଥିଲେ । ୮୦ ମିନିଟ୍ ପର୍ଯ୍ୟନ୍ତ ତାଙ୍କ ଅପରେସନ୍ ଚାଲିଲା ଏବଂ ଡାକ୍ତର ତାଙ୍କ ପେଟରୁ ଟୁଥ୍‌ବ୍ରଶ ବାହାର କରିଥିଲେ । ଡାକ୍ତରଙ୍କ ମତରେ, ସାଧାରଣତଃ ଏତେ ବର୍ଷ ଧରି ଶରୀରରେ କୌଣସି ତୀକ୍ଷ୍ଣ କିମ୍ବା ସୂକ୍ଷ୍ମ ଜିନିଷ ଅନ୍ତନଳୀରେ ରହିଲେ ଛିଦ୍ର କିମ୍ବା ସଂକ୍ରମଣ ହୋଇପାରେ । ଯାହାକି ଜୀବନ ପାଇଁ ମାରାତ୍ମକ ହୋଇଥାଏ । ହେଲେ ୟାଙ୍ଗ ଭାଗ୍ୟବାନ ଯେ, ଟୁଥ୍‌ବ୍ରଶ ଅନ୍ତନଳୀରେ ଏଭଳି ଭାବେ ଅଟକି ରହିଥିଲା ଯେ, ତାଙ୍କୁ ଏ ଲାଗି କୌଣସି ଗୁରୁତର କ୍ଷତି ପହଞ୍ଚି ନାହିଁ । ଅନ୍ୟପଟେ ୨୦୧୯ ମସିହାରେ ଗୁଆଙ୍ଗଡୋଙ୍ଗ ଅଞ୍ଚଳର ୫୧ ବର୍ଷୀୟ ଜଣେ ବ୍ୟକ୍ତିଙ୍କ ଅନ୍ତନଳୀରୁ ୧୪ ସେଣ୍ଟିମିଟରର ଟୁଥ୍‌ବ୍ରଶ ବାହାର କରାଯାଇଥିଲା । ଏହି ବ୍ୟକ୍ତି ଜଣକ ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ଏହାକୁ ଗିଳି ଦେଇଥିଲେ ।



## ଭିନ୍ନ ଏକ ଗଛ

ବିଶ୍ୱରେ ଅନେକ ପ୍ରଜାତିର ଗଛଲତା ରହିଛି । ତନ୍ମଧ୍ୟରୁ କିଛି ଗଛଲତା ତା'ର ବିଶେଷତା ତଥା ସ୍ୱତନ୍ତ୍ରତା ପାଇଁ ଜଣାଯାଏ । ସେମିତି ଏକ ଗଛ ହେଉଛି ପୁୟା ରାଇମୋଣ୍ଡି । ଏହି ଗଛରେ ୧୦୦ ବର୍ଷରେ ମାତ୍ର ଥରେ ଫୁଲ ଫୁଟିଥାଏ । ତେଣୁ ଜଣେ ଲୋକ ତା'ର ଜୀବନକାଳରେ ଥରୁଟିଏ ଏହାର ଫୁଲକୁ ଦେଖିବାର ସୁଯୋଗ ପାଇଥାଏ । ଏହାକୁ ଆଣ୍ଡିଜ୍‌ର ରାଣୀ ମଧ୍ୟ କୁହାଯାଏ । ଗଛର ବୟସ ୮୦ ରୁ ୧୦୦ ବର୍ଷ ହେଲେ ହିଁ ଏଥିରେ ଫୁଲ ଦେଖାଯାଏ । ଏହା କାକଟସ୍ ପ୍ରଜାତିର । ଦକ୍ଷିଣ ଆମେରିକାରେ ୧୨,୦୦୦ ଫୁଟ ଉଚ୍ଚରେ ପୁୟା ରାଇମୋଣ୍ଡି ଦେଖିବାକୁ ମିଳିଥାଏ । ଏହି ଗଛଟି ଅତି ଅନୁନ୍ନତ ମାଟି ସହିତ ଥଣ୍ଡା ଏବଂ ଶୁଷ୍କ ଜଳବାୟୁରେ ବଢ଼ିଥାଏ । ପୁୟା ରାଇମୋଣ୍ଡି ହେଉଛି ବିଶ୍ୱର ସବୁଠାରୁ ବଡ଼ ବ୍ରୋମେଲିଆଡ ପ୍ଲାଣ୍ଟ । ତେବେ ଏହାର ଫୁଲ ଫୁଟିବାକୁ କେତେ ସମୟ ଲାଗେ ତାହା ଏବେ ବି ବିତର୍କର ବିଷୟ ହୋଇ ରହିଛି । ପୁୟା ରାଇମୋଣ୍ଡି ୩୩ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରେ । ଯେତେବେଳେ ଏଥିରେ ଫୁଲ ଫୁଟେ ଏହା ବହୁତ ସୁନ୍ଦର ଦେଖାଯାଏ । କାରଣ ଏଥିରେ ହଜାର ହଜାର ସଂଖ୍ୟାରେ ଧଳା ଫୁଲ ଫୁଟେ ଏବଂ ସମ୍ପୂର୍ଣ୍ଣ ଗଛ ଫୁଲରେ ପରିପୂର୍ଣ୍ଣ ହୋଇଯାଏ । କିନ୍ତୁ ଫୁଲ ଫୁଟିବା ପରେ ହିଁ ଗଛଟି ମରିଯାଏ ।

## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ବ୍ୟବସାୟରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ଉଧାର ଧନ ଫେରିପାଇବେ । ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ । ଲୋକ ସମ୍ପର୍କ ବଢ଼ିବ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିପାରନ୍ତି । ଧନ ଆଗମନ ଯୋଗ ଅଛି । ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ । ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ । ଅତିରିକ୍ତ ଦାୟିତ୍ୱ ତୁଲାଇବେ । ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ସଫଳତା ପାଇଁ କଠିନ ପରିଶ୍ରମ କରିବେ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ସମାଜରେ ପ୍ରତିଷ୍ଠା ବଢ଼ିବ । ମାନ ସମ୍ମାନ ବୃଦ୍ଧି ହେବ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିପାରେ । ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ସାମାଜିକ କାର୍ଯ୍ୟରେ ସାମିଲ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ଯାତାୟତ ସମୟରେ ଧ୍ୟାନ ଦିଅନ୍ତୁ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ଉତ୍‌ଫୁଲ୍ଲିତ ରହିବେ । ଦୀର୍ଘ ଦିନର ଆଶା ପୂରଣ ହୋଇପାରେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ପାରିବାରିକ ବିବାଦରୁ ଦୂରେଇ ରହିବେ ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ । ଗୁରୁଜନଙ୍କ ଆଦେଶ ପାଳନ କରିବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହେବ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ଦାନଧର୍ମ କରନ୍ତୁ ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିପାରନ୍ତି । ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ଦାନ ଧର୍ମ କରିବେ ।






ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାର ପ୍ରତିବାଦରେ ବୁଧବାର ବିଜେଡି ପକ୍ଷରୁ ଲୋକସେବା ଭବନ ଘେରଉ ବେଳେ ପୁଲିସ ଆକ୍ରମଣରେ ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼େଇ ଏବଂ ସୁଲତା ଦେଓ ଆହତ

# ହସ୍ପିଟାଲରେ ଆହତ ବିଜେଡି ନେତାଙ୍କୁ ଭେଟିଲେ ପାଣ୍ଡିଆନ ଦମ୍ପତି

ଭୁବନେଶ୍ୱର,୧୬।୭(ସମିସ): ବିଜେଡି ପକ୍ଷରୁ ଲୋକସେବା ଭବନ ଘେରାଉ ସମୟରେ ପୁଲିସ ଆକ୍ରମଣରେ ଆହତ ବିଜେଡି ନେତାମାନଙ୍କୁ ଡ଼ାକ୍ତରଖାନାରେ ଭେଟିଛନ୍ତି ପୂର୍ବତନ ୫-ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଓ ତାଙ୍କ ପତ୍ନୀ ତଥା ପୂର୍ବତନ ଆଇଏଏସ୍ ସୁଜାତା ରାଉତ କାର୍ତ୍ତିକେୟନ। ଏହି ଅବସରରେ ସେ ଚିକିତ୍ସାଧୀନ ବିଜେଡି ନେତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଡ଼ାକ୍ତରଙ୍କ ସହ ମଧ୍ୟ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି ।

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ନ୍ୟାୟ ଦାବି କରି ବିଜେଡି ପକ୍ଷରୁ ଆଜି ଲୋକସେବା ଭବନ ଘେରାଉ କରାଯାଇଥିଲା। ଏହି ସମୟରେ ଦଳର ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ। ମାତ୍ର ପୁଲିସର ପାଣିମାଡ଼, ଲୁହାବୁହା ଗ୍ୟାସ ଓ ରବର ଗୁଳି ମାଡ଼ରେ ଦଳର ଦୁଇ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼େଇ ଓ ସାଂସଦ ସୁଲତା ଦେଓ ଗୁରୁତର ଆହତ ହୋଇଥିଲେ। ଏହା ସହ ଶତାଧିକ କର୍ମୀ ଓ କର୍ମକର୍ତ୍ତା ଆହତ ହୋଇ ବିଭିନ୍ନ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଏହି ସୂଚନା ପାଇବା ପରେ ପୂର୍ବତନ ୫-ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଓ ତାଙ୍କ ପତ୍ନୀ ସୁଜାତା ରାଉତ କାର୍ତ୍ତିକେୟନ ଆପୋଲୋ ହସ୍‌ପିଟାଲରେ ଚିକିତ୍ସାଧୀନ ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ଉତ୍କଳ ହସ୍‌ପିଟାଲରେ ଚିକିତ୍ସାଧୀନ ପ୍ରୀତିରଞ୍ଜନ ଘଡ଼ାଇ ଓ ସୁଲତା ଦେଓଙ୍କୁ ଭେଟିଛନ୍ତି । ଏହି ସମୟରେ ପାଣ୍ଡିଆନ ଦମ୍ପତି ଡାକ୍ତରମାନଙ୍କ ସହ ମଧ୍ୟ ଆଲୋଚନା କରି ସେମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ମଧ୍ୟ ଅନୁରୋଧ କରିଛନ୍ତି ।

# ନିର୍ଯାତନା ନିଆଁ: ସଂସଦ ଘେରିବ କଂଗ୍ରେସ

## ରାଜ୍ୟରେ ଲାଗୁ ହେଉ ରାଷ୍ଟ୍ରପତି ଶାସନ: ଅଲକା ଲାମ୍ବା

ଭୁବନେଶ୍ୱର,୧୬।୭(ସମିସ): ଆସନ୍ତା ୨୧ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହି ସମୟରେ କଂଗ୍ରେସ ସଂସଦ ଘେରାଉ କରିବ। ଘେରାଉ ବେଳେ ଓଡିଶା ପ୍ରସଙ୍ଗକୁ ପ୍ରାଥମିକତା ଦିଆଯିବ; ଏଠି ସରକାରୀ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ। ତେଣୁ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଲାଗୁ ହେଉ ବୋଲି ଦାବି କରିଛି କଂଗ୍ରେସ।

ବୁଧବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି ଯେ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ପ୍ରସଙ୍ଗରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦୁଇ ଦିନ ହେବ ଲଗାତର ସୋସିଆଲ ମିଡିଆରେ କ୍ଷୋଭ ପ୍ରକାଶ କରିଛନ୍ତି। ଆଜି ସକାଳେ ସୌମ୍ୟାଶ୍ରୀଙ୍କ ପରିବାର ସହିତ ସେ କଥା ହେଇଛନ୍ତି। ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ନିର୍ଯାତନା ସଂପର୍କରେ ବିଧାନସଭାରେ ପୂର୍ବରୁ ଆମ ବିଧାୟକମାନେ ମହିଳା ସୁରକ୍ଷା ପାଇଁ ଆଲୋଚନା କରିବାକୁ ଦାବି

**ମହିଳାଙ୍କ ପାଇଁ ଓଡ଼ିଶା ଏବେ ମୃତ୍ୟୁକୂପ**



କରିବାରୁ ତାଙ୍କୁ ବିଧାନସଭାରୁ ବାହାର କରି ଦିଆଯାଇଛି। ଏବେ ପୁଣି ଫକୀରମୋହନ ମହାବିଦ୍ୟାଳୟରେ ଛାତ୍ରୀ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି । ଶାସକ ବିଜେପି ନେତାମାନେ ଏ ସମ୍ପର୍କରେ ସବୁକିଛି ଜାଣିଥିଲେ ମଧ୍ୟ ନିରବ ରହିଲେ। ରାଷ୍ଟ୍ରପତି ଏହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ସାଂସଦ, ବିଧାୟକ ସବୁ ଜାଣି ବି ନିରବ ରହିଲେ। ଝିଅକୁ ଆତ୍ମହତ୍ୟା କରିବାକୁ ବାଧ୍ୟ କଲେ। ପ୍ରଧାନମନ୍ତ୍ରୀ ଯଦି ଏହି ଝିଅକୁ ଦେଖା କରିଥାନ୍ତେ ତେବେ ସେ ଆଜି ମରିନଥାନ୍ତା। ଓଡ଼ିଶାରେ ନାରୀ ନିର୍ଯାତନା ମାମଲା ସାରା ଦେଶକୁ ହଲାଇ ଦେଇଛି। ରାଜସ୍ଥାନ, ଉତ୍ତରପ୍ରଦେଶ, ଓଡ଼ିଶା ସମେତ ୯ ବିଜେପି ଶାସିତ ରାଜ୍ୟରେ ମହିଳା ଅତ୍ୟାଚାର ବଢ଼ିଛି। ଓଡିଶାରେ ପୁଲିସ କାର୍ଯ୍ୟାନୁଷ୍ଠାନ କରିବାକୁ ଡ଼ରୁଛି। ରାଜନୈତିକ ହସ୍ତକ୍ଷେପ ବଢ଼ିଛି। ପୁଲିସ ଉପରେ ଚାପ ବଢ଼ିଛି। ଏହା ବିରୋଧରେ ପ୍ରତି ଜିଲ୍ଲା, ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ମହିଳା କଂଗ୍ରେସ ଯିବ ବୋଲି ସେ କହିଛନ୍ତି। ସେଥିପାଇଁ ଆସନ୍ତା କାଲି ଓଡ଼ିଶାବନ୍ଦ ଡ଼ାକରା ଦିଆଯାଇଛି। ଓଡିଶା ବନ୍ଦ ଡାକରାକୁ ସମସ୍ତେ ସମର୍ଥନ ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ରାଜ୍ୟ ସଭାପତି ମିନାକ୍ଷୀ ବାହିନୀପତି, ବିଧାୟିକା ସୋଫିଆ ଫିର୍ଦୋଷ, ମୁଖପାତ୍ର ଡଃ ମନୀଷା ଦାସପଟ୍ଟନାୟକ, ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରଙ୍କ ସବୁ ଗୁଳି ସରିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ: ସଂତୃପ୍ତ

ଭୁବନେଶ୍ୱର,୧୬।୭(ସମିସ): ବୁଧବାର ଲୋକସେବା ଭବନ ଘେରଉ ସମୟରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ବର୍ଷିଛନ୍ତି ବିଜେଡିର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର। ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ସେ ଲେଖିଛନ୍ତି ଯେ ରାଜ୍ୟ ସରକାର ନିଜର ଅପାରଗତା ଓ ଦୋଷକୁ ଘୋଡ଼ାଇବା ପାଇଁ ବିଜେଡ଼ି ନେତା ଓ କର୍ମୀମାନଙ୍କ ଉପରେ ବର୍ବର ଆକ୍ରମଣ କରିଛନ୍ତି। ଯଦି ସରକାର ଶାନ୍ତି ପୂର୍ବକ ଗଣତନ୍ତ୍ର ପ୍ରକ୍ରିୟାକୁ ସମ୍ମାନ ଦେଇପାରିବେ ନାହିଁ ଓ ପୁଲିସ ଶକ୍ତି ଦ୍ୱାରା ଲୋକଙ୍କର ସ୍ୱରକୁ ଚାପିବା ପାଇଁ ଚେଷ୍ଟା କରିବେ,ତେବେ ସେମାନେ ଗାଦି ଛାଡ଼ି ଦେବା ଉଚିତ୍। ଏପରି ଏକ ଭଣ୍ଡ ଓ ଭ୍ରଷ୍ଟ ସରକାର ଓଡ଼ିଶାରେ ଚାଲିବ ନାହିଁ। ରାଜ୍ୟବାସୀ ଏହାକୁ ସହିବେ ନାହିଁ। ଓଡ଼ିଶା ସରକାରଙ୍କର ସମସ୍ତ ଗୁଳି ସରିବା ପର୍ଯ୍ୟନ୍ତ ବିଜେଡି ବିରୋଧ କରିଚାଲିବ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

# ବିରୋଧୀଙ୍କ ସ୍ୱର ବନ୍ଦ ଲାଗି ଘୃଣ୍ୟ ରାଜନୀତି: ମାନସ

ଭୁବନେଶ୍ୱର,୧୬।୭(ସମିସ): ବିଜେଡ଼ି ନେତା ଓ କର୍ମୀଙ୍କ ଉପରେ ପୁଲିସର ରବର ବୁଲେଟ ମାଡକୁ ଦୃଢ ନିନ୍ଦା କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ। ସାମାଜିକ ଗଣମାଧ୍ୟମ ‘ଏକ୍ସ’ ସେ କହିଛନ୍ତି ଯେ ରବର ବୁଲେଟ ଗୁରୁତର ଆଘାତ ଦେଇପାରେ ଏହା ଓଡ଼ିଶା ପୁଲିସ ଜାଣିଛି। ଏହାର ବ୍ୟବହାର ପାଇଁ ନିର୍ଦ୍ଦିଷ୍ଟ ନିୟମାବଳୀ ରହିଛି। ଏହାସତ୍ତ୍ୱେ ପୁଲିସ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଆନ୍ଦୋଳନକାରୀଙ୍କ ବିରୋଧରେ ଏହାକୁ କେମିତି ପୁଲିସ ପ୍ରୟୋଗ କଲା ତାହା ସବୁଠାରୁ ବଡ଼ ପ୍ରଶ୍ନ। ସମସ୍ତ ଶାନ୍ତିପୂର୍ଣ୍ଣ ଉପାୟ ଯେତେବେଳେ ବିଫଳ ହୁଏ, ସେତେବେଳେ ରବର ବୁଲେଟ ବ୍ୟବହାର ବ୍ୟବହାର କରିବାର ନିୟମ ରହିଛି। ଏହାର ଅପବ୍ୟବହାର କାରଣରୁ ଆଇନଗତ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ଆମେ ଆତଙ୍କବାଦୀ ନୋହୁଁ। ଘୃଣ୍ୟ ରାଜନୀତି ଦ୍ୱାରା ବିରୋଧୀଙ୍କ ମୁହଁ ବନ୍ଦ ବନ୍ଦ କରିବାର ଏପରି ଉଦ୍ୟମ ସରକାରଙ୍କ ପାଇଁ ମହଙ୍ଗା ପଡ଼ିବ ବୋଲି ମାନସ କହିଛନ୍ତି।

# ହାତୁଡି ଓ ପଥରରେ ଛେଚି ବାପା-ମା’ଙ୍କୁ ହତ୍ୟାକଲା ନିଶାସକ୍ତ ପୁଅ



ବେତନଟୀ/ମାଣତ୍ରୀ,୧୬।୭(ସମିସ): ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଉତ୍ତରପାଳ ଗାଁ ଉପକଣ୍ଠ ଧନାପାଳ ଗ୍ରାମରେ ନିଜର ଜନ୍ମକଲା ପୁଅ ବୃଦ୍ଧ ବାପା-ମା’ଙ୍କୁ ପଥର ଓ ହାତୁଡିରେ ଛେଚି ନୃଶଂସଭାବେ ହତ୍ୟା କରିଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଅଭିଯୁକ୍ତ ହତ୍ୟାକାରୀ ପୁଅ ହେଉଛି ଧନାପାଳ ଗ୍ରାମର ଶୁକୁରା ଓରଫ ହିମାଂଶୁ ସାହୁ (୫୦)। ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ସୂଚନା ଅନୁସାରେ, ଅଭିଯୁକ୍ତ ଶୁକୁରା ଓରଫ ହିମାଂଶୁ ପତ୍ନୀ ଓ ୨ ଝିଅଙ୍କୁ ଛାଡି ମାଣତ୍ରୀରେ ଅନ୍ୟ ଜଣେ ବିବାହିତା ମହିଳାଙ୍କ ସହିତ ରହୁଥିଲା। ପେଶାରେ ସେ ଅଟୋ ଚାଳକ। ଘରେ ରୋଗୀଣା ବୃଦ୍ଧ ବାପା-ମା’ ରହୁଥିଲେ। ମଝିରେ ମଝିରେ ଶୁକ୍ରା ନିଶାସକ୍ତ ଅବସ୍ଥାରେ ଘରକୁ ଆସି ପାଟିତୁଣ୍ଡ କରେ। ଏପରି ସମସ୍ୟା ପାଇଁ ସ୍ତ୍ରୀ ଏବଂ ପିଲାଛୁଆ ଦୀର୍ଘଦିନ ହେବ ଶୁକୁରାଠାରୁ ଅଲଗା ହୋଇ ବାପଘରେ ରହିଆସୁଛନ୍ତି। ବୁଧବାର ସକାଳେ ବୃଦ୍ଧା ମା’ ଶାନ୍ତିଲତା (୭୮)ଙ୍କ କ୍ଷତାକ୍ତ ଶରୀର ଆଶାବାଡି ସହ ଘର ବାରଣ୍ଡା ପାହାଚ ତଳେ ପଡ଼ିଥିବା ବେଳେ ସେ ନିଜେ ନିଶାସକ୍ତ ଭାବରେ ପଲଙ୍କ ଉପରେ ବସିଥିଲା। ଏହା ଦେଖୀ ଗ୍ରାମବାସୀଙ୍କ ମନରେ ସନ୍ଦେହ ହୋଇଥିଲା। ପରେ ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବେତନଟୀ ଏସଡିପିଓ, ବୈଶିଙ୍ଗା ଥାନା ଅଧିକାରୀ ଓ ମାଣତ୍ରୀ ଫାଣ୍ଡି ଅଧିକାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥଲେ। ଘର ଭିତରେ ୮୫ ବର୍ଷୀୟ ବୃଦ୍ଧ ବାପା ହାଡିବନ୍ଧୁ ସାହୁଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପାଇଥିଲେ ପୁଲିସ। ପରେ ହତ୍ୟାକାରୀ ପୁଅକୁ ପୁଲିସ ଗିରଫ କରିବା ସହିତ ସାଇଣ୍ଟିଫିକ ଦଳ ଦ୍ୱାରା ତଦନ୍ତ କରି ଏକ ନରହତ୍ୟା ମାମଲା ରୁଜୁ କରି ଶବବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାକୁ ନେଇ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି। ହତ୍ୟାରେ ବ୍ୟବହୃତ ହାତୁଡି ଓ ପଥରକୁ ପୁଲିସ ଜବତ କରିଛି।

# ଆନ୍ତଃଜିଲ୍ଲା ଗ୍ୟାଙ୍ଗର ଦୁଇ ଗିରଫ


**୨୬ ଚୋରା ଗାଡ଼ି ଜବତ କଲା ପୁଲିସ**

କେନ୍ଦୁଝର, ୧୬।୭(ସମିସ): ବାଇକ୍ ଚୋରି ଗ୍ୟାଙ୍ଗ ଠାବ କରିବାରେ କେନ୍ଦୁଝର ପୁଲିସକୁ ବଡ଼ ସଫଳତ ମିଳିଛି। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଏକ ଚୋରି ବୋଲେରୋ ଗାଡ଼ିର ତଦନ୍ତ କରୁଥିବା ସମୟରେ ୨୬ଟି ଚୋରା ଗାଡିକୁ ଜବତ କରିବାରେ ସଫଳ ହୋଇଛି ପୁଲିସ।

ପୁଲିସ ସୂଚନା ମୁତାବକ, ରାମଚନ୍ଦ୍ରପୁର ଥାନାଞ୍ଚଳର ବଳରାମ ବେହେରାଙ୍କ ଏକ ଓଡି-୦୫-ଏମ -୦୬୨୭ ନମ୍ବର ବୋଲେରୋ ଗାଡିଟି ୨/୬/୨୦୨୫ ରାତ୍ରିରେ ଘର ସମ୍ମୁଖରୁ ଚୋରି ହୋଇଥିଲା। ଏସପି ନିତିନ କୁଶଲକରଙ୍କ ନିର୍ଦ୍ଦେଶକ୍ରମେ ଡିଏସପି ସୁଦର୍ଶନ ଗାଙ୍ଗୋଇଙ୍କ ନେତୃତ୍ୱରେ ଏକାଧିକ ଟିମ ଗଠନ ହୋଇ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର, ଟେଣ୍ଟପଶି ଅଞ୍ଚଳରୁ ସମୁଦାୟ ୨୬ଟି ଗାଡ଼ି ଜବତ କରିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଥାନା ଭାଲୁବସାର ଏସକେ ୱାଜିଦ(୨୩) ଏବଂ ମୁଷାବଣିର ଜୟୀ ସିଟ (୨୩)। ସେମାନେ ଚୋରି କରିଥିବା ଗାଡିଗୁଡିକ ମଧ୍ୟରେ ମଧ୍ୟରେ ୧୬ଟି ବୋଲେରୋ, ୭ଟି ପିକଅପ ଭ୍ୟାନ, ୧ଟି ସ୍କର୍ପିଓ, ୧ଟି ଟାଟା ଏସି ଓ ଏକ ମିନି ଟ୍ରକକୁ ଜବତ କରାଯାଇଛି। ଇଞ୍ଜିନ, ଚେଚିସ ଓ ଗାଡିର ନମ୍ବରକୁ ସଙ୍ଗଠିତ ଅପରାଧ ଉଦ୍ଦେଶ୍ୟରେ ବଦଳା ଯାଇ ବ୍ୟବହୃତ ହେଉଥିଲା। ତଦନ୍ତ ସମୟରେ ଏହି ଗାଡିଗୁଡ଼ିକୁ ଗାଇ ଚୋରାଚାଲାଣ ଓ ଚୋରି କାମରେ ବ୍ୟବହୃତ କରାଯାଉଥିବା ପୁଲିସ ସୂଚନା ଦେଇଛି। ଗାଡିର ମଝି ସିଟ୍‌କୁ ଫୋଲଡିଂ ସହ ଖୋଲିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଗିରଫ ଦୁଇଜଣଙ୍କ ନାମରେ ମୟୂରଭଞ୍ଜର ଝାରପୋଖରୀଆ ଥାନା, ରାଇରଙ୍ଗପୁର ଟାଉନ ଥାନା, କେନ୍ଦୁଝର ସଦର ଥାନା, କେନ୍ଦୁଝର ଟାଉନ ଥାନା, ପାଟଣା ଥାନା, ତେଲକୋଇ ଥାନା, ତୁରୁମୁଙ୍ଗା ଥାନା, କାଞ୍ଜିପାଣି ଥାନା ଏବଂ କେନ୍ଦୁଝର ଜିଲ୍ଲା ବାରିଆ ଥାନାରେ ଅନେକ ମାମଲା ରହିଛି। ଅନ୍ୟପକ୍ଷରେ, ବିଏନଏସ୍ କେଶ ଅନୁଯାୟୀ ଧାରା ୧୧୧/୧୧୨ ଅନୁସାରେ ଏମାନଙ୍କ ସମ୍ପତ୍ତିକୁ ମଧ୍ୟ ଆଟାଚ କରାଯିବା ବୋଲି କେନ୍ଦୁଝର ଏସପି ସୂଚନା ଦେଇଛନ୍ତି।

# ସୌମ୍ୟାଶ୍ରୀଙ୍କ ବାପାଙ୍କୁ ରାହୁଲଙ୍କ ସାନ୍ତ୍ୱନା

ଭୁବନେଶ୍ୱର,୧୬।୭(ସମିସ): ଓଡ଼ିଶାରୁ ଯାଇ ଦିଲ୍ଲୀରେ ପହଞ୍ଚିଛି ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା। ଏହି ପ୍ରସଙ୍ଗରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟ ବିଜେପି ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ଆଜି ପୀଡ଼ିତାଙ୍କ ବାପାଙ୍କ ସହ ଫୋନ ଯୋଗେ କଥା ହୋଇ ସାନ୍ତବନା ଦେଇଛନ୍ତି। ତାଙ୍କ ଦୁଃଖକୁ ସେ ଅନୁଭବ କରିପାରୁଛନ୍ତି ବୋଲି ଉଲ୍ଲେଖ କରି ଏହି ଲଢ଼େଇରେ ତାଙ୍କ ସହ କଂଗ୍ରେସ ଠିଆ ହୋଇଛି ବୋଲି ରାହୁଲ କହିଛନ୍ତି।



ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଆଜି ରାହୁଲ ଗାନ୍ଧୀ ଓ ମୃତ ଛାତ୍ରୀଙ୍କ ପିତା ସହ କଥାବାର୍ତ୍ତାର ସଂଯୋଜନା କରାଇଥିଲେ। ଏହାପରେ ରାହୁଲ ତାଙ୍କ ଟ୍ୱିଟର ହାଣ୍ଡେଲରେ ଏକ ପୋଷ୍ଟ ସେୟାର କରିଛନ୍ତି। ଏଥିରେ ସେ ଲେଖିଛନ୍ତି, “ଓଡିଶାର ବାଲେଶ୍ୱର ଜିଲ୍ଲାରେ ନ୍ୟାୟ ପାଇଁ ଲଢେଇ କରି ଜୀବନ ଦେଇଥିବା ସାହାସୀ ଝିଅର ବାପାଙ୍କ ସହ କଥା ହୋଇଥିଲି। ତାଙ୍କ ସ୍ୱରରେ ଝିଅକୁ ହରାଇଥିବାର ଦୁଃଖ, ସ୍ୱପ୍ନ ଏବଂ ସଂଘର୍ଷ ଅନୁଭବ କରିପାରିଲି। କଂଗ୍ରେସ ଦଳ ଏବଂ ମୁଁ ପ୍ରତି ପାଦରେ ତାଙ୍କ ସହ ଅଛୁ। ତାଙ୍କ ସହ ଯାହା ହେଲା ତାହା ଅତ୍ୟନ୍ତ ଅମାନବୀୟ ଏବଂ ଲଜ୍ଜାଜନକ। ପୁରା ସମାଜ ପାଇଁ ଏହା ଏକ ଆଘାତ। ଯେ କୌଣସି ପରିସ୍ଥିତିରେ ଆମେ ତାଙ୍କ ପରିବାରକୁ ସମ୍ପୂର୍ଣ୍ଣ ନ୍ୟାୟ ଦେବୁ ବୋଲି ରାହୁଲ ଉଲ୍ଲେଖ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ

ଭୁବନେଶ୍ୱର,୧୬।୭(ସମିସ): ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଛି ଯୁବ କଂଗ୍ରେସ। ସ୍ଥାନୀୟ ଭୁବନେଶ୍ୱର କ୍ଲବ ଠାରୁ ପ୍ରଦେଶ ଯୁବ କଂଗ୍ରେସର ଏକ ରାଲି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଯୁବ କଂଗ୍ରେସର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ।




ପ୍ରାୟ ଘଣ୍ଟାଏ ଧାରଣା ପରେ ଯୁବ କଂଗ୍ରେସ କର୍ମୀମାନେ ପୁଲିସ ବାରିକେଡ଼ ଅତିକ୍ରମ ଉଦ୍ୟମ କରୁଥିବାବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା।

ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସମଗ୍ର ସରକାର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ବିଶେଷ କରି ବାଲେଶ୍ୱର ସାଂସଦ ଏବେ ବହୁ ତତ୍‌ପରତା ଦେଖାଉଛନ୍ତି। ମାତ୍ର ତାହା ଯଦି ପୂର୍ବରୁ ଦେଖାଇଥାନ୍ତେ ତେବେ ବାଲେଶ୍ୱର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇନଥାନ୍ତା। ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଅସହ୍ୟ ହେବାରୁ ଛାତ୍ରୀ ଜଣକ ଚରମ ନିଷ୍ପତ୍ତି ନେଲା। ଏଣୁ ଛାତ୍ରୀଙ୍କୁ ସୁରକ୍ଷା ଦେବାର ଅକ୍ଷମ ଓ ତା’ର ଅଭିଯୋଗ ଶୁଣିବାରେ ଉପେକ୍ଷା କରିଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତୁରନ୍ତ ଇସ୍ତଫା ଦିଅନ୍ତୁ ।

ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ୟାସିର ନୱାଜ କହିଛନ୍ତି ଯେ ନିଜର ଦୋଷ ଲୁଚାଇବା ପାଇଁ ଏବେ ଏବିଭିପି, ବିଜେପି ଓ ମୋହନ ସରକାର ଉଦ୍ୟମ କରୁଛନ୍ତି। ମହାବିଦ୍ୟାଳୟର ସମ୍ମୁଖରେ ଏବିଭିପି ପକ୍ଷରୁ ଯେଉଁ ହେଲ୍ପ ଡେସ୍କ ଖୋଲା ଯାଇଥିଲା ସେଠାରେ ଶିକ୍ଷାନୁଷ୍ଠାନର ଅପରାଧୀ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ସମ୍ମାନିତ କରାଯାଇଛି। ଏହି ଦୁଇଜଣଙ୍କର ଏବିଭିପି ସଂଗଠନ ପ୍ରତି ଦୁର୍ବଳତା ରହିଛି। ତେଣୁ ଦିବଙ୍ଗତ ଛାତ୍ରୀ ପାଇଁ ଏବିଭିପି ଲଢ଼େଇ କରୁଥିଲା ନା ଡ୍ରାମା କରୁଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ପୀଡ଼ିତା ଏବିଭିପିର, ଅପରାଧୀ ଏବିଭିପିର ଓ ରାଜ୍ୟରେ ବିଜେପିର ସରକାର। ତେଣୁ ଛାତ୍ରୀଙ୍କୁ ନ୍ୟାୟ ଦେବାରେ ଅସୁବିଧା କେଉଁଠି ରହିଲା ? ଛାତ୍ରୀ ଜଣଙ୍କ ହଠାତ୍ ପେଟ୍ରୋଲ ପାଇଲେ କେଉଁଠୁ? ଦିଆସିଲି ପାଇଲେ କେଉଁଠୁ? ଏହାର ତଦନ୍ତ ହେବା ଦରକାର ବୋଲି ସେ ଦାବି କରିଛନ୍ତି।

# କଲରାପତରିଆ ବାଘ ଚମଡ଼ା ଜବତ ଘଟଣା; ୭ ଗିରଫ

## ଶିକ୍ଷକ ସାଜିଥିଲେ ବେପାରୀ; ଛତିଶଗଡ ଯାଏ ଲମ୍ବିଛି ଚେର

ବାରିପଦା,୧୬।୭(ସମିସ): ସୋମବାର ରାତିରେ ମୟୂରଭଞ୍ଜ ଜିଲ୍ଲା ବଡସାହି ଓ ଖୁଣ୍ଟା ଥାନା ଅଞ୍ଚଳରୁ ଜବତ ୩ଟି କଲରାପତରିଆ ବାଘ ଚମଡା ଜବତ ଘଟଣାର ସବିଶେଷ ତଥ୍ୟ ପ୍ରଦାନ କରିଛି ବନ ବିଭଗା। ବାରିପଦା ବନଖଣ୍ଡ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ

**ଅନ୍ଧବିଶ୍ୱାସ ଜମାଇ ବେପାରୀ ହେଉଥିଲେ ଲାଭବାନ**

ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡାଙ୍କ ସୂଚନା ଅନୁସାରେ, ଶିମିଳିପାଳ ୱାଇଲ୍ଡ ଲାଇଫ ଗୁଇନ୍ଦା ସରବରାହ ସଂସ୍ଥା ସୂଚନା କ୍ରମେ ବନବିଭାଗ ଏହି ଚଢଉ କରିଥିଲା। ପୃଥକ ସ୍ଥାନରୁ ୩ଟି କଲରାପତରିଆ ବାଘ ଚମଡାକୁ ଜବତ କରିବା ସହିତ ଜଣେ ଶିକ୍ଷକଙ୍କ ସମେତ ୭ଅଭିଯୁକ୍ତକୁ ଗିରଫ କରଯାଇଥିଲା। ସେମାନେ ହେଲେ ନୀଳଗିରି ଥାନା ତେଣ୍ଡା ଗ୍ରାମର ଅମର କୁମାର ସିଂ(୪୦) ଓ ବରହମପୁର ଥାନା ଅଧୀନ କେନ୍ଦୁଆ ଗ୍ରାମର ସୁନାରାମ ହେମ୍ବ୍ରମ(୫୯), ବଡସାହି ଥାନା ଯଦୁନାଥପୁର ଗ୍ରାମର ରାଇସେନ ଚପିଆର(୪୫), ପାଉଁଶିଆ ଗ୍ରାମର ଗୁରୁ ପ୍ରସାଦ ପାତ୍ର ଓ କାଣିମହୁଲି ଗ୍ରାମର ଶିକ୍ଷକ ମନୋରଞ୍ଜନ ଟିପିରିଆ (୪୮), ଖୁଣ୍ଟା ଥାନା ପଶୁଦା ପଞ୍ଚାୟତ କୁଆଁରପାଳ ଗ୍ରାମର ଶେରମାଶ୍ରୀ ସୋରେନ(୨୭) ଏବଂ ଉଦଳା ଥାନା କୁଟଲିଙ୍ଗ ଗ୍ରାମର ଚମ୍ପାଇ



ମୁର୍ମୁ(୩୨)। ମନୋରଞ୍ଜନ ଟିପିରିଆ ଶିକ୍ଷକତା କରୁଥିବା ବେଳେ ବାଘ ଚମଡା କାରବାରର ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡିଛି। ଅଭିଯୁକ୍ତଙ୍କଠାରୁ ୭ଟି ମୋବାଇଲ ଓ ୨ଟି ବାଇକକୁ ଜବତ କରିବା ସହ ଏହି ଘଟଣାରେ ଅଧିକ ସଂଖ୍ୟାରେ ଅପରାଧି ଜଡିତ ଥିବା ନେଇ ଶ୍ରୀ ଗୌଡା ପ୍ରକାଶ କରିଛନ୍ତି। ଗିରଫ ୭ ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ତେବେ ଅନ୍ଧ ବିଶ୍ୱାସକୁ ନେଇ ବାଘ ଚମଡାର ବ୍ୟବସାୟ ହେଉଥିବା ଗୁଇନ୍ଦା ସଂସ୍ଥା ଜାଣିବାକୁ ପାଇଥିଲା। ବାଘ ଚମଡା କିମ୍ବା ଦାନ୍ତକୁ ପୂଜା କଲେ ଟଙ୍କା ଆସିବ ବୋଲି ଅନ୍ଧ ବିଶ୍ୱାସରେ ବାଘ ଚମଡାକୁ ରଖିଥିଲେ। ଏହାକୁ ନେଇ କିଛି ଲୋକ ପୂଜା କରିବାକୁ ଯୋଜନା କରିଥିଲେ। ଏହି ଚମଡାକୁ ନେଇ ବାଲେଶ୍ୱର ଜିଲ୍ଲାର ଅମର ସିଂ ସହିତ ବନବିଭାଗର କର୍ମଚାରୀ ଗ୍ରାହକ ସାଜି ମୂଲଚାଲ ଆରମ୍ଭ କରିଥିଲେ। ସୂତ୍ରକୁ ଆଧାର କରି ବନବିଭାଗର ସ୍ୱତନ୍ତ୍ର ଟିମ ଚଢଉ କରି ଅଭିଯୁକ୍ତ ଅମରକୁ ଗିରଫ କରି ପଚରାଉଚୁରା କରିବା ପରେ ସୁନାରାମ ଓ ଚମ୍ପାଇକୁ ମଧ୍ୟ ଗିରଫ କରିଥିଲେ। ସେମାନଙ୍କୁ ଗିରଫ କରିବା ପରେ ଶେରମାଶ୍ରୀ ଘରେ ଚଢଉ କରି ଗୋଟିଏ ବାଘ ଚମଡା ଜବତ କରିଥିଲେ। ସେହିପରି ପୂଜାପାଠକୁ ନେଇ ଚାଲିଥିବା ଅନ୍ଧବିଶ୍ୱାସ ସୃଷ୍ଟିକରି ମନୋରଞ୍ଜନ ବାଘ ଚମଡା ବିକ୍ରି ପାଇଁ ମସୁଧା ଚଳାଇଥିଲେ। ସଙ୍ଗେ ସଙ୍ଗେ ଅନ୍ୟ ଏକ ଟିମ ଚଢଉ କରି ଗୁରୁପ୍ରସାଦଙ୍କ ଘରୁ ୨ଟି ବାଘ ଚମଡା ଜବତ କରିଥିଲେ। ଗୁରୁପ୍ରାସଦଙ୍କ ସୁନ୍ଦରଗଡ ଜିଲ୍ଲା ସମେତ ଛତିଶଗଡ ବେପାରୀଙ୍କ ଲିଙ୍କ୍ ରହିଛି। ଜବତ ବାଘ ଚମଡାର ଡିଏନଏ ପରୀକ୍ଷା କରିବା ପରେ ଏହା ଶିମିଳିପାଳର ବା ଅନ୍ୟ ଜଙ୍ଗଲର ଶିକାର ବାଘଙ୍କ ଚମଡା ସ୍ପଷ୍ଟ ହେବ। ତେବେ ଛତିଶଗଡରୁ ଏହି ଚମଡା ଆସିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଶ୍ରୀ ଗୌଡା ପ୍ରକାଶ କରିଛନ୍ତି। ଜବତ ଚମଡାରୁ ୨ଟି ପ୍ରାପ୍ତବୟସ୍କ ବାଘ ହୋଇଥିବା ବେଳେ ଅନ୍ୟଟି କମ ବୟସର ବୋଲି ଅନୁମାନ କରାଯାଉଛି। ଜବତ ଚମଡା ଗୁଡିକ ପରୀକ୍ଷା ନିମନ୍ତେ ଭୁବନେଶ୍ୱର ସ୍ଥିତ ଓୟୁଏଟିକୁ ପଠାଯାଇ ରିପୋର୍ଟ ଆସିବା ପରେ ଅଣ୍ଡିରା କିମ୍ବା ମାଈ ବୋଲି ଜଣାପଡିବ। ତେବେ ପାଉଁଶିଆ ଗୁରୁପ୍ରସାଦ ପୂଜାପାଠ ପାଇଁ ଏଭଳି ବ୍ୟବସାୟ ଚଳାଉଥିବା ସହିତ ଯୌନ କେଳେଙ୍କାରୀ କରୁଥିବା ନେଇ ବିଭାଗ ପକ୍ଷରୁ ପୁଲିସକୁ ଅବଗତ କରାଯାଇଛି। ତାଙ୍କ ମୋବାଇଲ ଭିଡିଓରେ ଉତ୍ତୋଳନ ହୋଇଥିବା ମହିଳାଙ୍କ ଦେହରେ ସିନ୍ଦୂର ଲଗାଇବା ସହିତ ଅନେକ ତଥ୍ୟ ହାସଲ କରିଛି। ଏହାକୁ ନେଇ ସବିଶେଷ ତଥ୍ୟ ସହ ଏସପିଙ୍କୁ ଅବଗତ କରାଯିବ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ ପ୍ରକାଶ କରିଛନ୍ତି। ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଲୋକେ ଅର୍ଥ ରୋଜଗାର ଲାଳସାରେ ନୀରିହ ବନବାସୀ ବନ୍ୟଜନ୍ତୁଙ୍କ ଶିକାର କରୁଥିଲେ, ତାହା ଚିନ୍ତାଜନକ। ଏ ନେଇ ବ୍ୟାପକ ସଚେତନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ଶ୍ରୀ ଗୌଡା କହିଛନ୍ତି।

## ପରିବାର ଅଦାଲତ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁନି ପୁଲିସ୍

# ନ୍ୟାୟ ନ ପାଇ ଆତ୍ମାହୁତିର ଚେତାବନୀ ଦେଲେ ମହିଳା

ପ୍ରୀତିପୁର, ୧୬।୭ (ସମିସ)

ନ୍ୟାୟ ନ ପାଇଁ ବାଲେଶ୍ୱରର ଜଣେ ଛାତ୍ରୀ ଆତ୍ମାହୁତି ଭଳି କଠୋର ନିଷ୍ପତ୍ତି ନେବା ଘଟଣା ସାରା ରାଜ୍ୟରେ ଅସନ୍ତୋଷର ନିଆଁ ଜାଳିଥିବା ବେଳେ ପୁଣି ଜଣେ ମହିଳା ଆତ୍ମାହୁତି କରିବାକୁ ଚେତାବନୀ ଦେଉଛନ୍ତି। ପରିବାର ଅଦାଲତର ଆଦେଶ ଅନୁଯାୟୀ ଏକ ସ୍ୱାମୀ ପରିତ୍ୟକ୍ତା କେସ୍‌ରେ ଜନୈକା ମହିଳାଙ୍କୁ ମାସିକ ଭରଣ ପୋଷଣ ପ୍ରଦାନ କରିବା ପାଇଁ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଆଦେଶ ଦେଇଥିଲେ। ମାତ୍ର ଏହି ଆଦେଶକୁ ପାଳନ ନ ହେବା ଫଳରେ ସ୍ୱାମୀଙ୍କ ବିରୁଦ୍ଧରେ ଫ୍ୟାମିଲି କୋର୍ଟ ଗିରଫ ପରୱାନା ଜାରି କରିଥିଲେ। କିନ୍ତୁ ଏହି ଗିରଫ ପରୱାନାକୁ ଦୀର୍ଘ ଛଅବର୍ଷ ଧରି ପୁଲିସ ଫାଇଲର ନାଲିଫିତା ତଳେ ଚାପି ରଖିଛି।

ପ୍ରକାଶ ଯେ ବିଞ୍ଝାରପୁର ଥାନା ଅନ୍ତର୍ଗତ ବରୀ ବ୍ଲକର ଅଙ୍ଗାଲୋ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପିତାମ୍ବର ରାଉତଙ୍କର ଝିଅ ଏଲୋରା ଭାରତୀ ରାଉତ ବରୀ ଥାନା ରାଉତସାହି ଗ୍ରାମର କାହ୍ନୁଚରଣ ରାଉତଙ୍କ ପୁଅ ମାନସ ରାଉତଙ୍କୁ ବିବାହ କରିଥିଲେ। ତାଙ୍କର ଏକ ଝିଅ ଜନ୍ମ ହେବା ପରେ ସ୍ୱାମୀ ସହିତ ମତାନ୍ତର ହୋଇ ସେ ବାପଘରକୁ ଚାଲିଆସିଥିଲେ। ବିବାହ ବିଚ୍ଛେଦ ପୂର୍ବରୁ ଏଲୋରା ଭାରତୀ ତାଙ୍କର ସ୍ୱାମୀଙ୍କ ଠାରୁ ଭରଣ ପୋଷଣ ଦାବି କରି ଫ୍ୟାମିଲ କୋର୍ଟରେ ଏକ ମକଦ୍ଦମା ରୁଜୁ କରିଥିଲେ। ଏହି ମକଦ୍ଦମାର ରାୟରେ ଫ୍ୟାମିଲ କୋର୍ଟ ଏଲୋରା ଭାରତୀ ଓ ତାଙ୍କର ଝିଅ ଙ୍କର ଭରଣ ପୋଷଣ ନିମନ୍ତେ ୪୫୦୦ ଟଙ୍କା ପ୍ରତିମାସରେ ଦେବା ପାଇଁ ସ୍ୱାମୀ ମାନସ ରାଉତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାନସ ଏହି ଭରଣପୋଷଣ ଟଙ୍କା ନ ଦେଇ ଲୁଚୁ ଥିବାରୁ ଏଲୋରା ଭାରତୀ ଫ୍ୟାମିଲ କୋର୍ଟରେ ବାରମ୍ବାର ଅଭିଯୋଗ କରିଥିଲେ। ଫ୍ୟାମିଲ କୋର୍ଟ ବିଚାରପତି ୨୦୧୯, ୨୦୨୩, ୨୦୨୪ ଓ ୨୦୨୫ ମସିହାରେ ବାରମ୍ବାର ଅଭିଯୁକ୍ତ ସ୍ୱାମୀ ମାନସ ରାଉତଙ୍କୁ କୋର୍ଟରେ ହାଜର କରାଇବା ପାଇଁ ବରୀ ରାମଚନ୍ଦ୍ରପୁର ପୁଲିସଙ୍କ ନିକଟକୁ ଗିରଫ ପରୱାନା ପଠାଇବା ସତ୍ତ୍ୱେ ସମ୍ପୃକ୍ତ ପୁଲିସ ଏଥିରେ ତତ୍ପରତା ପ୍ରକାଶ କରୁନାହିଁ। ମାସିକ ଭରଣ ପୋଷଣକୁ ଚାହିଁ ଚାହିଁ ଏଲୋରାଭାରତୀ ଭୋକ ଉପାସରେ ଜୀବନ କାଟୁଥିବା ବେଳେ ନିଜର ପିଲାର ଭବିଷ୍ୟତକୁ ନେଇ ଚିନ୍ତାରେ ଥିବା ପ୍ରକାଶ କରିଛନ୍ତି। ଏଲୋରାଭାରତୀ ରାଜ୍ୟ ମହିଳା କମିଶନର, ରାଜ୍ୟ ମାନାଧିକାର କମିଶନଙ୍କ ନିକଟରେ ପହଞ୍ଚି ନିଜର ଦୁଃଖ ବ୍ୟକ୍ତ କରିବା ପରେ ସେମାନେ ପୁଲିସ ନିକଟକୁ ଚିଠି ଦେଇଥିଲେ। ଏଲୋରା ଭାରତୀ ପୁଲିସ ଉପରେ ଆସ୍ଥା ରଖିଥିବା ବେଳେ ପୁଲିସର ଏପରି ଆଚରଣ ତାଙ୍କୁ ହତାଶ କରିଛି। ଫ୍ୟାମିଲ କୋର୍ଟଙ୍କ ଆଦେଶ ଅନୁସାରେ ଅଦ୍ୟାବଧି ଏଲୋରା ଭାରତୀ ତାଙ୍କ ସ୍ୱାମୀଙ୍କ ଠାରୁ ପାଖାପାଖି ଛଅଲକ୍ଷ ଟଙ୍କା ପାଇବେ ବୋଲି କହିଛନ୍ତି। ବରୀ ରାମଚନ୍ଦ୍ରପୁର ପୁଲିସ ଯଦି ୱାରେଣ୍ଟ କାର୍ଯ୍ୟକାରୀ ନ କରେ ତେବେ ସେ ଥାନା ସାମ୍ନାରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ବରୀ ରାମଚନ୍ଦ୍ରପୁର ପୁଲିସ ଏହି ଅସହାୟା ମହିଳାଙ୍କ ପାଇଁ ଆଇନଗତ ସହଯୋଗ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ବେଆଇନ ପାର୍କିଂ ଉପରେ ମିଳିତ ଚଢ଼ଉ



ପାଣିକୋଇଲି, ୧୬।୭ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୧୬ ଓ ୨୦ ଏବେ ବେଆଇନ ପାର୍କିଂସ୍ଥଳୀ ପାଲଟିଛି। ରାଜପଥ ଉପରେ ବେଆଇନ ପାର୍କିଂ ହେବା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟି ଧନଜୀବନର କ୍ଷୟକ୍ଷତି ଘଟୁଛି। ଏ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ଯାଜପୁର ଆଞ୍ଚଳିକ ପରିବହନ ବିଭାଗ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବିଭାଗ ପକ୍ଷରୁ ପାଣିକୋଇଲି ପୁଲିସ ରାଜପଥ ପାଟ୍ରୋଲିଂ ସହିତ ଚଢ଼ଉ କରି ପାଣିକୋଇଲି ଛକ ଠାରୁ ସାହାପୁର ପର୍ଯ୍ୟନ୍ତ ରାଜପଥ ଉପରେ ବେଆଇନ ପାର୍କିଂ କରିଥିବା ୧୫ଟି ଟ୍ରକ୍‌ରୁ ୮୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଜି ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଏମ୍‌ଭିଆଇ ସୁଦୀପ୍ତ ବେହେରା, ଏଟିଏସଆଇ ରାଜେଶ ମଙ୍ଗରାଜ, କନଷ୍ଟେବଳ ଟି କିଶୋର କୁମାର, ପାଣିକୋଇଲି ଥାନା ଏଏସଆଇ ସୋମନାଥ ରାଉତ, ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ, ଥାନା କର୍ମଚାରୀ ଅମର ବେହେରା, ମହେନ୍ଦ୍ର ଦାସ, ବିକେ ଖଣ୍ଡାଇ, ଗୋପିନାଥ ଦାସ, ସନ୍ତୋଷ ବେହେରା ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ।

## ଯାଜପୁର ଜିଲ୍ଲାରେ ୯୦ ଦିନିଆ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ

ଯାଜପୁର, ୧୬।୭ (ସମିସ): ଜାତୀୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଯାଜପୁର ଏବଂ ତାଲୁକ୍ ଆଇନ ସେବା ସମିତି ଯାଜପୁର ରୋଡ ଓ ଚଣ୍ଡିଖୋଲରେ ଏକ ୯୦ ଦିନିଆ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ଅଦାଲତରେ ବିଚାରାଧୀନ ବୈବାହିକ ବିବାଦ, ଘରୋଇ ହିଂସା, ଚେକ୍ ବାଉନ୍ସ, ବାଣିଜ୍ୟିକ ବିବାଦ, ସର୍ଭିସ୍ ମ୍ୟାଟର, କ୍ରିମିନାଲ କମ୍ପାଉଡେବଲ, ଖାଉଟି ବିବାଦ, ଡେବଟ୍ ରିକଭରି, ପାର୍ଟିସନ୍ ଏଭିକ୍ସନ୍, ଜମି ଅଧିଗ୍ରହଣ, ଅନ୍ୟାନ୍ୟ ଉପଯୋଗୀ ଦେୱାନୀ ମାମଲାର ଆପୋଷ ସହମତି ଭିତ୍ତିରେ ସମାଧାନ କରାଯିବ। ଏହି ଅଭିଯାନ ଆସନ୍ତା ଅକ୍ଟୋବର ମାସ ୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଅଭିଯାନରେ ଅଂଶଗ୍ରହଣ କରି ଉପରୋକ୍ତ ମାମଲା ଗୁଡ଼ିକର ତ୍ୱରିତ ସମାଧାନ କରାଇନେବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ, ଯାଜପୁର ତରଫରୁ ଅନୁରୋଧ କରାଯାଇଛି।

## ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ



ଯାଜପୁର, ୧୬।୭ (ସମିସ): ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟ, ଯାଜପୁର ଏବଂ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ, ଯାଜପୁର ଦ୍ୱାରା ସ୍ଥାନୀୟ ବରୁଆଁ ସ୍ଥିତ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ, ଯାଜପୁର ଠାରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଯୁଧିଷ୍ଠିର ନାୟକ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ସୁଶାନ୍ତ କୁମାର ନାୟକ ଏବଂ ଅଧ୍ୟକ୍ଷ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ ପଦ୍ମଚରଣ ସେଠୀ ଯୋଗଦାନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ନିଯୁକ୍ତି ଭିତ୍ତିକ ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ନେଇଥିବା ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ପତ୍ର ଏବଂ ପ୍ରମାଣ ପତ୍ର ପ୍ରଦାନ କରିବା ସହ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ ଦ୍ୱାରା ହୋଇଥିବା କୁଇଜ୍ ଏବଂ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ତିଆରି ହୋଇଥିବା ପ୍ରୋଜେକ୍ଟ ଏବଂ ମଡେଲ ଗୁଡ଼ିକୁ ଦେଖି ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାକେଶ କୁମାର ନାୟକ, ରଞ୍ଜନ କୁମାର ଜେନା, ସ୍ୱାଗତ ସାହୁ, ବିଭୂତି ଭୂଷଣ ଆଇଚ, ରିଙ୍କି ବେହେରା ପ୍ରମୁଖ ଆୟୋଜନ କରିଥିଲେ।

## ଅଖିଳଚକ୍ର ପକ୍ଷରୁ ଶାସନ୍ଦାରେ ଶ୍ରଦ୍ଧାଞ୍ଜଳି ସଭା

ପ୍ରୀତିପୁର, ୧୬।୭ (ସମିସ): ଶାସନ୍ଦା ଗ୍ରାମର ପୂର୍ବତନ କୃଷି ଅଧିକାରୀ, ସୁସଂଗଠକ ତଥା ଅଖିଳଚକ୍ରର ପୁରାତନ କର୍ମୀ ଗୋକୁଳି ଚନ୍ଦ୍ର ସାମଲଙ୍କର ଗତ ବାହୁଡାରେ ୮୨ ବର୍ଷ ବୟସରେ ଦେହାନ୍ତ ହୋଇଯାଇଥିଲା। ତାଙ୍କର ଏକାଦଶାହରେ ଅଖିଳଚକ୍ର ପକ୍ଷରୁ ଏକ ଶୋକସଭାର ଆୟୋଜନ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଓ ବିଜୟ କୁମାର ମହାପାତ୍ର ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅପ;ଣ କରିଥିଲେ। ଅନୁଷ୍ଠାନର ଉପସଭାପତି ଡ. ଶ୍ରୀହରି ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ସ୍ୱର୍ଗତଃ ସାମଲଙ୍କ ବଡ଼ ଝିଅ ସ୍ୱର୍ଣ୍ଣଲତା ସାମଲ, ପ୍ରଭାମଞ୍ଜରୀ ସାମଲ, ଶୋଭାମଞ୍ଜରୀ ସାମଲ ଓ ସବିନ୍ଦ୍ର କୁମାର ସାମଲ ତାଙ୍କ ପିତାଙ୍କ ସ୍ମୃତି ରୋମନ୍ଥନ କରିଥିଲେ। ଅଖିଳଚକ୍ରର ଉପସଭାପତି ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତ, ସମ୍ପାଦକ ହରେକୃଷ୍ଣ ପଣ୍ଡା, ସହସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶୁଶାନ୍ତ ମିଶ୍ର, କବି ରବୀନ୍ଦ୍ର କୁମାର ବେଉରିଆ, ପ୍ରାଣକୃଷ୍ଣ ଶତପଥୀ, କୃଷ୍ଣ କୁମାର ଦାସ, ରବୀନ୍ଦ୍ର କୁମାର ସାମଲ, ଖରସ୍ରୋତା ପୁସ୍ତକମେଳା କମିଟିର ସଭାପତି ପଦ୍ମାକର ଗୁରୁ, ଜହାଙ୍ଗୀର ଖାଁ, ନିତ୍ୟାନନ୍ଦ ରାଉତ, ପ୍ରଦୀପ କୁମାର ମଲ୍ଲିକ, ପ୍ରିୟତମା ବେଉରିଆ ପ୍ରମୁଖ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## ବିଦ୍ୟୁତ୍ ଖୁଣ୍ଟରେ ଧକ୍କା; ଟ୍ରକ୍ ଚାଳକ ମୃତ



ପାଣିକୋଇଲି, ୧୬।୭ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲ୍‌ଗେଟ ନିକଟରେ ଗତକାଲି ରାତି ପ୍ରାୟ ୨.୩୦ ସମୟରେ ଏକ ଲୁହାପଥର ବୋଝେଇ ଟ୍ରକ୍‌ର ଚାଳକଙ୍କ ଆଖି ଲାଗିଯିବାରୁ ସେ ଅନ୍ୟ ଏକ ଟ୍ରକ୍ ପଛରେ ଧକ୍କା ଦେଇଥିଲା। ପରେ ବାମ ପାର୍ଶ୍ୱରେ ଏକ କାରକୁ ଧକ୍କାଦେଇ ଭାରସାମ୍ୟ ହରାଇ ଏକ ବିଦ୍ୟୁତ ଖୁଣ୍ଟରେ ଧକ୍କା ହୋଇଥିଲା। ପ୍ରକାଶ ଯେ ପାଣିକୋଇଲି ଆଡୁ ଯାଉଥିବା ଏକ ଅଟା ବୋଝେଇ ଟ୍ରକ୍ (ଓଡ଼ି୨୯ ଏଚ୦୧୫୩) ଯାନ୍ତ୍ରିକ ତ୍ରୁଟି ଯୋଗୁଁ ରାସ୍ତା ଉପରେ ଛିଡ଼ା ହୋଇଥିଲା। ଉକ୍ତ ଟ୍ରକ୍ ପଛରେ ଅନ୍ୟ ଏକ ଲୁହାପଥର ବୋଝେଇ ଟ୍ରକ୍ (ଓଡ଼ି୨୯ ଏଫ ୩୬୨୧) ଧକ୍କା ଲାଗି ଭାରସାମ୍ୟ ହରାଇ ବାମ ପାର୍ଶ୍ୱରେ ଯାଉଥିବା ଏକ କାରକୁ ଧକ୍କାଦେଇ ୧୧ କେଭି ବିଦ୍ୟୁତ ଖୁଣ୍ଟ ସହିତ ଧକ୍କା ହୋଇଥିଲା। ଫଳରେ ଲୁହାପଥର ବୋଝେଇ ଟ୍ରକ୍‌ର ଚାଳକ ବିହାର ରାଜ୍ୟ ଭୋଜପୁର ଜିଲ୍ଲା କ୍ରିଷ୍ଣଗଡ଼ ଥାନା ଅନ୍ତର୍ଗତ ପୋରା ଗ୍ରାମର ମହେଶ ସାହଙ୍କ ପୁଅ ଜିତୁ ସାହ ଗାଡ଼ି ଭିତରେ ଚାପି ହୋଇ ରହିଯାଇଥିଲେ। କାର୍‌ଟି ଓଲଟି ପଡ଼ିବା ସହ ଟ୍ରକ୍ ପାଖରେ ଛିଡା ହୋଇଥିବା ଅଟା ଟ୍ରକର ଚାଳକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ଅଟା ଟ୍ରକର ଚାଳକକୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଛନ୍ତି। ଘଟଣାସ୍ଥଳରେ ପାଣିକୋଇଲି ପୁଲିସ, ରାଜପଥ ପୁଲିସ, ସ୍ଥାନୀୟ ଜନସାଧାରଣ, ସ୍ୱେଚ୍ଛାସେବୀ ସଦସ୍ୟ ଓ ଯାଜପୁର ରୋଡ଼ ଦମକଳ ବାହିନୀ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ ଟ୍ରକ୍‌ର କେବିନ କାଟି ଚାଳକକୁ ବାହାର କରିଥିଲେ। ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପାଣିକୋଇଲି ଥାନାରେ ଏକ ମାମଲା ରୁଜୁ ହୋଇ ଶବକୁ ବ୍ୟବଚ୍ଛେଦ କରାଯାଇଛି ବୋଲି ଥାନାର ଏସ୍‌ଆଇ ସୁମିତ କୁଜୁର ଜଣାଇଛନ୍ତି। ଦୁର୍ଘଟଣା ଗ୍ରସ୍ତ ଟ୍ରକ୍ ଦୁଇଟିକୁ ପୁଲିସ ଜବତ କରିଛି।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଧର୍ମଶାଳା, ୧୬।୭ (ସମିସ): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନାକପୋଲସ୍ଥିତ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସହକାରୀ ବିଜ୍ଞାନ ଶିକ୍ଷୟିତ୍ରୀ ସୁପ୍ରଭା ଜେନାଙ୍କ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ଗାଗରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ଶତପଥୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଧର୍ମଶାଳା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଇନ୍ଦୁପ୍ରଭା ସାମଲ ଯୋଗଦେଇ କଠିନ ପରିଶ୍ରମ ବିନା ସଫଳତା ଅସମ୍ଭବ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ଅଭୟ କୁମାର ବେହେରା ଯୋଗଦେଇଥିଲେ।। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଗଙ୍ଗାଧରପୁର ଗ୍ରାମପଞ୍ଚାୟତର ସରପଞ୍ଚ ତ୍ରିଲୋଚନ ଜେନା, ମୋ ସ୍କୁଲ ଅଭିଯାନର ସଭାପତି ଇଂ. ନିରଞ୍ଜନ ମିଶ୍ର, ଏସ୍‌ଏମସି ସଭାପତି ବେଣୁଧର ଦାସ, ଅବସରପ୍ରାପ୍ତ ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ନବଘନ ମହାନ୍ତି, ଯୁଗଳ କିଶୋର ଦାସ, ସଦାଶିବ ଦାସ, ପ୍ରଫୁଲ୍ଲ କୁମାର ଜେନା, ଅନନ୍ତ କିଶୋର ଜେନା, ଉମେଶ ଚନ୍ଦ୍ର ଦାଶ, ଭାସ୍କର ସେଠୀ, ମଦନମୋହନ ସାମଲ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ନାରାୟଣ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅକ୍ଷୟ କୁମାର ଦାସ ମଞ୍ଚ ସଞ୍ଚାଳନା କରିଥିଲେ। କଣ୍ଟାମାଳିଆ ପ୍ରକଳ୍ପ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଏକ ବିରାଟ ପଟୁଆରରେ ବିଦାୟୀ ଶିକ୍ଷୟିତ୍ରୀ ତାଙ୍କ ନିଜସ୍ୱ ବାସଭବନରେ ଛାଡିଥିଲେ।

## ଖରସ୍ରୋତା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



ପାଣିକୋଇଲି, ୧୬।୭ (ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ବେରୁଦା ପଞ୍ଚାୟତ ଜହଲସ୍ଥିତ ଖରସ୍ରୋତା ସରକାରୀ ଉଚ୍ଚ ବିଦ୍ୟାଳୟର ୫୨ତମ ପ୍ରତିଷ୍ଠା ଦିବସ ଆଜି ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମତେ ସମସ୍ତ ପୁରାତନ ଓ ବର୍ତ୍ତମାନର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭା ପ୍ରଧାନ ଶିକ୍ଷକ ଅଶୋକ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ନିମନ୍ତ୍ରୀତ ଅତିଥି ଭାବେ ଭରତ ଚନ୍ଦ୍ର ବେହେରା, କେଦାର ନାଥ ଭଦ୍ର, କୈଳାସ ଚନ୍ଦ୍ର ବାରିକ, ଭଗବାନ ନାୟକ, ପିତାମ୍ବର ଭଦ୍ର, ଚୈତନ୍ୟ ଚରଣ ସାହୁ, ହେମଲତା ବିଶ୍ୱାଳ, ଆର୍ତତ୍ରାଣ ସ୍ୱାଇଁ, ପ୍ରଦୀପ କୁମାର ନାୟକ, ଧରଣୀ ଧର ଭଦ୍ର, ଉତ୍ତମ ଭଦ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।

## ଯୁବ ବିଜେଡିର ସାଂଗଠନିକ ବୈଠକ



କୁଆଖିଆ, ୧୬।୭ (ସମିସ): ରସୁଲପୁର ବ୍ଲକ ବଡକଇଁଚି ପଞ୍ଚାୟତ ସ୍ଥିତ ମା' ଜାଗୁଳାଇ ପୀଠରେ ଯୁବ ବିଜେଡିର ଏକ ସାଂଗଠନିକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ବିଜେଡି ଉପସଭାପତି ନିହାର ରଞ୍ଜନ କଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ଦିନରେ ବ୍ଲକ ତଥା ଜିଲା ସ୍ତରରେ ଦଳୀୟ ଯୁବ ସଂଗଠନକୁ ଅଧିକ ମଜବୁତ କରିବା ପାଇଁ ଆଲୋଚନା ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ ଓ ଭବ ପ୍ରସାଦ ଦାସଙ୍କ ମାର୍ଗଦର୍ଶନରେ ସଂଗଠନକୁ ଦୃଢ କରିବା ସହିତ ସରକାରଙ୍କ ବିଫଳତାକୁ ଜୋରଦାର ବିରୋଧ କରିବାକୁ ଶ୍ରୀ କଣ୍ଡ ଉପସ୍ଥିତ ଯୁବନେତୃତ୍ୱ ଓ ସଂଗଠକ ମାନଙ୍କୁ ଆହ୍ୱାନ ଦେଇଥିଲେ। ମଧୁବନ ଠାରୁ ଏକ ଶୋଭାଯାତ୍ରାରେ ନିହାର କଣ୍ଡଙ୍କୁ ଯୁବ ବିଜେଡିର କର୍ମୀମାନେ ଶୋଭାଯାତ୍ରାରେ ବୈଠକ ସ୍ଥଳକୁ ନେଇଥିଲେ। ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ସଂଖ୍ୟକ ଯୁବ ବିଜେଡି କର୍ମୀମାନେ ଯୋଗଦେଇଥିଲେ।


## କୋରେଇ ଉନ୍ନୟନ ପରିଷଦର ବୃକ୍ଷରୋପଣ



ଶଙ୍ଖଚିଲା, ୧୬।୭ (ସମିସ): ଦିନକୁ ଦିନ ବହୁସଂଖ୍ୟାରେ ଗଛକଟା ହେବା ଯୋଗୁଁ ଜଙ୍ଗଲ ଧ୍ୱଂସ ହେଉଛି। ଏଥିଯୋଗୁଁ ପ୍ରକୃତି ତା'ର ଭାରସାମ୍ୟ ହରାଇ ବସିଲାଣି। ପରିବେଶ ସନ୍ତୁଳନରେ ବାଧା ବି ଉପୁଜିଲାଣି। ଯାହା ଫଳରେ ଜଳବାୟୁରେ ଅନେକ ପରିବର୍ତ୍ତନ ଦେଖାଯାଉଛି। ଏହାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଲକ୍ଷରେ କୋରେଇ ଉନ୍ନୟନ ସାମାଜିକ ସଂଗଠନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ସଂଗଠନର ସଭାପତି ଶ୍ରୀଧର ଦାସଙ୍କ ନେତୃତ୍ୱରେ ବିଭିନ୍ନ ଜାତିର ବୃକ୍ଷ ଶଙ୍ଖଚିଲାରୁ ଖମଣ ଆରଡ଼ି ରାସ୍ତା ପାର୍ଶ୍ୱରେ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଆଲୋକ କୁମାର ଦାଶ, ସୂର୍ଯ୍ୟମଣୀ ମହାପାତ୍ର, ପ୍ରଭାକର ସାହୁ, ଧନେଶ୍ୱର ସାହୁ, କାଶୀନାଥ ସାହୁ, ପ୍ରଦୀପ କୁମାର ସାହୁ, ବୈଷ୍ଣବ ପାତ୍ର, ସୂର୍ଯ୍ୟମଣି ପାତ୍ର, ପ୍ରସନ୍ନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଚଳିତ ବର୍ଷ କୋରେଇର ବିଭିନ୍ନ ଅଞ୍ଚଳରେ ଏହି ଭଳି ବୃକ୍ଷରୋପଣ କରିବାକୁ ଲକ୍ଷ୍ୟ ରଖାଯାଇଛି।

## ମାନବର ଭୁଲ୍ ପାଇଁ ଦଣ୍ଡପାଉଛି କୁକୁର

କଁୟାଗୋଲା, ୧୬।୭ (ସମିସ)



ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗୁଁ ପରିବେଶ ଓ ଜୀବଜଗତ ନାହିଁ ନଥିବା କ୍ଷତି ହୋଇଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାର ସଂଗଠନ ପର୍ଯ୍ୟନ୍ତ ପ୍ଲାଷ୍ଟିକ ବ୍ୟବହାର ଉପରେ ରୋକ ଲଗାଇବାକୁ ସ୍ୱର ଉଠିଛି। ପ୍ଲାଷ୍ଟିକ ବର୍ଜନ ପାଇଁ ପ୍ରଶାସନ ତରଫରୁ ବାରମ୍ବାର ନିବେଦନ କରାଯାଉଥିଲେ ମଧ୍ୟ ପ୍ଲାଷ୍ଟିକର ବ୍ୟବହାର କମୁନି ଓ ପ୍ଲାଷ୍ଟିକର ବ୍ୟବହାର ଯୋଗୁଁ ଜୀବଜଗତ ପ୍ରତି ମୁହୂର୍ତ୍ତରେ କ୍ଷତି ସହୁଛି। ଏହିପରି ଭାବରେ ଦଶରଥପୁର ଆଞ୍ଚଳରେ ଗତ କିଛି ମାସ ହେଲା ବର୍ଜ୍ୟ ପ୍ଲାଷ୍ଟିକ ବସ୍ତୁରେ ଗୃହପାଳିତ ପଶୁ କ୍ଷତିଗ୍ରସ୍ତ ହେବାର ଦେଖାଯାଉଛି। ନିକଟରେ ଏକ ବୁଲା କୁକୁର ପ୍ଲାଷ୍ଟିକ ଜାରରେ ମୁହଁ ପୂରେଇ ଦେବାରୁ ପ୍ଲାଷ୍ଟିକ ଜାରଟି ତା' ମୁଣ୍ଡରେ ଲଟକି ଯାଇଥିଲା। ଫଳରେ ତାର ଆଖି କୁ ଦେଖା ଯାଉଥିଲେ ମଧ ସେ ଖାଦ୍ୟ ପାଣି ପିଇ ପାରୁନ ଥିଲା। କିଛି ଯୁବକ ତା' ମୁଣ୍ଡରୁ ଜାରଟି ଖସେଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। କୁକୁରଟି ୨ ଦିନ ହେବ ଏଣେ ତେଣେ ବୁଲୁଥିଲେ ମଧ୍ୟ ସେ ଖାଇପାରୁ ନଥିଲା ଦୁର୍ବଳ ହେଇଥିବା ଦେଖାଯାଉଛି। ମଣିଷର ସାମାନ୍ୟ ଭୁଲ ପାଇଁ କୁକୁର ଟି ବିନା କାରଣ ରେ ଶାସ୍ତି ପାଉଥିବାରୁ ପଶୁପ୍ରେମୀ ଉଦବେଗ ପ୍ରକାଶ କରିଛନ୍ତି। ବୁଲା ଗାଇଗୋରୁ ପ୍ଲାଷ୍ଟିକ ଜରିରେ କିଛି ଖାଦ୍ୟ ଲାଗିଥିଲେ ଜରି ସହିତ ଖାଇ ରୋଗାଗ୍ରସ୍ତ ହେଉଥିବା ଦେଖାଯାଉଛି। ସରକାର ପ୍ଲାଷ୍ଟିକ ନିଷିଦ୍ଧ କରିଥିଲେ ମଧ୍ୟ ଏବେ ବି ବଜାରରେ ବହୁ ଜିନିଷ ପ୍ଲାଷ୍ଟିକ ପ୍ୟାକେଟରେ ମିଳୁଥିବା ଦେଖାଯାଇଛି। ଉପର ଠାଉରିଆ ଭାବରେ ଲୋକଙ୍କୁ ସଚେତନତା କରା ନଯାଇ ସଚେତନତା ବାର୍ତ୍ତାକୁ ଘରେ ଘରେ ନ ପହଞ୍ଚାଇଲେ ଭବିଷ୍ୟତରେ ଏପରି ଅନେକ କୁକୁର ଓ ଗାଈଗୋରୁ ଅଯଥାରେ ଦଣ୍ଡପାଇବେ ବୋଲି ସ୍ପଷ୍ଟ ଦେଖାଯାଉଛି।

## ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

ରଗଡି,୧୬।୭(ସମିସ): କୋରେଇ ଥାନା ଅନ୍ତର୍ଗତ ରଣପୁର ପଞ୍ଚାୟତ ଗୋପାଳପୁର ଗ୍ରାମରେ ବୁଧବାର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ରମାକାନ୍ତ ମଲିକ ଓରଫ କାଳିଆ।ଏନେଇ ତାଙ୍କ ପତ୍ନୀ ମନୀଷା ମଲିକ କୋରେଇ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀ କାଳିଆ ଟ୍ରାକ୍ଟରରେ ହଳ କରିବାକୁ ଯାଇଥିଲେ। ପରେ ଗ୍ରାମରେ ଥିବା ପୁରୁଷୋତ୍ତମ ବିଦ୍ୟା ମନ୍ଦିର ନାମକ ଏକ ଘରୋଇ ସ୍କୁଲର ଛାତ ଉପରେ ଯାଇଥିବା ବିଦ୍ୟୁତ ତାର ଲାଗି ସେ ମୃତ୍ୟୁବରଣ କରିଥିବା ଜାଣିବାକୁ ପାଇଥିଲେ। ଏହାର ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି। କୋରେଇ ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ଡାକ୍ତରଖାନାକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ପୂର୍ବତନ ସରପଞ୍ଚଙ୍କ ମାତୃ ବିୟୋଗ

ମଇଁଦା,୧୬।୭(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚିକଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ଧ୍ରୁବଚରଣ ସେଠୀଙ୍କ ମାଆ ସତ୍ୟଭାମା ସେଠୀ (୮୫)ଙ୍କର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ରୋଗରେ ପୀଡ଼ିତ ଥିଲେ। ଖବର ପାଇ ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତ କୁମାରୀ ଦାସ, ସେକ୍ ଇର୍ସାଦ ଅଲୀ, ପୂର୍ବତନ ସରପଞ୍ଚ ପର୍ଶୁରାମ କବି, ସମାଜସେବୀ ଶ୍ରୀଧର ମଲିକ, ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

## ପଥର ଖାଦାନରୁ ମୃତଦେହ ଉଦ୍ଧାର

ଦାନଗଦି,୧୬।୭(ସମିସ): ଦାନଗଦି ଫାଣ୍ଡି ଅନ୍ତର୍ଗତ ଧୂଳିଗଡ଼ ଜଙ୍ଗଲ ପାଖରେ ଥିବା ପଥର ଖାଦାନରୁ ଏକ ମୃତଦେହକୁ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତି ଜଣକ ହେଲେ ଟାଟା ବିସ୍ଥାପିତ ପରିବାରର ସିରିକା ଚାମ୍ପିୟା (୪୬)। ତାଙ୍କ ଘର ତ୍ରିଜଙ୍ଗା ଟାଟା ବିସ୍ଥାପିତ କଲୋନୀରେ। କଳିଙ୍ଗନଗର ଚମ୍ପା କୋଇଲାରୁ ସେ ବିସ୍ଥାପିତ ହୋଇ ଦାନଗଦିରେ ସପରିବାର ରହୁଥିଲେ। ଗତକାଲି ଅପରାହ୍ନ ସମୟରେ ଧୂଳିଗଡ଼ ଜଙ୍ଗଲ ପାଖରେ ଥିବା ଏକ ପଥର ଖାଦାନ ଆଡେ ଶୌଚ ହେବା ପାଇଁ ଆସିଥିଲେ। ଲଗାଣ ବର୍ଷାରେ ପଥର ଖାଦାନ ପାଣିରେ ପରିପୂର୍ଣ୍ଣ ଥିଲା ବେଳେ ଅସାବଧାନତା ବଶତଃ ସିରିକା ଖାଦାନରେ ବୁଡି ଯାଇଥିଲେ। ପରିବାର ଲୋକ ଖବର ପାଇଲା ପରେ ତାଙ୍କୁ ଉଦ୍ଧାର କରି ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦାନଗଦି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି କେସ୍ ନମ୍ବର ୨୩/୨୫ରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଘଟଣ ପରେ କଲୋନୀରେ ଦୁଃଖର ଛାୟା ଖେଳିଯାଉଛି।

## ଯାଜପୁର ରୋଡ୍ ମେଡିକାଲ ନିକଟରୁ ଭାଙ୍ଗ ଜବତ

ବ୍ୟାସନଗର,୧୬।୭(ସମିସ): ବୁଧବାର ଅପରାହ୍ନରେ ଯାଜପୁର ରୋଡ ମେଡିକାଲ ନିକଟରୁ ଦେଢ଼ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଭାଙ୍ଗ ଜବତ ହୋଇଛି। ସୂଚନା ଅନୁଯାୟୀ ବୁଧବାର ସଞ୍ଜୁ ବେହେରା ନାମକ ଜଣେ ୫୦ ବର୍ଷୀୟ ମହିଳା କଟକରୁ ଟ୍ରେନ୍ ଯୋଗେ ତାଙ୍କର ୩ଜଣ ସାଥିଙ୍କ ସହ ଦେଢ଼ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଭାଙ୍ଗ ୫ଟି ବ୍ୟାଗ୍‌ରେ ଆଣି ଆସୁଥିବା ବେଳେ ଜଣେ ପୂର୍ବତନ ଅବକାରୀ ଅଧିକାରୀଙ୍କ ସନ୍ଦେହ ହେବାରୁ ତାଙ୍କୁ ଅଟକାଇଥିଲେ। ଅଟକାଇବା ଫଳରେ ତାଙ୍କର ୩ଜଣ ସାଥୀ କୁଆଡେ ଫେରାର ହୋଇଯାଇଥିବା ବେଳେ ମହିଳାଜଣଙ୍କ ଭାଙ୍ଗ ବ୍ୟାପାର କରୁଥିବାର ଖବର ପାଇ ସଙ୍ଗେ ସଙ୍ଗେ ଅବକାରୀ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ଅବକାରୀ ବିଭାଗ ଅଧିକାରୀ ତୁରନ୍ତ ପହଞ୍ଚି ଭାଙ୍ଗ ଗୁଡ଼ିକୁ ଜବତ କରିବା ସହ ମହିଳା ଜଣଙ୍କୁ ଗିରଫ କରିଥିଲେ।

## ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଯାଜପୁର ଟାଉନ,୧୬।୭(ସମିସ): ପଣସା ପଞ୍ଚାୟତର କୁଶୀ, ବାଲିପୋଖରୀ, କୁଞ୍ଜବିହାରୀପୁର, କୋରକୋରା ଗ୍ରାମବାସୀ ବୁଧବାର ସରପଞ୍ଚଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିବା ସହ ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବୈତରଣୀ ନଦୀର ବେଲେଶ୍ୱର ସେତୁ ଦବି ଯିବା ପରେ ସ୍ଥାନୀୟ ଅଧିବାସୀ ଅତ୍ୟଧିକ ବାଲି ପରିବହନ ଯୋଗୁ ସେତୁ ଦବି ଗଲା ବୋଲି ଅଭିଯୋଗ କରିଥିଲେ। ଏ ନେଇ ଜିଲ୍ଲାପାଳ ବିଭିନ୍ନ ସ୍ଥାନରେ ଗଚ୍ଛିତ ଥିବା ବାଲିକୁ ଖଣି ବିଭାଗ ଓ ତହସିଲ ପ୍ରଶାସନ ଦ୍ୱାରା ଜବତ କରିଥିଲେ। ଏହି ବାଲି ବିପୁଳ ପରିମାଣରେ ହୋଇଥିବା ବେଳେ ବେଆଇନ ବାଲି କିଏ ଗଚ୍ଛିତ ରଖିଲା ତାହା ଉପରେ ଖୋଲତାଡ଼ ହୋଇନାହିଁ। ତେଣୁ ସ୍ଥାନୀୟ ଅଧିବାସୀ ଗଚ୍ଛିତ ରଖିଥିବା ବେଆଇନ ବାଲି ମାଫିଆ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। କୁଶୀ ଅଞ୍ଚଳର ଏହି ବାଲି ମାଫିଆ ବେଆଇନ ବାଲି ଉତ୍ତୋଳନ କରି ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖି ବର୍ଷା ଦିନେ ଅଧିକ ଦାମରେ ବାଲି ବିକ୍ରି କରିଥାଏ। ଏହି ବେଆଇନ ବାଲି ବିକ୍ରି କରି କୋଟି କୋଟି ଟଙ୍କା ରୋଜଗାର କରି ବେଆଇନ ସମ୍ପତ୍ତି ଠୁଳ କରିଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ରାଜନୈତିକ ବାହୁ ଛାୟା ତଳେ ରହି ବାଲି ମାଫିଆ ବେଆଇନ ବାଲି ଉତ୍ତୋଳନ କରି ବିକ୍ରି କରୁଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏହି ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଣସା ସରପଞ୍ଚ ସମେତ କୁଶି, କୁଞ୍ଜବିହାରୀପୁର, ବାଲିପୋଖରୀ, କୋରକୋରା ଅଧିବାସୀ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ନିକଟରେ ନିବେଦନ କରିଛନ୍ତି।


# ଆସୁଛି ବନ୍ୟା; ବଢୁଛି ବ୍ରାହ୍ମଣୀ, ବିରୂପା, କେଲୁଅ





ଧର୍ମଶାଳା/କବାଟବନ୍ଧ, ୧୬।୭(ସମିସ): ରେଙ୍ଗାଲି ଉପର ମୁଣ୍ଡରେ ଲଗାଣ ବର୍ଷା ହେବା ଓ ରେଙ୍ଗାଲି ଡ୍ୟାମର ତିନିଗୋଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବା ବେଳେ ବ୍ରାହ୍ମଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜେନାପୁରଠାରେ ବ୍ରାହ୍ମଣୀ ନଦୀରେ ମଙ୍ଗଳବାର ରାତି ଠାରୁ ବୁଧବାର ଅପରାହ୍ନ ପର୍ଯ୍ୟନ୍ତ ଜଳସ୍ତର ବୃଦ୍ଧି ପାଉଥିବା ରେକର୍ଡ କରାଯାଇଛି। ନଦୀ ପାଣି ପ୍ରାୟ ନଦୀ ବନ୍ଧ ଠାରୁ ସାମାନ୍ୟ ତଳେ ରହିଥିବା ଦେଖିବାକୁ ମିଳିଛି। ରେଙ୍ଗାଲି ଡ୍ୟାମରୁ ବନ୍ୟା ଜଳ ନିଷ୍କାସନ କାରଣରୁ ମଙ୍ଗଳବାର ରାତିରୁ ଜଳସ୍ତର ବୃଦ୍ଧି ପାଇ ଜେନାପୁର ଠାରେ ୬୫.୧୦ ଫୁଟରେ ପ୍ରବାହିତ ହେଉଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ବୁଧବାର ଅପରାହ୍ନରେ ଏହା ୬୫ ଫୁଟରେ ପ୍ରବାହିତ ହେଉଥିଲା। ପରେ ଜଳସ୍ତର ହ୍ରାସ ପାଇ ଏହା ୬୪.୫୦ଫୁଟରେ ପ୍ରବାହିତ ହେଉଥିବା ରେକର୍ଡ ହୋଇଥିଲା। ସନ୍ଧ୍ୟା ୫ଟାରୁ ୭ଟା ପର୍ଯ୍ୟନ୍ତ ଏହା ସ୍ଥିର ରହିଥିବା ସୂଚନା ରହିଛି। ତେବେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ରେଙ୍ଗାଲି ଡ୍ୟାମରୁ କୌଣସି ଜଳ ନିଷ୍କାସନର ସୂଚନା ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ରେଙ୍ଗାଲି ଉପର ମୁଣ୍ଡରେ ବର୍ଷା ହେଲେ ଯଦି କୌଣସି ପରିବର୍ତ୍ତନ ହୋଇପାରେ ବୋଲି ସମ୍ଭାବନା ମଧ୍ୟ ରହିଛି। ବର୍ତ୍ତମାନ ନଦୀ ଜଳ ପୂର୍ଣ୍ଣ ରହିଥିବାରୁ ଧର୍ମଶାଳା ବ୍ଲକର ନଦୀକୂଳିଆ ଗାଁ ଭାବେ ଏଣ୍ତଲବା, ରେଖିଦେଇପୁର, ରାଇଛନ୍ଦା, କବାଟବନ୍ଧ, ମର୍ଜିତାପୁର, ବୃନ୍ଦାଦେଇପୁର, ଜେନାପୁର ଆଦି ପଞ୍ଚାୟତର ଲୋକ ମାନେ ସାମାନ୍ୟ ଆଶଙ୍କା ରେ ରହିଥିବା ଜଣାପଡିଛି। ବ୍ରାହ୍ମଣୀରେ ୪ ଫୁଟ ଉଚ୍ଚର ବନ୍ୟା ପାଣି ପ୍ରବାହିତ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଡାକବାଜୀ ଯନ୍ତ୍ର ଯୋଗେ ନଦୀ ତଟବର୍ତ୍ତୀ ଲୋକମାନଙ୍କୁ ସତର୍କ କରାଯାଇଛି। ଫଳରେ ଲୋକେ ଛାନିଆରେ ରାତିତମାମ ଘରେ ଅନିଦ୍ରା ହୋଇ ରହିଛନ୍ତି। ଆଜି ନଦୀରେ ଧିରେ ଧିରେ ବନ୍ୟାଜଳ କମୁଥିବା ଯୋଗୁଁ କିଛିଟା ଆଶ୍ୱସ୍ତି ମିଳିଛି। ଉପର ମୁଣ୍ଡରେ ବର୍ଷା କମିଯାଇଥିବାରୁ ରେଙ୍ଗାଲିର ଚତୁର୍ଥ ଗେଟ୍ ଖୋଲିବାର ଆଶଙ୍କା କମ୍ ରହିଛି। ତେଣୁ ଭୟଭୀତ ହେବାର କାରଣ ନାହିଁ ବୋଲି ଜାରକା ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାସ ସୂଚନା ଦେଇଛନ୍ତି।

**ବ୍ରହ୍ମବରଦା:** ବ୍ରାହ୍ମଣୀ ନଦୀର ଜଳପତନ ବୃଦ୍ଧି ହେଉଥିବାରୁ ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ଗତକାଲି ବିଳମ୍ବିତ ରାତିରେ ବନ୍ଧଡିହ ପଞ୍ଚାୟତ କାଣ୍ଡିଆ ସାହି ସ୍ଥିତ ଘେରି ବନ୍ଧ ଭିତରେ ବସବାସ କରୁଥିବା ଲୋକମାନଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଇଛି। ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାସ, ଏବିଓ ପ୍ରଭଞ୍ଜନ ପତିଙ୍କ ସହ ବ୍ରହ୍ମବରଦା ପୁଲିସ ଲୋକମାନଙ୍କୁ ରାତ୍ରୀଯାପନ ନିମନ୍ତେ ନିକଟସ୍ଥ ସ୍କୁଲ ଗୃହ କିମ୍ବା ଉଚ୍ଚ ସ୍ଥାନକୁ ଯିବା ପାଇଁ ପରାମର୍ଶ ଦେଇଥିଲେ। ଯିବା ସମୟରେ ନିଜ ସହ ନିଜର ଅତ୍ୟାବଶ୍ୟକ ସାମଗ୍ରୀ,

## ପ୍ରଶାସନର ସଚେତନତା; ନଦୀକୂଳିଆ ଲୋକେ ଭୟଭୀତ

ଔଷଧପତ୍ର, ଶୁଖିଲା ଖାଦ୍ୟ ସାଙ୍ଗରେ ନେବା ସହ ଗୋରୁ ଗାଈଙ୍କୁ ଉଚ୍ଚ ସ୍ଥାନକୁ ନେଇଯିବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟରେ ପରାମର୍ଶ ଦେଇଛନ୍ତି। ଯାଜପୁର ବ୍ଲକ ଝାଲପଡା ପଞ୍ଚାୟତ ସାନବାଗସାହି ଓ ଝାଲପଡା ଗ୍ରାମର ନଦୀକୂଳରେ ବାସ କରୁଥିବା ୧ଶହରୁ ଉର୍ଦ୍ଧ୍ୱ ପରିବାରଙ୍କ ଘରେ ବ୍ରାହ୍ମଣୀ ବନ୍ୟା ପାଣି ପ୍ରବେଶ କରିଛି। ଫଳରେ ଲୋକେ ପିଲାଛୁଆଙ୍କ ସହିତ ଗୃହପାଳିତ ପଶୁ ମାନଙ୍କୁ ସ୍ଥାନାନ୍ତରିତ କରିଛନ୍ତି। କିଛି ପରିବାର ନଦୀବନ୍ଧରେ ଜରି ପାଲ ଟାଣି ରହିଥିବା ବେଳେ ଆଉ କେତେକ ପରିବାର ସାନବାଗସାହି ଓ ଝାଲପଡା ବିଦ୍ୟାଳୟରେ ଆଶ୍ରୟ ନେଇଛନ୍ତି। ସୂଚନା ଅନୁଯାୟୀ ସାନବାଗସାହି ୧୬ ନମ୍ବର ୱାର୍ଡରେ ବାସ କରୁଥିବା ଚକ୍ରଧର ଦଳାଇ, କାଳନ୍ଦି ଦଳାଇ, ଲଛମନ ଦଳାଇ, ବଳରାମ ଦଳାଇଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ପରିବାର ନଦୀବନ୍ଧ ଉପରକୁ ଚାଲି ଆସିଛନ୍ତି। ଝାଲପଡା ଗ୍ରାମ ୧୫ ନମ୍ବର ୱାର୍ଡ ଦଳିତ ସାହିର ୩୦ରୁ ଉର୍ଦ୍ଧ ପରିବାର ଏବେ ନଦୀବନ୍ଧରେ ଗୃହପାଳିତ ପଶୁ ମାନଙ୍କ ପାଇଁ ଅସ୍ଥାୟୀ ଗୃହ ନିର୍ମାଣ କରୁଥିବା ବେଳେ ନିକଟସ୍ଥ ବିଦ୍ୟାଳୟରେ ରାତ୍ରୀ ଯାପନ କରୁଛନ୍ତି। ୧୪ ନମ୍ବର ୱାର୍ଡର ୧୦ରୁ ଉର୍ଦ୍ଧ୍ୱ ପରିବାର ବିଦ୍ୟାଳୟ ଗୃହରେ ଆଶ୍ରୟ ନେଉଥିବା ବେଳେ ସେମାନଙ୍କୁ ରନ୍ଧା ଖାଦ୍ୟ ସହିତ ମହମବତି ଓ ଅନ୍ୟାନ୍ୟ ଶୁଖିଲା ଖାଦ୍ୟ ଆଜି ଠାରୁ ଯୋଗାଇ ଦିଆଯିବା ବୋଲି ସରପଞ୍ଚ ଭାରତୀ ମଲ୍ଲିକ କହିଛନ୍ତି। ବୁଧବାର ସକାଳୁ ବରୀ ବିଜେପି ଯୁବନେତା ଉମେଶ ଚନ୍ଦ୍ର ଜେନାଙ୍କ ସହ ପ୍ରଦୀପ ଦାସ, ରାକେଶ ଦେଓ, ସଫିଆଲାମ ଖାଁ, ଜୁଲଫୁକାର ଅଲ୍ଲୀଙ୍କ ସହ ଅନ୍ୟାନ୍ୟ ଯୁବକର୍ମୀ ବ୍ରହ୍ମବରଦା ବ୍ରିଜ ନିକଟରୁ ବନ୍ଧଡ଼ିହ ପର୍ଯ୍ୟନ୍ତ ନଦୀବନ୍ଧର ଘଳିଆ ପଡ଼ିଥିବା ସ୍ଥାନ ବୁଲି ସ୍ଥିତି ପରଖିଛନ୍ତି। ଘଟଣାସ୍ଥଳରେ ଉପସ୍ଥିତ ଥିବା ବରୀ ଜଳସେଚନ ବିଭାଗର ଉପଖଣ୍ଡ ଅଧିକାରୀ ମନୋରଞ୍ଜନ ତ୍ରିପାଠୀ ଏବଂ ଜାରକା ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଶିଶିର ଦାସଙ୍କ ନଦୀବନ୍ଧ ନିମ୍ନମାନର କାର୍ଯ୍ୟ ପାଇଁ ତାଗିଦ୍ କରିବା ସହ ଦୁର୍ବଳ ନଦୀବନ୍ଧ ଏବଂ ଘଳିଆ ପଡ଼ିଥିବା ସ୍ଥାନ ମାନଙ୍କରେ ବାଲି ବସ୍ତା ପକାଇ ସୁଦୃଢ କରିବା ପାଇଁ ପରାମର୍ଶ ଦେଇଛନ୍ତି।

**ବାଲିଚନ୍ଦ୍ରପୁର/କୁନ୍ଦଳ:** ଉପର ମୁଣ୍ଡରେ ଲଗାତାର ବର୍ଷା ଲାଗିରହିଥିବାରୁ ବଡ଼ଚଣା ବ୍ଲକ ଦେଇ ପ୍ରବାହିତ ବିରୂପା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବ୍ରାହ୍ମଣୀ ନଦୀର ଶାଖା ନଦୀ କେଲୁଅ ଓ ବିରୂପା ନଦୀର ଶାଖା ନଦୀ ଗେଙ୍ଗୁଟି ନଦୀରେ ମଧ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗତ ଦୁଇ ଦିନ ହେବ ନଦୀରେ ପାଣି ବଢୁଥିବାର ଦେଖିବାକୁ ମିଳିଛି। ବିରୂପା ନଦୀର ପାଣି କୂଳଲଘି ଅନେକ ଗାଁରେ ପସିବା ସହିତ ବ୍ୟାପକ ଧାନ ଫସଲ ଓ ପନିପରିବା ଫସଲ କ୍ଷତି ହେବାର ଆଶଙ୍କା ଥିବାରୁ ଚାଷୀମାନଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଏହି ବନ୍ୟା ଜଳ ବାଲିଚନ୍ଦ୍ରପୁର ଅଞ୍ଚଳର ଚାରିନଙ୍ଗଳ, ବାହାଦୁରନଗର, କଳାଶ୍ରୀ, ଗୋପାଳପୁର, ଛତାବର, ଗଜେନ୍ଦ୍ରପୁର, ଆମ୍ବସୌରୀ, ଖଡ଼ଗପୁର, ତିଗିରିଆ ଆଦି ଗ୍ରାମ ଗୁଡ଼ିକରେ ପସିବା ଦ୍ୱାରା ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ରାସ୍ତାକୁ ଆସିବା ପାଇଁ ଲୋକମାନେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବାହାଦୁରନଗରର ୟୁଜିଏମଇ ବିଦ୍ୟାଳୟ, ଗଜେନ୍ଦ୍ରପୁରର ଉଚ୍ଚ ମାଧ୍ୟମିକ ଓ ପ୍ରାଇମେରି ବିଦ୍ୟାଳୟ, ଗଜେନ୍ଦ୍ରପୁର ପଶୁ ଡାକ୍ତରଖାନା ପ୍ରଭୃତି ପାଣି ଘେରରେ ଥିବାରୁ ପିଲାମାନେ ବିଦ୍ୟାଳୟକୁ ଯିବାକୁ ସମସ୍ୟା ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ତିନୋଟି ଡଙ୍ଗା କଳାଶ୍ରୀ ଗୋପାଳପୁର ପଞ୍ଚାୟତକୁ ଯୋଗାଇ ଦିଆଯାଇଥିବା ବେଳେ ଅନ୍ୟ ଅଞ୍ଚଳକୁ ଯୋଗାଯାଇନାହିଁ। ପରବର୍ତ୍ତି ଅବସ୍ଥାରେ ରିଲିଫ ଓ ଗୋଖାଦ୍ୟ ଯୋଗାଇଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। କେତେକ ଗ୍ରାମବାସୀ ସେମାନଙ୍କର ଗାଇ ଗୋରୁଙ୍କୁ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ରାସ୍ତାରେ ଆଣି ପାଲ ଟାଙ୍ଗି ରଖିଲେଣି। ତୁରନ୍ତ ବନ୍ୟା ବିପନ୍ନ ଗ୍ରାମବାସୀଙ୍କ ଯାତାୟତ ପାଇଁ ଡଙ୍ଗା ସହିତ ରିଲିଫ୍ ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ସରକାରଙ୍କ ପାଖରେ ଦାବି କରିଛନ୍ତି।

**ବରୀ:** ବ୍ରାହ୍ମଣୀରେ ବନ୍ୟାଜଳ ଯୋଗୁଁ ବରୀ ବ୍ଲକ ଅଧୀନ ଅରଙ୍ଗାବାଦ, ବାଲିବିଲ ପ୍ରଭୃତି ପଞ୍ଚାୟତର ନଦୀକୂଳରେ କରାଯାଇଥିବା ଅନେକ ପନିପରିବା ଫସଲ ଜଳମଗ୍ନ ହୋଇଛି। ଚଳିତ ବର୍ଷ ବ୍ରାହ୍ମଣୀରେ ଏହା ହେଉଛି ବଡ଼ ବନ୍ୟା। ତେବେ ବରୀ କାଇପଡ଼ା ଗାନ୍ଧୀ ମାର୍ଗର ବାଲିବିଲ ସାଇ ମନ୍ଦିର ନିକଟରେ ରାସ୍ତା ବୁଡ଼ି ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟତ ବନ୍ଦ ହୋଇଯାଇଛି। ବ୍ରାହ୍ମଣୀ ନଦୀର ଶାଖା ନୂଆନଈର ଚତର ଠାରୁ ତଳକୁ ବନ୍ଧ ନଥିବାରୁ ପ୍ରତିବର୍ଷ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ। ରାତିରେ ଜଳସ୍ତର ବଢ଼ିଲେ ରାସ୍ତା ଉପରେ ୪ରୁ ୫ ଫୁଟ ଉଚ୍ଚର ଜଳ ପ୍ରବାହିତ ହେବ। ଫଳରେ ବାଲିବିଲ, ଅଲିପୁର, ଅନ୍ୟାସିପୁର, କଳାମାଟିଆ ପ୍ରଭୃତି ପଞ୍ଚାୟତର ଗୁଡିକ ଜଳମଗ୍ନ ହୋଇଯିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

## ଯୁବ ବ୍ୟାଙ୍କ କର୍ମଚାରୀଙ୍କ ମୃତ୍ୟୁ

କବାଟବନ୍ଧ,୧୬।୭ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ତଲବା ଗ୍ରାମ ପଞ୍ଚାୟତ ଅଧୀନ ଏଣ୍ତଲବା ଗ୍ରାମର ଜଣେ ଯୁବ ବ୍ୟାଙ୍କ କର୍ମଚାରୀଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ ବ୍ୟାଙ୍କ କର୍ମଚାରୀ ଜଣଙ୍କ ହେଲେ କୃଷ୍ଣଚନ୍ଦ୍ର ଦାସଙ୍କ ସାନ ପୁଅ ସନ୍ତୋଷ କୁମାର ଦାସ (୩୫) ବୋଲି ଜଣାପଡ଼ିଛି। ସନ୍ତୋଷଙ୍କ ମୃତ୍ୟୁ ପରେ ଉକ୍ତ ପରିବାର ପୁରୁଷ ଶୂନ୍ୟ ହୋଇ ଯାଇଛି। ସନ୍ତୋଷ ଯାଜପୁର ଟାଉନର ଏକ ଘରୋଇ ବ୍ୟାଙ୍କରେ କାର୍ଯ୍ୟ କରୁଥିଲେ। ଗତ ରବିବାର ସାଙ୍ଗ ମାନଙ୍କ ସହିତ ଭୋଜି କରି ଖାଇସାରିବା ପରେ ହଠାତ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ସଙ୍ଗେ ସଙ୍ଗେ କଟକ ବଡ଼ ମେଡିକାଲକୁ ନେଇଯାଇଥିଲା। ତିନିଦିନ ଚିକିତ୍ସା ହେବା ପରେ ବୁଧବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ତୋଷଙ୍କ ବାପା ପୂର୍ବରୁ କଲିକତାଠାରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କ ଭାଇ ମଧ୍ୟ ପୂର୍ବରୁ ଚଣ୍ଡିଖୋଲ ଠାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଯାହା ଫଳରେ ସନ୍ତୋଷଙ୍କ ପରିବାର ଏବେ ପୁରୁଷ ଶୂନ୍ୟ ହୋଇ ଯାଇଛି।

## ପାନୀୟ ଜଳ ସମସ୍ୟା; ତହସିଲ ଘେରିଲେ ମହିଳା

ସୁକିନ୍ଦା, ୧୬।୭(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମରେ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ମହିଳା। ହରିପୁର ଗ୍ରାମର ୧୨ ଓ ୧୩ନଂ ୱାର୍ଡରେ ଆବଶ୍ୟକୀୟ ଜଳ ଉତ୍ସ ନଥିବାରୁ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଗୋଟିଏ କୂଅ ଅଛି; କିନ୍ତୁ ସେହି କୂଅର ପାଣି ପାନୀୟ ଜଳ ଉପଯୋଗୀ ନୁହେଁ। ଗତ ମାସରେ ସେହି ଅଞ୍ଚଳରେ ଡାଇରିଆ ବ୍ୟାପିଥିବା ସମୟରେ ଯାଜପୁର ଜିଲ୍ଲାପାଳ, ସୁକିନ୍ଦା ତହସିଲଦାର ଗ୍ରସ୍ତ କରିଥିଲେ ଓ ପାନୀୟ ଜଳ ସମସ୍ୟା ଥିବା ଦେଖିଥିଲେ। ପ୍ରଶାସନ ପକ୍ଷରୁ



ସେହି କୂଅ ପାଣିକୁ ବାରଣ କରାଯାଇଥିଲା। ସେହି କୂଅକୁ ସରକାରଙ୍କ ପକ୍ଷରୁ ସୁଦ୍ଧ କରିବା ପାଇଁ କୁହାଯାଇଥିଲା। କିଛି ଲୋକ ସେହି କୂଅକୁ ବ୍ୟକ୍ତିଗତ କୂଅ ବୋଲି ଦାବି କରି ଅବରୋଧ କରି ରଖିଥିବାରୁ ତାହା ସ୍ୱଚ୍ଛ କରାଯାଇପାରୁନାହିଁ। ଗୋଟିଏ ବ୍ୟକ୍ତିଗତ ନଳକୂପ ଉପରେ ଦୁଇଟି ୱାର୍ଡର ଶତାଧିକ ପରିବାର ନିର୍ଭର କରୁଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ମହିଳା ମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାର ତୁରନ୍ତ ସମାଧାନ କରିବା ପାଇଁ ଦୁଇଟି ୱାର୍ଡର ଅନେକ ମହିଳା ସୁକିନ୍ଦା ତହସିଲଦାରଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି।

## ରାସ୍ତା ମରାମତି କଲେ ଗାଁ ଯୁବକ

ବାଲିଚନ୍ଦ୍ରପୁର, ୧୬।୭(ସମିସ): ବାଲିଚନ୍ଦ୍ରପୁର- ଲଳିତଗିରି ପୂର୍ତ୍ତ ବିଭାଗ ରାସ୍ତାର ବାଲିଚନ୍ଦ୍ରପୁର ବଜାର ପୁରୁଣା ପୋଲ ଠାରୁ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାରେ ମେଘା କମ୍ପାନୀ ପାନୀୟ ଜଳ ଯୋଗାଣ ପାଇଁ ୧୦ଟି ସ୍ଥାନରେ ରାସ୍ତା ଖୋଳି ପାଇପ୍ ବିଛାଇଥିଲା। ହେଲେ ଖୋଳା ଯାଇଥିବା ସ୍ଥାନକୁ ମରାମତି ନକରି ମେଘା କମ୍ପାନୀର ଠିକାଦାର ଛୁ' ମାରିବା ପରେ ସେହି ସବୁ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଚାରି ମାସ ହେବ ଯାତାୟତ ପାଇଁ ସମସ୍ୟା ସୃଷ୍ଟି କରୁଥିଲା। ସେହି ଖାଲ ଉପରେ ପଡି ବହୁ ଛାତ୍ରଛାତ୍ରୀ ଓ ପଥଚାରୀ



ଆହତ ମଧ୍ୟ ହେଉଛନ୍ତି। ତେବେ ଏନେଇ ଗତ ୧୫ ତାରିଖରେ ଦୈନିକ ଖବର କାଗଜ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଆଜି ସ୍ଥାନୀୟ ଅଞ୍ଚଳର ତିନି ଜଣ ସ୍ୱେଚ୍ଛାସେବୀ ଯୁବକ ବିମ୍ବାଧର ବେହେରା, ମନୋଜ କୁମାର ସାହୁ ଓ ଦେବେନ୍ଦ୍ର କୁମାର ଦାସ ପ୍ରମୁଖ ନିଜ ହାତରୁ ପଇସା ଖର୍ଚ୍ଚ କରି ଏକ ଟ୍ରାକ୍ଟର ସାହାଯ୍ୟରେ ମହରମ ଆଣି ସେହି ଖାଲଖମା ସ୍ଥାନରେ ପକାଇ ଯାତାୟତ ପାଇଁ ସୁବିଧା କରିଛନ୍ତି।

# ଜଳୁଛି ଅସନ୍ତୋଷର ନିଆଁ; ସବୁଠି ଶୋଭାଯାତ୍ରା ଓ ବିକ୍ଷୋଭ

ଦଶରଥପୁର/ମଙ୍ଗଳପୁର,୧୬।୭(ସମିସ)

ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ଛାତ୍ର କଂଗ୍ରେସ ପକ୍ଷରୁ ଆଜି ବିକ୍ଷୋଭ କରାଯାଇଛି। ଦଶରଥପୁର ବ୍ଲକ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ସ୍ଥାନୀୟ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରା କରାଯାଇ କୁଆଖିଆ-ମଙ୍ଗଳପୁର ୨୦ ନମ୍ବର ଜାତୀୟ ରାଜପଥ ବୋଉଳାଙ୍ଗ କଲେଜ ଛକ ରାସ୍ତା ଉପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ନାରାବାଜି ଦିଆଯାଇଥିଲା। ନ୍ୟାୟ ଦାବିରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ସାଂସଦ ପ୍ରତାପ ଷଡ଼ଙ୍ଗୀ, ବିଧାୟକ ମାନସ ଦତ୍ତଙ୍କ କୁଶପୁତ୍ତଳିକା ପୋଡ଼ାଯାଇଥିଲା। ଯୁବନେତା ଚନ୍ଦ୍ରଶେଖର ସାହୁ, ଚନ୍ଦ୍ରନାରାୟଣ ଦାସ, ଛାତ୍ର ନେତା ଅନନ୍ତ କୁମାର ଜେନା, ଅନୁପମ ମଲିକ, ଶେଖର ସମ୍ବିତ ଧଳ, ଅଜୟ ନାୟକ, ଅମୀୟ ତ୍ରିପାଠୀ, ଚିନ୍ମୟୀ ଦାସ, ମିର ବର୍ଣ୍ଣି, ରୂପକ ଦାସ, ଜ୍ଞାନରଞ୍ଜନ ଜେନା ପ୍ରମୁଖ ସାମିଲ ହୋଇଥିଲେ। ବ୍ଲକ କଂଗ୍ରେସ ଓ କମ୍ୟୁନିଷ୍ଟ ପକ୍ଷରୁ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ମଙ୍ଗଳପୁର ପେଟ୍ରୋଲ ପମ୍ପଠାରୁ ଆରମ୍ଭ ହୋଇ ଥାନା ତ୍ରିନାଥ ମନ୍ଦିର ପର୍ଯ୍ୟନ୍ତ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଥାନା ପରିସରରେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। କଂଗ୍ରେସ ପକ୍ଷରୁ ବରିଷ୍ଠ ନେତା ଦେବେନ୍ଦ୍ର ପଣ୍ଡା, ଶ୍ୟାମସୁନ୍ଦର କର, ଯୁବନେତା ଚନ୍ଦ୍ରଶେଖର ସାହୁ, ଚନ୍ଦ୍ର ନାରାୟଣ ଦାସ, ସରପଞ୍ଚ ଲିପିକା ମଲିକ, ସମିତି ସଭ୍ୟ ରମାକାନ୍ତ ସେଠୀ, ଛାତ୍ର ନେତା





ଅନନ୍ତ ଜେନା, ଅନୁପମ ମଲିକ, କମ୍ୟୁନିଷ୍ଟ ପକ୍ଷରୁ ମଳୟ ପଣ୍ଡା, ଏସ ଶତପଥୀ, ଅଭୟ ପଣ୍ଡା, ଯେନା, କାଳନ୍ଦି ମଲିକ, ଅମୂଲ୍ୟ ସାମଲ, ଲକ୍ଷ୍ମୀକାନ୍ତ ବାରିକ, ବିଜୟ ନାୟକଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।

ଧର୍ମଶାଳା: ଛାତ୍ରୀ ମୃତ୍ୟୁ ପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠନ ଦାବି କରି ଆଜି ଧର୍ମଶାଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ କ୍ୟାଣ୍ଡେଲ ଶୋଭାଯାତ୍ରା କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ କଲେଜର ଅଧ୍ୟକ୍ଷ ସ୍ୱରୁପାନନ୍ଦ ପଣ୍ଡା ସମେତ କଲେଜର ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇ ସୌମ୍ୟଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ।

ମଇଁଦା: ବିଞ୍ଝାରପୁର ବ୍ଲକ ଉତ୍ତରକୂଳ ପଞ୍ଚାୟତରେ ବିଜେଡି ତରଫରୁ ଏକ ଶାନ୍ତିପୂର୍ଣ୍ଣ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ଉତ୍ତରକୂଳ ସରପଞ୍ଚ ପ୍ରତିନିଧିଙ୍କ ସହ ଅନେକ ବିଜେଡି କର୍ମୀ ମଧ୍ୟ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ପାଖରୁ ଆରମ୍ଭ ହୋଇ ପ୍ରୀତିପୁର ବଜାର ହୋଇ ପୁଣି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଶେଷ ହୋଇଥିଲା। ସରପଞ୍ଚଙ୍କ ପ୍ରତିନିଧି ବିନୟ ନାଥ, ବିଭୂତି ନାଥ, ସମିତିସଭ୍ୟ ରଞ୍ଜନ କୁମାର ମଲ୍ଲିକ, ତ୍ରିଲୋଚନ ମଲ୍ଲିକ, ରମେଶ ମଲ୍ଲିକ, ମନୋରଞ୍ଜନ ସାହୁ, ଅନନ୍ତ ରାଉତ୍, ରାଜେନ୍ଦ୍ର ନାୟକ, ପ୍ରଫୁଲ୍ଲ ବେହେରା, ରାଜେଶ ମହାପାତ୍ର ଓ ଅନେକ ବିଜେଡି ର କର୍ମୀ ମାନେ ଯୋଗଦାନ କରିଥିଲେ।

କୁଆଖିଆ: ଛାତ୍ରୀ ମୃତ୍ୟୁକୁ ନେଇ କଂଗ୍ରେସ ଓ ବାମପନ୍ଥୀ ନେତାଙ୍କ ବିକୃତ ମନ୍ତବ୍ୟ ବିରୁଦ୍ଧରେ ନବ ଭାରତ ହିନ୍ଦୁ ସଂଗଠନ, ଓଡିଶା ପ୍ରଦେଶ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରସୁଲପୁର ବ୍ଲକର ମୁଗୁପାଳ ଉପେନ୍ଦ୍ର ନାଥ ସାରଦା ମହାବିଦ୍ୟାଳୟ ପରିସରରେ ଆୟୋଜିତ ବିକ୍ଷୋଭରେ ସଙ୍ଗଠନର ସତ୍ୟ ରଞ୍ଜନ ନାୟକ, କୀର୍ତ୍ତିରଞ୍ଜନ ଲେଙ୍କା, ନିରାକାର ଲେଙ୍କା, ଚିତ୍ତରଞ୍ଜନ ନାୟକ, ଅଶୋକ କୁମାର ସାହୁ, ବିକ୍ରମ ସ୍ୱାଇଁ, ଆଶୁତୋଷ ପଲେଇ, ଆଦିତ୍ୟ ନନ୍ଦ, ରାଜା ଗେଡି ପ୍ରମୁଖ ଯୋଗଦେଇଥିଲେ। ସୋସିଆଲ ମିଡ଼ିଆରେ କଂଗ୍ରେସ୍ ନେତା ମାନଙ୍କର ଦାୟିତ୍ୱହୀନ ମନ୍ତବ୍ୟ ବିରୁଦ୍ଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରି ସୋମ୍ୟାଶ୍ରୀଙ୍କୁ ନ୍ୟାୟ ଦେବାପାଇଁ ଦାବି କରିଥିଲେ।

## ଓଡ଼ିଶା ବନ୍ଦ ପାଇଁ ପ୍ରସ୍ତୁତି

ସିଂହପୁର/କୁନ୍ଦଳ: କଂଗ୍ରେସ ଦଳ ଗୁରୁବାର ଓଡିଶା ବନ୍ଦ ଡାକରା ଦେଇଛି। ଏହି ପରିପ୍ରେକ୍ଷୀରେ ଆଜି ବିଞ୍ଝାରପୁର କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକକ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ଆସନ୍ତାକାଲି ବଜାର, ସ୍କୁଲ, କଲେଜ, ଯାନବାହାନ ଚଳାଚଳ ବନ୍ଦ କରିବାକୁ ସହଯୋଗ କାମନା କରିଥିଲେ। ସେହିପରି ଓଡ଼ିଶା ବନ୍ଦ ପାଇଁ ଏକ ପ୍ରସ୍ତୁତି ବୈଠକ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରାକ୍ତନ ବ୍ଲକ ସଭାପତି ସୁରେଶ ଚନ୍ଦ୍ର ସାହାଣୀ, ପ୍ରାକ୍ତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ସେକ୍ ରିଆସତ ଅଲ୍ଲି, ବିଶ୍ୱ ପ୍ରକାଶ ସାମଲ, ସରୋଜ କୁମାର ଜେନା, ଚର୍ଚ୍ଚିତ ମାହାଲା, ସଂଜୟ କୁମାର କର, ମହେଶ୍ୱର ମହାପାତ୍ର, ନାରାୟଣ ଦାସ, ବଟକୃଷ୍ଣ ଦାସ ଏବଂ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଇଶ୍ୱର ପରିଡ଼ା, ଅଜୟ କୁମାର ବିଶ୍ୱାଳ, କରୁଣାକର ମହାରଣା, ଭାସ୍କର ନାରାୟଣ ସେଠୀ, ଭଗବାନ ପଣ୍ଡା, ସୁକାନ୍ତ କୁମାର ଜେନା, ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ସମ୍ପାଦକୀୟ



ଅନିର୍ବଚନୀୟ ଅସୀମ ଐଶ୍ୱରୀୟ ସତ୍ତାକୁ ପରିପ୍ରକାଶ କରିବାର ପ୍ରୟାସ ହିଁ ଆଧ୍ୟାତ୍ମିକତା ବା ଆତ୍ମାର ବିଜ୍ଞାନ।
-ସ୍ୱାମୀ ବିବେକାନନ୍ଦ

ସକାଳ
THE SAKALA

## ଅନ୍ଧବିଶ୍ୱାସର ଅନ୍ଧଗଳି

ସଂପର୍କ ଆମ ସାମାଜିକ ବ୍ୟବସ୍ଥାର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ହୋଇ ରହିନାହିଁ। କ୍ରମେ ଏହା ଉନ୍ମୁକ୍ତ ଓ ସଂକୁଚିତ ଅବସ୍ଥାରୁ ମୁକ୍ତ ହେଉଥିବାର ପରିଲକ୍ଷିତ ହେଉଛି। ଏସବୁ ସତ୍ତ୍ୱେ ଆମ ଜୀବନଧାରା ଓ ଚଳଣିରେ ପରମ୍ପରା ନାମରେ ରହିଥିବା ଅଙ୍କୁଶ ତଥା ଅନ୍ଧବିଶ୍ୱାସ ପରିସ୍ଥିତିକୁ ଏତେ ଜଟିଳ କରିଦେଇଛି ଯେ ତାହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନର ବାଧ୍ୟବାଧକତା ସୃଷ୍ଟି ହୋଇଛି। କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ପ୍ରେମ ବ୍ୟାପରକୁ ନେଇ ଯେଉଁ ଦଣ୍ଡବିଧାନ କରାଯାଇଛି ତାହା ସମସ୍ତଙ୍କୁ ଚକିତ କରିଛି। ୭୨ ଘଣ୍ଟା ବ୍ୟବଧାନରେ ଏଭଳି ଦୁଇଟି ଘଟଣାକୁ ନେଇ ବିଭିନ୍ନ ମହଲରେ ତର୍ଜମା ଚାଲିଛି। ଗୋଟିଏ ବଂଶର ସମାନ ଜାତିରେ ବିବାହ ଆଦିବାସୀ ସମାଜରେ ଗ୍ରହଣୀୟ ନୁହେଁ। ସେମାନଙ୍କ ବିଶ୍ୱାସ ଯେ ଧରଣୀ ପେନୁ ଏପ୍ରକାର ବିବାହରେ ଅସନ୍ତୁଷ୍ଟ ହେବ। ତାହାର ପ୍ରଭାବରେ ବର୍ଷାଭାବ ଜନିତ ଫସଲହାନି ଘଟିବ। ତେଣୁ ପ୍ରେମୀଯୁଗଳଙ୍କ ବେକରେ ଜୁଆଳି ଯୋଚି ହଳ ଲଙ୍ଗଳରେ ସାତ ଘେରା ଠାକୁରାଣୀଙ୍କ ପରିକ୍ରମା କରିବାକୁ ହେବ। ଏହାପରେ ସେମାନେ ପତି-ପତ୍ନୀର ସ୍ୱାଭାବିକ ଜୀବନଯାପନ ପାଇଁ ସ୍ୱୀକୃତି ଲାଭ କରିବେ। ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ହେଲା, ପ୍ରଥମ ଘଟଣାକୁ ନେଇ ପୁଲିସର ଖୋଳତାଡ଼ ପରେ ମଧ୍ୟ ଦ୍ୱିତୀୟ ଘଟଣା ଉପରେ ତାହାର କିଛି ପ୍ରଭାବ ପଡ଼ିନାହିଁ। ଯେତେଦୂର ମନେ ହୁଏ ବସ୍ତିବାସିନ୍ଦାଙ୍କ ଏହି ସମ୍ମିଳିତ ନିଷ୍ପତ୍ତି ଆଗାମୀ ଦିନରେ ମଧ୍ୟ ବଳବତ୍ତର ରହିବ।

ପ୍ରେମ କେବଳ ଏକ ପ୍ରବୃତ୍ତି ନୁହେଁ, ବରଂ କୋମଳ ଭାବାବେଗର ଅଭିବ୍ୟକ୍ତି କୁହାଯାଇପାରେ। ତେଣୁ ଏହା କ୍ରମେ ଅଧିକରୁ ଅଧିକ ମୁକ୍ତ ଏବଂ ଧର୍ମ ଓ ଜାତିଗତ କଟକଣାକୁ ଭାଙ୍ଗିଦେଇଛି। କିନ୍ତୁ ସାମଜିକ ବ୍ୟବସ୍ଥାରେ ଉଚ୍ଚଜାତିର ଅହଂକାର ଏବେ ମଧ୍ୟ ତିଷ୍ଠି ରହିଛି। ତେଣୁ ଦେଶର ବିଭିନ୍ନ ଅଞ୍ଚଳରେ ଜାତିଗତ କଟକଣାରୁ ଅନରକଲିଂ ଭଳି ଭୟଙ୍କର ନିର୍ଯାତନା ଓ ଅପରାଧ ପରିଲକ୍ଷିତ ହେଉଛି। ସେ ଦୃଷ୍ଟିରୁ ବିଚାର କଲେ ଅପୋକ୍ଷକୃତ ନିରୀହ ଓ ସରଳ ଆଦିବାସୀ ପ୍ରେମୀଯୁଗଳଙ୍କୁ 'ବଳଦଦଣ୍ଡ' ଦେଇଥିଲେ ମଧ୍ୟ ସେମାନଙ୍କୁ ନିଜ ପରିବେଶରେ ଗୃହସ୍ଥ ଜୀବନ ବିତାଇବାକୁ ସୁଯୋଗ ଦେଇଛନ୍ତି। ଏକ୍ଷେତ୍ରରେ ସେମାନଙ୍କୁ ଅନ୍ଧବିଶ୍ୱାସ କବଳିତ କରି ରଖିଛି ସତ, ଅହଂକାରୀ ସଭ୍ୟ ସମାଜର ନୃଶଂସତାକୁ ସେମାନେ ପ୍ରଶ୍ରୟ ଦେଇନାହାନ୍ତି। ଅଶିକ୍ଷା ଓ ଅନ୍ଧବିଶ୍ୱାସ ଯୋଗୁଁ ଗୁଣିଗାରେଡ଼ି ଏବଂ ରୋଗ ଚିକିତ୍ସା ସକାଶେ ଝଡ଼ାଫୁଙ୍କା ଓ ଠାକୁରାଣୀଙ୍କ ନିକଟରେ ବଳି ଦେବା ବ୍ୟବସ୍ଥା ଏବେ ମଧ୍ୟ ପ୍ରଚଳିତ ଅଛି। ଏବେ ମଧ୍ୟ ଆମ ରାଜ୍ୟରେ ଗୁଣିଗାରେଡ଼ି କରୁଥିବା ଅଭିଯୋଗରେ ଜଘନ୍ୟ ହତ୍ୟାକାଣ୍ଡ ଘଟୁଛି। ସାମାଜିକ ସ୍ତରରେ ସେମାନଙ୍କ ମଧ୍ୟରେ ସଚେତନା ସୃଷ୍ଟି ସକାଶେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟକ୍ରମ ଆରମ୍ଭ ହୋଇନାହିଁ। ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ଏହି ବର୍ଗଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଧର୍ମାନ୍ତର କରାଯାଇଥିବାର ମଧ୍ୟ ଅଭିଯୋଗ ହୁଏ।

ଆମକୁ ଏଠାରେ ଦୁଃଖ ଓ କ୍ଷୋଭର ସହ କହିବାକୁ ପଡୁଛି ଯେ ଚଳଣି ଓ ପରମ୍ପରାକୁ ନେଇ ସୃଷ୍ଟି ହେଉଥିବା ବିଚାରଗତ ବିଦ୍ୱେଷ କେବଳ ଆଦିବାସୀ ସମାଜରେ ସୀମିତ ନାହିଁ। ତଥାକଥିତ ସଭ୍ୟ ଓ ସମ୍ଭ୍ରାନ୍ତ ସହରୀ ଜୀବନର ନାକତଳେ କଙ୍ଗାରୁକୋର୍ଟ ଚାଲେ। ସେଠାରେ କଠୋର ଦଣ୍ଡବିଧାନ ସହ ସାମାଜିକ ବାସନ୍ଦ ଭଳି କଟକଣା ମଧ୍ୟ ଲାଗୁ କରାଯାଏ। ଏପରିକି ଜାତିଆଣ ବିଚାର ମାଧ୍ୟମରେ ସାମଜିକ ଓ ପାରମ୍ପାରିକ ତ୍ରୁଟି ବିରୋଧରେ ଦଣ୍ଡବିଧାନ କରାଯାଇଛି। ଏମିତିରେ ଧର୍ମୀୟ ବିଶ୍ୱାସ ଓ ଆଚାର ବ୍ୟବହାର ମଧ୍ୟ ଅସଙ୍ଗତ ଓ ଅବୈଜ୍ଞାନିକ ଶୃଙ୍ଖଳାକୁ ଆମେ ପରମ୍ପରା ଖାତିରରେ ମାନି ଆସୁଛେ। ଅନେକ କ୍ଷେତ୍ରରେ ତାହା ଅହିତକର ଓ ଅସ୍ୱାସ୍ଥ୍ୟକର ମଧ୍ୟ। ଏକଥା ସତ ଯେ ଜ୍ଞାନର ଆଲୋକ ଦିନକୁ ଦିନ ଏକ୍ଷେତ୍ରରେ ସଚେତନତା ସୃଷ୍ଟି କରୁଛି। ତଥାପି ଅନ୍ଧବିଶ୍ୱାସରୁ ଆମେ ସଂପୂର୍ଣ୍ଣ ମୁକ୍ତ ହୋଇନାହୁଁ। କେତେକ କ୍ଷେତ୍ରରେ ଧର୍ମୀୟ ବିଶ୍ୱାସର ଚାଦର ତଳେ କିଛି ଅପସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସୁଯୋଗ ମିଳୁଛି। ବିନା ବିଚାରବିମର୍ଶରେ ସେସବୁକୁ ମାନିନେବାର ଅତ୍ୟାଗ୍ରହକୁ ଦେଖିଲେ ଚକିତ ହେବାକୁ ପଡ଼େ। ଆମର ପ୍ରଚଳିତ ପ୍ରଥା ଓ ପରମ୍ପରାକୁ ପରିମାର୍ଜିତ ଓ ପୁନଃ ବିନ୍ୟାସ କରିବା ପରିବର୍ତ୍ତେ ସେଥିରେ ଯଦି ଆଉକିଛି ନୂଆ ଯୋଡ଼ିବାର ପ୍ରୟାସ ହୁଏ ତାହାକୁ ଆରମ୍ଭରୁ ରୋକାଯିବା ଜରୁରୀ।

ମାନବାଧିକାର ଓ ସାମ୍ବିଧାନିକ ବ୍ୟବସ୍ଥାରେ ବ୍ୟକ୍ତିର ସ୍ୱାଚ୍ଛନ୍ଦ୍ୟ ନେଇ ଯେତେ ସ୍ୱୀକୃତି ଓ ପ୍ରତିଶ୍ରୁତି ଦିଆଯାଉନା କାହିଁକି ତାହାର କାର୍ଯ୍ୟକାରିତା ଓ କାର୍ଯ୍ୟାନ୍ୱୟନରେ ଏତେ ପ୍ରତିବନ୍ଧକ ରହିଛି ଯେ ସେସବକୁ ସାବ୍ୟସ୍ତ ବା ଜାହିର କରିବା ସହଜ ନୁହେଁ। ଏପରିକି ଶିକ୍ଷିତ ଓ ସଚେତନ ନାଗରିକର ବୋଧଗମ୍ୟ ବାହାରେ ଏସବୁ ନଥିଲେ ମଧ୍ୟ ଉଲ୍ଲଙ୍ଘନକୁ ରୋକିବା ସକାଶେ ତଳୁ ଉପର ପର୍ଯ୍ୟନ୍ତ ତା'କୁ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡୁଛି। ଏକଥା ସତ ଯେ ଆଦିବାସୀ ସମାଜ ଭିତରେ ସଚେତନା ସୃଷ୍ଟିର ଆବଶ୍ୟକତା ରହିଛି। ସେମାନଙ୍କ ଚଳଣିରେ ରହିଥିବା ଅନ୍ଧବିଶ୍ୱାସ ଦୂର କରିବା ଦିଗରେ ଗ୍ରାମ ଓ ପଞ୍ଚାୟତ ସ୍ତରରେ ସେମାନଙ୍କ ଭଷା ଓ ସଂସ୍କୃତିର ଯଥୋଚିତ ଉପଯୋଗ କରି ସଚେତନାର ବାର୍ତ୍ତା ଦିଆଯିବା ଉଚିତ। ସେମାନଙ୍କ ମଧ୍ୟରେ ଥିବା ଅନ୍ଧବିଶ୍ୱାସକୁ ଦୂର କରାଯାଇପାରିଲେ ସଭ୍ୟତାର ନୂତନ ଜ୍ଞାନାଲୋକ ଠକି ଯାଇଥିବା ଜୀବନକୁ ଅଧିକ ସରସ ସୁନ୍ଦର କରିପାରିବ ।

ଅନ୍ଧବିଶ୍ୱାସର ଅନ୍ଧଗଳିରେ ଆମେ ସମସ୍ତେ ଏକପ୍ରକାର ଆଲୋକର ସନ୍ଧାନରେ ଧାଇଁ ଚାଲିଛେ। ଏହା ପଛରେ ଅଛି ଅଭାବ ଓ ଅନଟନର ପୀଡ଼ା। ପରିଶ୍ରମ ସତ୍ତ୍ୱେ ପ୍ରାପ୍ତିର ଦୂରତା କ୍ରମେ ବଢ଼ି ଚାଲିଥିବାରୁ ଅନ୍ଧବିଶ୍ୱାସ କାୟାଛନ୍ନ କରି ରଖିଛି ଆମକୁ। ତେଣୁ ସବୁ ଅବିଶ୍ୱାସର ନିଦାନ ବିଶ୍ୱାସବୋଧ ମନେ ହେଉଛି। ପ୍ରାପ୍ତି ଆଶରେ କି ଧନୀ କି ଗରିବ ଏକ ମୁହାଁ ହୋଇ ଧାଇଁଛନ୍ତି ସବୁ ବାସ୍ତବତାକୁ ପଛରେ ପକାଇ ଅବିଶ୍ୱସନୀୟ ସତ ପଛରେ।

## ଭାଷା ରାଷ୍ଟ୍ରୀୟ ଭାବନାର ପରିପନ୍ଥୀ ନୁହେଁ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

'ମୁଁ ମୋ ଘରର ସବୁ ଝରକା ସବୁବେଳେ ଖୋଲା ରଖିବି। ମୁଁ ଚାହେଁ ବାହାର ଦୁନିଆର ପବନ ଅବାଧରେ ପ୍ରବେଶ କରୁ ମୋ ଘରେ'- ଏହି ମର୍ମରେ କହିଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ଏ 'ପବନ' ହେଉଛି ବାହାର ଦୁନିଆର ଜ୍ଞାନବିଜ୍ଞାନ, ଚିନ୍ତାଚେତନାର ପବନ। ଗାନ୍ଧୀ ଓ ତାଙ୍କର ନିକଟତମ ପୂର୍ବସୂରୀଙ୍କ କାଳଖଣ୍ଡରେ ଇଂରାଜୀ ଭାଷା ମାଧ୍ୟମରେ ସେ ପବନ ପ୍ରବେଶ କରୁଥିଲା କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଭାରତ ଭୂଖଣ୍ଡରେ ଏବଂ ଭାରତୀୟ ମାଟିରେ ପୂର୍ଣ୍ଣ ବିକଶିତ ହୋଇଥିବା ବିବିଧ ଆଞ୍ଚଳିକ ଭାଷାର ସ୍ନିଗ୍ଧ ସୌରଭରେ ସୁରଭିତ ଭାରତୀୟ ଚିନ୍ତାଚେତନା ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହେଉଥିଲା ସେହି ପବନର ସ୍ପର୍ଶ ଓ ପ୍ରବାହରେ। ଗାନ୍ଧୀଙ୍କ ପରି ଗୁରୁଦେବ ରବୀନ୍ଦ୍ରନାଥ ବି ଚାହିଁଥିଲେ- 'ମହାଭାରତର ସାଗରତୀର'ରେ ଦୁନିଆର ସବୁ ନଦ, ନଦୀ, ସାଗର ତୀରରେ ବହୁଥିବା ପବନର ଅନୁପ୍ରବେଶ ଓ ମହାମିଳନ। ଗାନ୍ଧୀଙ୍କ ପରି ସେ ବି ଜାଣିଥିଲେ ସେ ଅନୁପ୍ରବେଶ, ସେ ମହାମିଳନକୁ ସୁଗମ କରିପାରିବ ଇଂରାଜୀ ଭାଷା କେବଳ। ସେଇଥିପାଇଁ ମାତୃଭାଷା ବଙ୍ଗଳାରେ ସେ ଲେଖିଥିବା ବଛା ବଛା ଗୀତଗୀତିକାର ଅନୁବାଦ ନିଜେ କରିଥିଲେ ଇଂରାଜୀ ଭାଷାରେ-କାରଣ ସେ ଜାଣିଥିଲେ ଇଂରାଜୀ ଭାଷା ମାଧ୍ୟମରେ ହିଁ ସେ ବାଢ଼ି ଦେଇପାରିବେ ବାହାର ଦୁନିଆ ପାଖରେ ସନାତନୀ ଭାରତୀୟ ଚିନ୍ତାଚେତନାର 'ଗୀତାଞ୍ଜଳି'; ବିଚ୍ଛୁରିତ କରି ଦେଇପାରିବେ ଭାରତୀୟ ଆଧ୍ୟାତ୍ମିକ ଜ୍ଞାନର ଆଲୋକ। ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ତେଣୁ ଆପଣା ହାତରେ ଗଢ଼ା 'ବିଶ୍ୱଭାରତୀ'ର ସ୍ୱାତନ୍ତ୍ର୍ୟ ସଂପର୍କରେ କବି ରବୀନ୍ଦ୍ରନାଥ କହିଥିଲେ, 'ଏଇଠି ସାରା ପୃଥିବୀ ନିବାସ କରିବ ଗୋଟିଏ ନୀଡ଼ରେ'-ଅର୍ଥାତ୍, ବିଶ୍ୱଭାରତୀ ଶାନ୍ତିନିକେତନରେ ପ୍ରବେଶ କରିବ ବାହାର ଦୁନିଆର ପବନ ମୁକ୍ତ ଭାବରେ ଏବଂ ସେଇଠୁ ମଧ୍ୟ ସଂଚରିତ ହୋଇଚାଲିବ 'ଭାରତୀୟ ଚିନ୍ତନ'ର ପବନ ବାହାର ଦୁନିଆରେ। ଉଭୟେ ଗାନ୍ଧୀ ଓ ରବୀନ୍ଦ୍ରନାଥ ଥିଲେ ଆପଣା ଆପଣା ମାତୃଭାଷାର ପ୍ରତିଶ୍ରୁତିବଦ୍ଧ ପୂଜାରୀ। ଗାନ୍ଧିଜୀଙ୍କ ଅଧିକାଂଶ ଲେଖାମାନ ଥିଲା ମାତୃଭାଷା ଗୁଜରାଟୀରେ ଏବଂ ରବୀନ୍ଦ୍ରଙ୍କ ଶ୍ରେଷ୍ଠ, ସ୍ମରଣୀୟ ଗୀତଗୀତିକା, ନାଟକ, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ସବୁ ଥିଲା ମାତୃଭାଷା ବଙ୍ଗଳାରେ। କିନ୍ତୁ ଏ ଦୁଇ ମହାମାନବ କେବେ ଇଂରାଜୀ ହେଉ କି ଅନ୍ୟ କେଉଁ ଭାଷା ହେଉ କାହାରି ଅନନ୍ୟତାକୁ ହେୟ ଦୃଷ୍ଟିରେ ଦେଖୁ ନ ଥିଲେ କି ଆପଣାର ଦେଶପ୍ରେମ, ରାଷ୍ଟ୍ରପ୍ରେମର ପ୍ରମାଣ ଦେବାକୁ ଯାଇ ଏବେକାର ଆତ୍ମଘୋଷିତ ରାଷ୍ଟ୍ରବାଦୀ ନେତାଙ୍କ ପରି ଇଂରାଜୀ ଭାଷାକୁ 'ଲଜ୍ଜା'ର ଭାଷା (ଲାଙ୍ଗୁଏଜ୍ ଅଫ୍ ସେମ୍) ବୋଲି କହୁ ନ ଥିଲେ।

ଏହା ସର୍ବବିଦିତ ଯେ ମହାତ୍ମା ଗାନ୍ଧୀ ଏବଂ କବି ରବୀନ୍ଦ୍ରନାଥ ଉଭୟେ ମାତୃଭାଷାରେ ଶିକ୍ଷା ଓ ଶିକ୍ଷାପ୍ରଦାନକୁ ସର୍ବାଧିକ ମହତ୍ତ୍ୱ ଦେଇଥିଲେ। ମାତ୍ର ତତ୍‌ସହିତ ସେମାନେ ଇଂରାଜୀ ଭାଷାର ମହତ୍ତ୍ୱ ତଥା ଉପାଦେୟତା ସଂପର୍କରେ ଯଥେଷ୍ଟ ସଚେତନ ଥିଲେ ଏବଂ ଇଂରାଜୀ ଭାଷାରେ ଈର୍ଷଣୀୟ ଦକ୍ଷତା ବି ହାସଲ କରିଥିଲେ। ଗାନ୍ଧିଜୀ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପତ୍ରିକା 'ଇଣ୍ଡିଆନ୍ ଓପିନିଅନ୍'ର ସଂପାଦନା ଓ ପ୍ରକାଶନ ଇଂରାଜୀ ଭାଷା ସହ ଅନ୍ୟ ତିନୋଟି ଭାରତୀୟ ଭାଷାରେ କରିଥିଲେ ଏବଂ ଦୀର୍ଘକାଳ ବନ୍ଦୀ ଜୀବନ କାଟୁଥିବା ବେଳେ ଏପରିକି ସମୟେ ସମୟେ ଦୀର୍ଘ ଜଳଯାତ୍ରା କରୁଥିବା ବେଳେ ସେ ତାମିଲ୍ ଓ ଉର୍ଦ୍ଦୁ ଭାଷା ଦୁଇଟିକୁ ଯଥାସାଧ୍ୟ ଆୟତ୍ତ କରିବାକୁ ଫଳପ୍ରଦ ପ୍ରଚେଷ୍ଟା କରିଥିଲେ। ଦକ୍ଷିଣ ଆଫ୍ରିକାରେ ସେ ଭାରତୀୟ ପ୍ରବାସୀମାନଙ୍କ ପାଇଁ ପ୍ରତିଷ୍ଠା କରିଥିବା ବିଦ୍ୟାଳୟରେ ଇଂରାଜୀ ଭାଷାର ପ୍ରଚଳନକୁ ବାଧ୍ୟତାମୂଳକ କରିଥିଲେ। କାରଣ ସେ ବୁଝିଥିଲେ ଭିନ୍ନ ଭିନ୍ନ ଭାଷାଭାଷୀ ଭାରତୀୟମାନଙ୍କ ମଧ୍ୟରେ ଭାବଗତ ଐକ୍ୟ ସମ୍ଭବ କରିବା ପାଇଁ ଇଂରେଜମାନଙ୍କ ଇଂରାଜୀ ଭାଷା ହିଁ ସର୍ବୋତ୍ତମ।

ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଥିବା ଶ୍ରେଷ୍ଠତମ ବୁଦ୍ଧିଜୀବୀମାନେ- ଗାନ୍ଧୀ, ତିଳକ, ଗୋଖଲେ, ସୁରେନ୍ଦ୍ରନାଥ ବାନାର୍ଜୀ, ଜବାହାରଲାଲ ନେହରୁ, ସୁଭାଷ ବୋଷ, ଶ୍ରୀଅରବିନ୍ଦ, ସରୋଜିନୀ ନାଇଡୁ, ଭଗତ୍‌ସିଂହ - ପ୍ରତ୍ୟେକ ଥିଲେ ଇଂରାଜୀ ଭାଷାରେ ଧୂରୀଣ। ସାମ୍ରାଜ୍ୟବାଦୀ, ଉପନିବେଶବାଦୀ ଇଂରେଜମାନଙ୍କ ସହିତ ଯେଉଁ ଦୀର୍ଘ ସଂଗ୍ରାମ ସେମାନେ ଲଢ଼ିଥିଲେ ସେଥିରେ ସେହିମାନଙ୍କ ଭାଷାକୁ ବ୍ୟବହାର କରିଥିଲେ ମୁଖ୍ୟ ଆୟୁଧ ଭାବରେ। ସମାନତା, ସ୍ୱାଧୀନତା, ଗଣତାନ୍ତ୍ରିକ ବିଚାରଧାରା, ବୈଜ୍ଞାନିକ ଚିନ୍ତନ ଓ କ୍ରିୟାଶୀଳତା ପରି ଆଧୁନିକ ମତାଦର୍ଶ ସବୁର ଗୋଳାବାରୁଦ ସେମାନେ ସଂଗ୍ରହ କରିଥିଲେ ଇଂରାଜୀ ଭାଷାର ସାହିତ୍ୟ ଓ ଦର୍ଶନ ଶାସ୍ତ୍ରମାନଙ୍କରୁ। ଏହା ନିଃସନ୍ଦେହ ଯେ ଭାରତୀୟ ଚିନ୍ତାଚେତନାରେ ଯେଉଁ ନବଜାଗରଣ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରୁ ଆରମ୍ଭ ହୋଇଥିଲା, ତା'ର ସମସ୍ତ ଶ୍ରେୟଃ ହେଉଛି ଇଂରାଜୀ ଭାଷାର। ଆଧୁନିକତାର ନବଔଜଲ୍ୟ ଇଂରାଜୀ ଭାଷା ମାଧ୍ୟମରେ କ୍ରମଶଃ ବିଚ୍ଛୁରିତ ହୋଇଥିଲା ସମଗ୍ର ଭାରତରେ ଏବଂ ପ୍ରାଚୀନ ଭାରତର ସନାତନୀ ଜ୍ଞାନଐତିହ୍ୟ, ଧର୍ମଦର୍ଶନ ସ୍ୱଚ୍ଛରୁ ସ୍ୱଚ୍ଛତର ହୋଇ ସମଗ୍ର ବିଶ୍ୱରେ ଆପଣାର ସୌରଭ ବିକିରଣ କରିବାରେ ଯେଉଁ ସାମର୍ଥ୍ୟ ଅର୍ଜନ କଲା, ସେଥିରେ ମୁଖ୍ୟ ଭୂମିକା ନେଇଥିଲା ଏହି ଇଂରାଜୀ ଭାଷା।

ବର୍ତ୍ତମାନ ଆମ ଦେଶରେ କତିପୟ ରୂଢ଼ିବାଦୀ ଓ ରକ୍ଷଣଶୀଳ ପ୍ରତିକ୍ରିୟାଶୀଳ ଗୋଷ୍ଠୀ ଇଂରାଜୀ ଭାଷା ଔପନିବେଶିକ ମାନସିକତାର ବିଲୋପନ କ୍ଷେତ୍ରରେ ଏକମାତ୍ର ପ୍ରତିବନ୍ଧକ ବୋଲି କହି ଯେଉଁ ଅରୁଚିକର ତମ୍ବିତୋଫାନ ସୃଷ୍ଟି କରିଚାଲିଛନ୍ତି, ତାହା ପ୍ରତ୍ୟେକ ସଚେତନ ଭାରତୀୟମାନଙ୍କୁ କ୍ଷୁବ୍ଧ, ମର୍ମାହତ କରିବା ସ୍ୱାଭାବିକ। ଯେଉଁ ସମୟରେ ସମଗ୍ର ବିଶ୍ୱ ଜାଣିସାରିଲାଣି ଯେ ଏକବିଂଶ ଶତାବ୍ଦୀରେ ପ୍ରତିମୁହୂର୍ତ୍ତରେ ସଂଘଟିତ ହୋଇଚାଲିଥିବା ଜ୍ଞାନବିଜ୍ଞାନ ତଥା ପ୍ରଯୁକ୍ତିବିଦ୍ୟା ସବୁର ନବୋନ୍ମେଷ ସହିତ ତାଳ ଦେଇ ଚାଲିବାକୁ ହେଲେ ଇଂରାଜୀ ଭାଷାରେ ପାରଙ୍ଗମତା ହେଉଛି ଅନିବାର୍ଯ୍ୟ, ସେହି ସମୟରେ ଆମେ ଯଦି ରାଷ୍ଟ୍ରପ୍ରେମ, ମାତୃଭାଷା ପ୍ରେମର ଆଳ ଦେଖାଇ ଆମର ଆଗାମୀ ବଂଶଧରଙ୍କୁ ଇଂରାଜୀ ଭାଷା ବିମୁଖ କରିବା ପାଇଁ ମସୁଧା କରିବା, ତାହା ଭୟଙ୍କର ଭାବରେ ଆତ୍ମଘାତୀ ହିଁ ହେବ।

ଏହ ପରିପ୍ରେକ୍ଷୀରେ ଦୁଇଜଣ ବିଶ୍ୱପ୍ରସିଦ୍ଧ ଆଫ୍ରିକୀୟ ସାହିତ୍ୟିକ - 'ଚିନୁଆ ଆଚ୍‌ବେ' ଓ 'ନୁଗି ୱା ଥିଓଙ୍ଗ'ଙ୍କ ସଂପର୍କରେ ଉଲ୍ଲେଖ କରିବା ଖୁବ୍ ପ୍ରାସଙ୍ଗିକ ହେବ ନିଶ୍ଚୟ। ଏ ଦୁଇ ତୁଙ୍ଗ ସାହିତ୍ୟିକ ଥିଲେ ସାମ୍ରାଜ୍ୟବାଦୀ ଇଂରେଜମାନଙ୍କ ବିରୋଧୀ ଏବଂ ଆଫ୍ରିକାର ଜନଜୀବନ, ଲୋକସଂସ୍କୃତି ତଥା ଜୀବନଧାରାର ସମ୍ୟକ ପ୍ରତିଫଳନ ପାଇଁ ସେମାନଙ୍କ ସୃଜନୀ ଥିଲା ପ୍ରତିଶ୍ରୁତିବଦ୍ଧ। ମାତ୍ର ଚିନୁଆ ଆଚ୍‌ବେଙ୍କ ସାହିତ୍ୟ କୃତିର ଭାଷା ଥିଲା ଇଂରାଜୀ। ତାଙ୍କର ପ୍ରସିଦ୍ଧ ଉପନ୍ୟାସ 'ଥିଙ୍ଗସ୍ ଫଲ୍ ଆପାର୍ଟ' ପ୍ରଥମ ଥର ପାଇଁ ବିଶ୍ୱବାସୀଙ୍କ ପାଖରେ ବାଢ଼ି ଦେଇଥିଲା ତଥାକଥିତ ଅନ୍ଧାରିମୂଳକ ଆଫ୍ରିକା ମହାଦେଶର ଜୀବନ ଓ ସଂସ୍କୃତିର ସ୍ୱାତନ୍ତ୍ର୍ୟ ଏବଂ ଅନନ୍ୟତା। ସେଇ ଉପନ୍ୟାସଟି ସେ ଲେଖିଥିଲେ ଇଂରାଜୀରେ। ଅନ୍ୟପକ୍ଷରେ, କେନିୟାର ସାହିତ୍ୟିକ ଥିଓଙ୍ଗ୍ ଇଂରାଜୀ ଭାଷାରେ ନ ଲେଖି ଲେଖିଥିଲେ ମାତୃଭାଷା 'ଗିକାୟୁ'ରେ ଏବଂ ପ୍ରକାଶ୍ୟ ଭାବରେ ଇଂରାଜୀ ଭାଷାର ବିରୋଧାଚରଣ କରିଥିଲେ ସେ। କିନ୍ତୁ ଖୁବ୍‌ଶୀଘ୍ର ସେ ବୁଝିଗଲେ ଯେ ଇଂରାଜୀ ଭାଷା ମାଧ୍ୟମରେ ହିଁ ସେ ସ୍ୱଚ୍ଛ ଓ ପରିଚ୍ଛନ୍ନ ଭାବରେ ଦୁନିଆକୁ ଜଣାଇ ଦେଇପାରିବେ ତାଙ୍କ ଦେଶର, ତାଙ୍କ ମାତୃଭୂମିର ସାରଐତିହ୍ୟ। ତେଣୁ ସେ ନିଜେ 'ଗିକାୟୁ' ଭାଷାରେ ଲିଖିତ ତାଙ୍କ ପୁସ୍ତକଗୁଡ଼ିକୁ ଇଂରାଜୀରେ ଅନୁବାଦ କରିବାକୁ ଏକପ୍ରକାର ବାଧ୍ୟ ହୋଇଥିଲେ।

ପ୍ରତ୍ୟେକ ଭାଷା ହେଉଛି ଗୋଟିଏ ଗୋଟିଏ ହୀରକ ପେଟିକା- ଯେଉଁଥିରେ ଭରି ରହିଛି ଯୁଗଯୁଗର ଲୋକାନୁଭୂତି, ଭାବଭାବନାର ବୈଚିତ୍ର୍ୟ ଓ ଜୀବନବୋଧ। କୌଣସି ଭାଷା ତେଣୁ ହେୟ କି ପରିତ୍ୟଜ୍ୟ ନୁହେଁ। ତେବେ ଏହା ଆମକୁ ସ୍ୱୀକାର କରିବାକୁ ହେବ ଯେ ବର୍ତ୍ତମାନର ଏଇ କାଳଖଣ୍ଡରେ ଇଂରାଜୀ ଭାଷାର ଆବଶ୍ୟକତା ଓ ଉପାଦେୟତା ସବୁଠାରୁ ଅଧିକ। ଯେଉଁମାନେ ଅସୂୟା-ଜର୍ଜରିତ ଭାବାବେଗରେ ଏହି ସର୍ବଶ୍ରେଷ୍ଠ ଅନ୍ତର୍ଜାତୀୟ ଇଂରାଜୀ ଭାଷାର ବିରୋଧ କରୁଛନ୍ତି, ସେମାନଙ୍କ ପ୍ରତି ଆମକୁ ସଜାଗ ରହିବାକୁ ହେବ। ନା, ଇଂରାଜୀ 'ଲଜ୍ଜା'ର ଭାଷା ନୁହେଁ, ଏହା ହେଉଛି ଆମ 'ଗର୍ବ ଓ ଗୌରବ'ର ଭାଷା। ଆମର ମାନସଲୋକ ଓ ଚିନ୍ତାକ୍ଷେତ୍ରରୁ ସମସ୍ତ ସୀମିତତା, ସଂକୀର୍ଣ୍ଣତା ଦୂର କରି ଦେଇ ନବଔଜଲ୍ୟ, ଶାଣିତ ବୁଦ୍ଧିମତ୍ତା ଭରିଦେଇଥା'ନ୍ତି ଇଂରାଜୀ ଭାଷାରେ ରଚିତ ଅନେକାନେକ ଶାସ୍ତ୍ର ଓ ପୁସ୍ତକ। ସୁତରାଂ ଆମ ମାତୃଭାଷା ପରି ଏହି ସୁନ୍ଦର, ସମୃଦ୍ଧ, ସାବଲୀଳ ଇଂରାଜୀ ଭାଷା ଆମର ନିଃସର୍ତ୍ତ ଶ୍ରଦ୍ଧା, ପ୍ରେମ ଓ ସମ୍ମାନର ହକ୍‌ଦାର ନିଶ୍ଚୟ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ଆମ ଶିକ୍ଷା ବ୍ୟବସ୍ଥାରେ ସୌମ୍ୟାଶ୍ରୀମାନେ

ଡ.ବିମଳ ଷଡ଼ଙ୍ଗୀ

ବାଲେଶ୍ୱରର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ୨୦ ବର୍ଷୀୟା ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ଜନୈକ ପ୍ରଫେସରଙ୍କ ଦ୍ୱାରା ଯୌନ ନିର୍ଯାତନା ଶିକାର ଅଭିଯୋଗ ଆଣିବା ପରେ ଦୀର୍ଘ ୬ ମାସ ଧରି ନ୍ୟାୟ ନ ପାଇବାରୁ ମାନସିକ ଭାରସାମ୍ୟ ହରାଇ ଆତ୍ମାହୁତି ଦେଇଛନ୍ତି। ଗତ ୧୪ ତାରିଖ ଦିନ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଜଣେ ମେଧାବୀ ଛାତ୍ରୀର ଏଭଳି ଅକାଳମୃତ୍ୟୁ ଜନିତ ହୃଦୟବିଦାରକ ଘଟଣା ଆମ ସାମାଜିକ ବ୍ୟବସ୍ଥାର ଏକ ବାସ୍ତବ ଉଦାହରଣ କହିଲେ ଅତ୍ୟୁକ୍ତି ହେବ ନାହିଁ। କିଛିଦିନ ପର୍ଯ୍ୟନ୍ତ ଏହି ଘଟଣା ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରିବ। କେତେ ନେତା, ଆଗଧାଡ଼ିର ଜନତା ପୁଷ୍ପଗୁଚ୍ଛରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ପାର୍ଥନା କରିବେ ଏବଂ ଜନତାକୁ ସୁହାଇଲା ଭଳି ବାର୍ତ୍ତା ଦେବେ। କିଛିଦିନପରେ ପୁଣି ଯେଉଁକଥାକୁ ସେହିକଥା। ଏହି ଧାରା ବହୁକାଳରୁ ଚାଲିଆସିଛି ଏବଂ କେତେଦିନ ପର୍ଯ୍ୟନ୍ତ ଚାଲିଥିବ ତାହା ଜଣାନାହିଁ।

ଭାରତରେ ଛାତ୍ରଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଏକ ଗମ୍ଭୀର ସମସ୍ୟା। ଏହାର ନିରାକରଣ ପାଇଁ ପୋକ୍ସୋ ଆଇନ, କାର୍ଯ୍ୟସ୍ଥଳରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ ଆଇନ, ଏସସିଏସଟି ଆଇନ, ଆଣ୍ଟି ରାଗିଂ ବ୍ୟବସ୍ଥା ପ୍ରଚଳିତ ଅଛି। ସମସ୍ତ ଶିକ୍ଷାନୁଷ୍ଠାନରେ ଅଭିଯୋଗ କମିଟି/ ପ୍ରକୋଷ୍ଠ ଗଠନ, ସିସିଟିଭି ସ୍ଥାପନ, ଶିକ୍ଷାର୍ଥୀଙ୍କୁ ପରାମର୍ଶ ଓ ସହାୟତା କମିଟି, ହେଲ୍ପଲାଇନ୍ ନମ୍ବର, ବିଶ୍ୱବିଦ୍ୟାଳୟରେ ଜଣେ ଶିକ୍ଷା ନ୍ୟାୟାଧୀଶ ନିଯୁକ୍ତି ଇତ୍ୟାଦି ଅନେକ ବ୍ୟବସ୍ଥା ମଧ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ସେଗୁଡ଼ିକର ଆବଶ୍ୟକତାକୁ କେହି କେବେ ଗମ୍ଭୀରତାର ସହିତ ନେଇ ନଥା'ନ୍ତି। ଏପରିକି ଶିକ୍ଷାନୁଷ୍ଠାନର ମୁଖ୍ୟ କର୍ମକର୍ତ୍ତା, ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ ସେ ବିଷୟରେ ସଚେତନ ନୁହନ୍ତି। ଯେତେବେଳେ କୌଣସି ଅଘଟଣ ଘଟିଥାଏ ସେ ସମୟରେ ସମସ୍ତଙ୍କର ଏଗୁଡ଼ିକ ବିଷୟରେ କିଛିଦିନ ପର୍ଯ୍ୟନ୍ତ ମନେପଡ଼େ।

ସୌମ୍ୟାଶ୍ରୀ ଗୋଟିଏ ମାତ୍ର ଉଦାହରଣ। କିଛିଦିନ ତଳେ ଛତିଶଗଡ଼ର ରାଜନନ୍ଦଗାଓଁରେ ଜଣେ ୧୩ ବର୍ଷୀୟା ଛାତ୍ରୀ ପାଠ ବୁଝି ନପାରି ପୁଣି ଥରେ ପଢ଼ାଇବାକୁ ସାମାଜିକ ବିଜ୍ଞାନ ଶିକ୍ଷକଙ୍କୁ ଅନୁରୋଧ କରି ପ୍ରତିବଦଳରେ ଚାପୁଡ଼ା ଖାଇ ୭୦-୮୦% ଶ୍ରବଣ ଶକ୍ତି ହରାଇଛନ୍ତି। ଗତବର୍ଷ ଏଭଳି ଘଟଣା ବହୁ ଅଧିକ ଘଟିଛି। ମଧ୍ୟପ୍ରଦେଶର ତାଲାଲୱାଲି ଚନ୍ଦାରେ ଜଣେ ୪୫ ବର୍ଷର କମ୍ପ୍ୟୁଟର ଶିକ୍ଷକ ଶ୍ରେଣୀ ମଝିରେ ଜଣେ ୧୧ ବର୍ଷୀୟା ଝିଅକୁ ଯୌନ ଉତ୍ପୀଡ଼ନ ଦେବା ଅଭିଯୋଗରେ ଗିରଫ କରାଯାଇଥିଲା। ମହାରାଷ୍ଟ୍ରର ପୁଣେରେ ଜଣେ ୪୨ ବର୍ଷୀୟ ଶିକ୍ଷକ ଜଣେ ଷ୍ଟାଣ୍ଡାର୍ଡ ୭ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗ ପରେ ସମ୍ପୃକ୍ତ ବ୍ୟକ୍ତି ଏବଂ ଅବହେଳା କରିଥିବା ଅଧ୍ୟକ୍ଷ ଉଭୟଙ୍କୁ ପୋକ୍ସୋ ଆଇନରେ ଗିରଫ କରାଯାଇଥିଲା। ତାମିଲନାଡୁର ତିରୁନେଲଭେଲିରେ ଏକ ସରକାରୀ ସହାୟତାପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ଓ ଜଣେ ଛାତ୍ରଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଗିରଫ କରାଯାଇଥିଲା। ଆଇଆଇଟି ରୁରକି, ଗୁଜରାଟ, କେରଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଦିରେ ଏହିପରି ଅନେକ ଘଟଣା ଘଟିଥିବାର ଜଣାପଡ଼ିଛି। ସେଥିମଧ୍ୟରୁ କିଛି ନ୍ୟାୟିକ ଓ ରାଜନୈତିକ ବ୍ୟବସ୍ଥା ଭିତରେ ସତ୍ୟକୁ ଚାପିଦେବାର ପ୍ରୟାସ ହୋଇଛି। ୨୦୨୩ ମସିହାରେ ଜେଏନୟୁର ଛାତ୍ରମାନେ ଜଣେ ପ୍ରଫେସରଙ୍କୁ ଏକାଧିକ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗ ନିଲମ୍ବନ କରାଯାଇଥିଲା। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ୨୦୧୭ ମସିହାରେ ନିର୍ଯାତନା ଅଭିଯୋଗ ଆଣିଥିବା ଜଣେ ଝିଅକୁ ପ୍ରଶାସନ ଅଣଦେଖା କରିବାରୁ ଛାତ୍ରୀମାନେ ବିକ୍ଷୋଭ କରିଥିଲେ। ଏଠାରେ ର୍ୟାଗିଂ ଜନିତ ହତ୍ୟା ଓ ଆତ୍ମହତ୍ୟା କଥା ଉଲ୍ଲେଖ କଲେ ତାଲିକା ଲମ୍ବି ଚାଲିବ।

ସ୍ୱାଧୀନତାର ୭୮ବର୍ଷ ପରେ ମଧ୍ୟ ଆମ ଭବିଷ୍ୟତଙ୍କ ପାଇଁ ନିଜର ସଚ୍ଚୋଟ ମନୋଭାବର ଅଭାବ ଏବଂ ଆମ କର୍ତ୍ତବ୍ୟରେ ଅବହେଳା ପରିଲକ୍ଷିତ। ଇତିହାସକୁ ସାକ୍ଷୀ ରଖୀ ଇଂରେଜ ଓ ମୋଗଲମାନଙ୍କୁ ମାନବିକତା ବିରୋଧୀ ବୋଲି ଆମେ ଅଭିଯୋଗ କରୁଛେ। ମାତ୍ର ଯେତେବେଳେ ଆମେ ଇତିହାସ ହୋଇଯାଇଥିବା ସେତେବେଳେ ଆଜି ଆମେ ଯେଉଁ ଅଭିଯୋଗ ଇଂରଜ ଓ ମୋଗଲମାନଙ୍କ ବିରୋଧରେ ଆଣୁଛନ୍ତି ହୁଏତ ଉତ୍ତରପିଢ଼ି ସମାନ ଅଭିଯୋଗ ଆମର ପ୍ରଚଳିତ ବ୍ୟବସ୍ଥା ଓ ଆମ ମାନସିକତା ବିରୋଧରେ ଆଣିବେ।

ନ୍ୟାୟ ଆଶାରେ ପୁଲିସ, ପ୍ରଶାସନ, ନେତା, ଅଧ୍ୟକ୍ଷ, ପିତାମାତା, ସାଙ୍ଗସାଥୀ ସମସ୍ତଙ୍କ ପାଖରେ ଗୁହାରି କରିଥିଲେ ସୌମ୍ୟାଶ୍ରୀ। ନେତୃତ୍ୱ ନେବାର ଯୋଗ୍ୟତା ଥିବା ଜଣେ ମେଧାବୀ ଛାତ୍ରୀର ଅକାଳ ମୃତ୍ୟୁ କେବଳ ତାଙ୍କ ପରିବାର ପାଇଁ ନୁହେଁ, ବରଂ ଏ ଦେଶର ଭବିଷ୍ୟତ ପାଇଁ ଏକ ଅପୂରଣୀୟ କ୍ଷତି। ଯେଉଁମାନେ ଦେଶର କ୍ଷତି କରନ୍ତି ସେମାନେ ଦେଶଦ୍ରୋହୀ। ଜଣାନାହିଁ ସେମାନଙ୍କୁ ଆମ ଶାସନ ବ୍ୟବସ୍ଥା କେଉଁ ପ୍ରକାରର ଦଣ୍ଡ ଦେବ। ନା ଅତୀତର ଘଟିଥିବା ଘଟଣା ଭଳି ସବୁ ଭୁଲିଯାଇ ପୁଣିଥରେ ନୂଆ ଘଟଣାକୁ ଅପେକ୍ଷା କରିବେ ସବୁ ରାଜନୈତିକ ଦଳ, ଶିକ୍ଷାବିତ, ଛାତ୍ରସଂଗଠନ, ଜନସାଧାରଣ, ଶାସନାଧୀଶ ଓ ଅନ୍ୟମାନେ। ନୂଆ ପିଢ଼ିଙ୍କୁ ସୁରକ୍ଷା କବଚ ସୁନିଶ୍ଚିତ କଲେ ଯାଇ ମିଳିବ ସୌମ୍ୟଶ୍ରୀଙ୍କୁ ପ୍ରକୃତ ନ୍ୟାୟ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ସେହି ଅବିସ୍ମରଣୀୟ ଶହେରାତିର ଯାଦୁକର କାଳୀଚରଣ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ସମ୍ପ୍ରତି କେହି କ'ଣ ବିଶ୍ୱାସ କରିବେ ଯେ କାଳୀଚରଣ ପଟ୍ଟନାୟକଙ୍କ ରଚିତ 'ଭାତ' ନାଟକ ଦେଖିବା ସକାଶେ ଓଡ଼ିଆ ଜାତି ଓ ଓଡ଼ିଶାର ମାଟି ରହିଥିଲେ ଜାଗ୍ରତ ହୋଇ ଶହେଟି ରାତି! କି ଅଲୌକିକ ଆକର୍ଷଣ ଥିଲା ସେ ନାଟକ ଭିତରେ? କାଳୀଚରଣ ସତରେ ଥିଲେ ନାଟ୍ୟକାର ନା ଅଦ୍ଭୁତ ପ୍ରତିଭାର ଯାଦୁକର? ଏପରି ଏକ ଏକ ସତ୍ୟାବିଷ୍କାର ହିଁ ଦୋହଲାଇ ଦିଏ ପ୍ରକୃତରେ ଆମର ଛାତି।

ଅଗଣିତ ଦର୍ଶକଙ୍କ ଅଣାୟତ୍ତ ଆବେଗକୁ କେଉଁ ଶକ୍ତି ରଖିପାରୁଥିଲା ଏପରି ଅପୂର୍ବ ମମତାରେ ଆବଦ୍ଧ କରିଦେଇ? ତାହା କଳ୍ପନା କରିବା ମାତ୍ରକେ ନାଟ୍ୟକାର କାଳୀଚରଣ ପଟ୍ଟନାୟକଙ୍କ ପ୍ରତି ଯେକୌଣସି ଦରଦୀ ମଣିଷର ଛାତି ପରିପୂର୍ଣ୍ଣ ହୋଇଉଠେ ଅସାମାନ୍ୟ ଶ୍ରଦ୍ଧା ଆଉ ସଂପ୍ରୀତିରେ। ମଣିଷ ଜୀବନର ନିରାଟ ବାସ୍ତବତାକୁ କାଳୀଚରଣ ଯେପରି ପ୍ରତ୍ୟକ୍ଷ କରିଛନ୍ତି, ଅନୁରୂପ ଭାବରେ ତାହାକୁ ଦୃଶ୍ୟାଙ୍କିତ କରିଛନ୍ତି ପ୍ରାଣର ଅସୀମ ଭାବାବେଗ ଉତ୍ସର୍ଗ କରିଦେଇ। ତାହା ହିଁ ତାଙ୍କ ନାଟକକୁ ପ୍ରଦାନ କରିପାରିଥିଲା ଚିର ଆକାଂକ୍ଷିତ ମାର୍ମିକ ସ୍ୱାଭାବିକତା। କେଉଁ ନାଟକ ବା ତାଙ୍କର ହୃଦୟସ୍ପର୍ଶୀ ନୁହେଁ! କେଉଁ ନାଟକ ପୁଣି ଆଧୁନିକ ଶୈଳ୍ପିକ ରୀତିରେ ନୁହେଁ ସୁସଜ୍ଜିତ! ସୁଶୃଙ୍ଖଳିତ! 'ଶ୍ରୀଗୀତଗୋବିନ୍ଦ','ଆଖିରଦେଖା', 'ଶକୁନ୍ତଳା', 'ହରିଶ୍ଚନ୍ଦ୍ର', 'ଅଭିଯାନ', 'ରକ୍ତ ମନ୍ଦାର', 'ଗାର୍ଲ୍ସସ୍କୁଲ', 'ରକ୍ତମାଟି', 'ହୀରାଖଣ୍ଡ' ଆଦି ନାଟକ ଯେଉଁ ବିପୁଳ ଆଲୋଡ଼ନ ସୃଷ୍ଟି କରିଥିଲା ତାହାର ସାକ୍ଷ୍ୟ ହେଉଛି 'ଓଡ଼ିଶା ଥିଏଟର'। ପୌରାଣିକ, ଐତିହାସିକ, ସାମାଜିକ, ଜୀବନୀ ଆଧାରିତ ନାଟକ ରଚନା କରି ଯେପରି ଭାବରେ ଓଡ଼ିଶା ମାଟିରେ କମ୍ପନ ସୃଷ୍ଟି କରିଥିଲେ କାଳୀଚରଣ ତାହା ଅନତିକ୍ରମଣୀୟ ହୋଇ ରହି ନାହିଁ କି? ସେ ଥିଲେ ସର୍ବାଂଶରେ ନାଟ୍ୟପ୍ରାଣ। ନାଟ୍ୟାଭିନୟକୁ ପ୍ରାଣବନ୍ତ ରୂପ ଦେବା ନିମିତ୍ତ ସେ ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ନିଃସଂକୋଚ ଚିତ୍ତରେ। କିଏ ପୁଣି କ'ଣ ଏକଥା ଚିନ୍ତା କରିପାରିବେ ଯେ ୧୯୩୯ ମସିହାରେ 'ଗାର୍ଲ୍ସସ୍କୁଲ' ନାଟକ ଅଭିନୟରେ ସର୍ବପ୍ରଥମେ ନାରୀ କଳାକାରମାନେ ସ୍ୱକୀୟ ପ୍ରତିଭା ପ୍ରଦର୍ଶନ କରିବାର ପାଇଥିଲେ ଅପୂର୍ବ ସୁଯୋଗ। ଚରିତ୍ରଗୁଡ଼ିକୁ କିପରି ପ୍ରାଣବନ୍ତ ଭାବରେ ଉପସ୍ଥାପନ କରାଗଲେ ଦର୍ଶକର ହୃଦୟ ମନ୍ଥିତ, ଚକ୍ଷୁ ଯୁଗଳ ଲୋତକାପ୍ଲୁତ, ଅନ୍ତର ମଧ୍ୟସ୍ଥ ସୂକ୍ଷ୍ମ ଅଂଶଟି ଭାବାଚ୍ଛନ୍ନ ହୋଇଯାଇପାରିବ ସୁତୀବ୍ର ଭାବରେ, ସେହି ଅନ୍ତର୍ଗତ କଳାର ଅଧିକାରୀ ଥିଲେ ସେ। ଅତୀତର ଅନ୍ଧକାର ବକ୍ଷ ଭେଦ କରି ସେ ଉଦ୍ଧାର କରିପାରିଥିଲେ ପ୍ରେରଣା ଗର୍ଭିତ ଚରିତ୍ର ସକଳ। ଓଡ଼ିଶାର ମହାନ କବି, ଲେଖକମାନଙ୍କ ଅସାମାନ୍ୟ ବ୍ୟକ୍ତିତ୍ୱ ଓ ପ୍ରତିଭାରେ ସେ ଥିଲେ ଅଭିଭୂତ। ସେମାନଙ୍କ ପ୍ରତି ତାଙ୍କ ମନରେ ଭରି ରହିଥିଲା ଯେଉଁ ଆନ୍ତରିକ ଅନୁରକ୍ତି ତାହାର ସାର୍ଥକ ଅଭିବ୍ୟକ୍ତି ହେଉଛି 'ଜୟଦେବ', 'ସାରଳା ଦାସ' ଓ 'ଜଗନ୍ନାଥଙ୍କ ଦାସ' ଆଦି ନାଟକ। ଏହି ମହାନ କବିମାନଙ୍କ ଆତ୍ମିକ ସତ୍ତା ସତେଯେମିତି ଅବତରଣ କରିଆସି ଅଭିନେତାମାନଙ୍କ ଶରୀର ଓ ପ୍ରାଣ ମଧ୍ୟରେ ପ୍ରବେଶ କରିଛି।

'କୁମ୍ଭାରଚକ' ଆତ୍ମଜୀବନୀ ମଧ୍ୟରେ ଅନୁରଣିତ ହୋଇ ଉଠିଛି ତାଙ୍କ ସମର୍ପିତ ନାଟ୍ୟପ୍ରେମୀ ଅନ୍ତରଟି। ଓଡ଼ିଶୀ ନୃତ୍ୟ ମଧ୍ୟରେ ସେ ଆବିଷ୍କାର କରିପାରିଥିଲେ କଳାତ୍ମକ ପରିପକ୍ୱତାର ପ୍ରତିଫଳନ। ସେଥିପାଇଁ ସିଏ ପୁଣି ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମର୍ଯ୍ୟାଦାରେ ବିଭୂଷିତ କରିବା ପାଇଁ ନେଇଥିଲେ ଅଗ୍ରଣୀ ଭୂମିକା।

ଖୋର୍ଦ୍ଧା ସ୍କୁଲରେ ଅଧ୍ୟୟନ କରୁଥିବା ସମୟରୁ ସଙ୍ଗୀତ ଓ ନାଟକ ପ୍ରତି ସୃଷ୍ଟି ହୋଇଥିଲା ତାଙ୍କର ସୁଗଭୀର ଅନୁରାଗ। ବିଶିଷ୍ଟ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ଓସ୍ତାଦ ଖନୁ ଖାଁ, ବନୱାରୀ ମିଶ୍ରଙ୍କଠାରୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଲାଭ କରି ତାଙ୍କ କଳାବୋଧ ପରିଗ୍ରହ କରିଥିଲା ପରିମାର୍ଜିତ ରୂପ। 'ସାକ୍ଷୀଗୋପାଳ ନାଟକ ସଂଗଠନ' କରନ୍ତି ପ୍ରଥମ ପର୍ଯ୍ୟାୟରେ ସେ। ପରବର୍ତ୍ତୀ ସମୟରେ 'ଓଡ଼ିଶା ଥିଏଟର' ରଙ୍ଗମଞ୍ଚ ନିର୍ମାଣ କରି ସେ ଆଧୁନିକ ଓଡ଼ିଶାର ମାଟି ପାଣି ପବନରେ ଭରିଦେଲେ ଅଭିନବ ଉଚ୍ଛ୍ୱାସ। କାଳୀଚରଣଙ୍କ ସାମଗ୍ରିକ ଅବଦାନର ଆକଳନ କରି ତାଙ୍କୁ 'ଓଡ଼ିଶାର ଭରତ ମୁନି' ବୋଲି ଅଭିହିତ କରାଯାଏ ଯଥାର୍ଥରେ। 'ଲଳିତା' ଓ 'ମାଟିର ମଣିଷ' ଚଳଚ୍ଚିତ୍ର ପାଇଁ ସେ ଗୀତ ରଚନା କରିଛନ୍ତି ଭାବ ନିମଗ୍ନ ଧ୍ୟାନରେ।

କାଳୀଚରଣ ପଟ୍ଟନାୟକ ଏକ ପ୍ରଭାବଶାଳୀ କିମ୍ବଦନ୍ତୀ। ପ୍ରତିଟି ନାଟ୍ୟପ୍ରେମୀ ଅନ୍ତରରେ ସେ ନିତ୍ୟସ୍ପନ୍ଦିତ। ସେହି ସ୍ପନ୍ଦନ ଓଡ଼ିଶାର ଜନମାନସ ଓ ଓଡ଼ିଶାର ସଂସ୍କୃତି ମଧ୍ୟରେ ରହିଥିବ ଚିର ସଞ୍ଜୀବିତ, ଏଥିରେ ଅଣୁମାତ୍ର ସନ୍ଦେହ ଅନୁପସ୍ଥିତ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବଜ୍ରାଘାତରେ ଶାଶୂ-ବୋହୂ ସହ ୩ ମୃତ

ତେଲକୋଇ,୧୬।୭(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନାଞ୍ଚଳର ବିଭିନ୍ନ ସ୍ଥାନରେ ଆଜି ବଜ୍ରପାତ ଘଟିବାରୁ ୩ ଜଣଙ୍କ ଜୀବନ ହାନି ହୋଇଛି। ବିଞ୍ଜବାହାଳ ଗ୍ରାମରେ ଶାଶୂ-ବୋହୂ ପ୍ରାଣ ହରାଇଥିବା ବେଳେ ଶିବନାରାୟଣପୁର ଗୋଡ଼ା ଗ୍ରାମରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବିଞ୍ଜବାହାଳ ଗ୍ରାମର ମୃତକ ହେଲେ ଶାଶୂ ରୁକ୍ମଣୀ ନାୟକ(୫୦) ଓ ବୋହୂ ଲବଣୀ ନାୟକ (୩୦)। ସେହିପରି ଗୋଡ଼ା ଗ୍ରାମର ମୃତ ଯୁବକ ହେଲେ ବିପିନ ନାଏକ (୩୫)।

ସୂଚନା ମୁତାବକ, ବୁଧବାର ମଧ୍ୟାହ୍ନ ସମୟରେ ତେଲକୋଇ ଅଞ୍ଚଳରେ ବର୍ଷା ସାଙ୍ଗକୁ ବଜ୍ରାଘାତ ହୋଇଥିଲା। ଉଭୟ ଶାଶୂ-ବୋହୂ ନିଜ ବିଲରେ କାମ କରୁଥିଲେ। ହଠାତ ବଜ୍ରାଘାତର ଶିକାର ହୋଇ ଘଟଣାସ୍ଥଳରେ ହିଁ ଉଭୟ ଟଳି ପଡ଼ିଥିଲେ। ସେହିପରି ଗୋଡା ଗ୍ରାମର ବିପିନ ନାଏକ ମଧ ବିଲ କାମ କରୁଥିବା ବେଳେ ବଜ୍ରାଘାତରେ ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋଟିଏ ଦିନରେ ବଜ୍ରାଘାତରେ ତିନି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏହି ଘଟଣା ପରେ ପରିବାର ତଥା ଗ୍ରାମରେ ଶୋକର ଛାୟା ଖେଳି ଯାଇଛି। ପୁଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଅପମୃତ୍ୟୁ ମାମଲାରେ ତଦନ୍ତ ଜାରି ରଖିଛି।

## କୂଅରେ ପଡ଼ି ଶିଶୁକନ୍ୟା ମୃତ

ଆନନ୍ଦପୁର,୧୬।୭(ସମିସ): କୂଅରେ ପଡ଼ି ବୁଧବାର ମଧ୍ୟାହ୍ନ ସମୟରେ ଜଣେ ଚାରି ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ଘଟଣାଟି ଘଟିଛି କେନ୍ଦୁଝର ଜିଲ୍ଲା ମହୁଲଡ଼ିହା ଥାନା କରଡ଼ାପାଳ ଗ୍ରାମରେ। ପିଲାମାନଙ୍କ ସାଙ୍ଗରେ ଖେଳୁଥିବା ବେଳେ ହଠାତ ଗୋଡ଼ ଖସିଯିବାରୁ କୂଅରେ ପଡ଼ି ବୁଡ଼ି ଯାଇଥିଲା ନିଷ୍ପାପ ଶିଶୁ କନ୍ୟା ଜଣକ। ଖବର ପାଇ କୂଅରୁ ଅଗ୍ନିଶମ ବିଭାଗ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## କେନ୍ଦୁଝର ସହରରେ ସିରିଜ୍ ଛିନ୍‌ତାଇ

କେନ୍ଦୁଝର, ୧୬।୭(ସମିସ): ମୁଖ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀର ସଦର ଅଞ୍ଚଳରୁ ଖୁଲମ୍‌ଖୁଲା ଲୁଟ୍ ହେଉଛି। ସହରବାସୀ ଅସୁରକ୍ଷିତ ଅନୁଭବ କଲେଣି। ତାଙ୍କ ନିଜ ସହର କେନ୍ଦୁଝରରେ ବୁଧବାର ସନ୍ଧ୍ୟାରେ ଏକାଧିକ ସ୍ଥାନରୁ ସୁନା ଚେନ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ସହରରେ ଏଭଳି ଛିନତାଇ ଘଟଣା ପୂର୍ବରୁ ଦେଖା ଯାଉ ନଥିଲା।

## କ୍ରାଇମବ୍ରାଞ୍ଚ କରିବ ସୌମ୍ୟାଶ୍ରୀ ମୃତ୍ୟୁ ମାମଲାର ତଦନ୍ତ

ଭୁବନେଶ୍ୱର,୧୬।୭(ସମିସ): ଅଧ୍ୟାପକଙ୍କ ନିର୍ଯାତନା ସହିନପାରି ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ବିରୋଧୀ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁ ଓ ସିଡବ୍ଲୁ) ଏହି ମାମଲାର ତଦନ୍ତ କରିବ। ଏନେଇ ଆଜି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଡିଏସପି ଇମାନ କଲ୍ୟାଣ ନାୟକଙ୍କୁ ଏହି ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି।

ପୁଲିସ ମାନୁଆଲ ରୁଲ୍ (ପିଏମ୍‌ଆର୍) ଧାରା ୪୧୦(ଏ) ଅନୁଯାୟୀ କ୍ରାଇମବ୍ରାଞ୍ଚ ନିଜ ଆଡୁ ଏହି ମାମଲାର ତଦନ୍ତ ଦାୟିତ୍ୱ ନେଇଛି। ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଓ ସିଡବ୍ଲୁ ଥାନା କେସ୍ ନଂ - ୫/୨୫ ରେ ମାମଲା ରୁଜୁ କରିଛି। ଦଫା ୭୫(୧)(୩), ୭୮, ୭୯, ୧୦୮, ୩୫୧(୨) ଓ ୩(୫) ବିଏନ୍‌ଏସରେ ଏହି ମାମଲା ରୁଜୁ ହୋଇଛି। କ୍ରାଇମବ୍ରାଞ୍ଚ କେବଳ ଏହି ମାମଲା ନୁହଁ, ବରଂ ଏହି ମାମଲାର ଲିଙ୍କରେ ଥିବା ଅନ୍ୟ ମାମଲାର ମଧ ତଦନ୍ତ କରିବ। କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିବା ସହିତ ଶ୍ରୀମତୀ ନାୟକଙ୍କୁ ସହଦେବଖୁଣ୍ଟା ଥାନାର ଭାରପ୍ରାପ୍ତ ଅଧିକାରୀ (ତଦନ୍ତ ସମ୍ବନ୍ଧିତ) ଭାବେ ଦାୟିତ୍ୱ ଦିଆଯାଇଛି। ତଦନ୍ତକାରୀ ଅଧିକାରିଣୀଙ୍କୁ ସହଯୋଗ କରିବା ପାଇଁ ଇନ୍ସପେକ୍ଟର ପାଞ୍ଚାଳି ରାଉତଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ■ ରାଜ୍ୟ କ୍ୟାବିନେଟରେ ମୋହର

## ରାଇରଙ୍ଗପୁର ନୂଆ ପୁଲିସ ଜିଲ୍ଲା

ଭୁବନେଶ୍ୱର,୧୬।୭(ସମିସ): ରାଜ୍ୟ ସରକାର ମୟୂରଭଞ୍ଜ ପୁଲିସ ଜିଲ୍ଲାକୁ ୨ ଭାଗରେ ବିଭକ୍ତ କରି ରାଇରଙ୍ଗପୁରରେ ମୁଖ୍ୟାଳୟ ସହ ଏକ ନୂତନ ପୁଲିସ ଜିଲ୍ଲା ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉପରୋକ୍ତ ପ୍ରସ୍ତାବକୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି।

ଏହି ନୂତନ ରାଇରଙ୍ଗପୁର ଜିଲ୍ଲା ଅଧିନରେ ୨ଟି ପୁଲିସ ସବ୍-ଡିଭିଜନ(ରାଇରଙ୍ଗପୁର, କରଞ୍ଜିଆ), ୧୪ଟି ଥାନା, ୫ଟି ଆଉଟପୋଷ୍ଟ ଏବଂ ୨ଟି ବିଟ ହାଉସ ରହିବ। ୧୪ ଥାନା ମଧରେ ରାଇରଙ୍ଗପୁର, ରାଇରଙ୍ଗପୁର ଟାଉନ ଥାନା, ବାଦାମା ପାହାଡ ଥାନା, ଗୋରୁ ମହିଷାଣି ଥାନା, ବିଶୋଇ ଥାନା, ତିରିଙ୍ଗ ଥାନା, ବହଳଦା ଥାନା, ଜାମଦା ଥାନା, କରଞ୍ଜିଆ ଥାନା, ଠାକୁରମୁଣ୍ଡା ଥାନା, ମହୁଲଡିହ ଥାନା, ରରୁଆଁ ଥାନା, ଘାଗରବେଡା ଥାନା ଓ ଯଶିପୁର ଥାନା ଅନ୍ତର୍ଭୁକ୍ତ ରହିଛି।


**REQUEST FOR PROPOSAL (RFP)**

Kalinga Nagar Development Authority (KNDA), Jajpur Road invites RFP in the prescribed format from the Agencies for"SELECTION OF AGENCY FOR OPERATION AND MAINTENANCE SERVICES AT VYASA SAROVAR, VYASANAGAR, JAJPUR ON LICENSE BASIS".

The detail of the RFP is available in the district web portal i.e.**www.jajpur.odisha.gov.in**

CAD-1134
OIPR-13226/11/0004/2526

Sd/-Secretary,
Kalinga Nagar Development Authority,
Jajpur Road, Jajpur


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ବରତାର ସୀମା...

ବୋଲି ଅଭିହିତ କରି ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦାବି କରିଥିଲେ। ଗଣତାନ୍ତ୍ରିକ ଭାବେ ଶାନ୍ତି ଶୃଙ୍ଖଳା ସହିତ ଘେରାଉ ଚାଲିଥିବା ବେଳେ କୌଣସି ବିନା ସୂଚନାରେ ବିଜେଡି କର୍ମୀମାନଙ୍କ ଉପରକୁ ପାଣି ମାଡ଼ କରିଥିଲା ପୁଲିସ। ପାଣିମାଡ଼କୁ ଖାତିର ନ କରି ପ୍ରତିବାଦକାରୀମାନେ କାର୍ଯ୍ୟକ୍ରମ ଜାରି ରଖିବାରୁ ପୁଲିସ ପକ୍ଷରୁ ଲୁହବୁହା ଗ୍ୟାସ ଓ ରବର ବୁଲେଟ ମରା ଯାଇଥିଲା। ଲୁହବୁହା ଗ୍ୟାସ ସେଲ୍ ମାଡ଼ରେ ଦଳର ବରିଷ୍ଠ ନେତା ପ୍ରଣବପ୍ରକାଶ ଦାସଙ୍କ ଗୋଡ଼ ଓ ଦେହରେ ଗଭୀର ଆଘାତ ଲାଗିଛି । ସେହିପରି ପ୍ରୀତିରଞ୍ଜନ ଘଡ଼ାଇଙ୍କ ଆଣ୍ଠୁରେ ଗୁରୁତର ଆଘାତ ଲାଗିଛି । ସେହିପରି ସାଂସଦ ସୁଲତା ଦେଓ ମଧ ପୁଲିସ ଆକ୍ରମଣରେ ଆହତ ହୋଇଛନ୍ତି । ସେହିପରି ଶତାଧିକ କର୍ମୀ ପାଣି ଓ ରବର ଗୁଳିମାଡ଼ରେ ଆହତ ହୋଇଛନ୍ତି। ଏହାପରେ ପୁଲିସ ଦଳର ଅନେକ ବରିଷ୍ଠ ନେତାଙ୍କ ସହ କର୍ମୀଙ୍କୁ ବଳପୂର୍ବକ ଘଟଣାସ୍ଥଳରୁ ଉଠାଇ ନେଇଛି ।

ବିଜେଡି ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ପୁଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ବିଜେଡି ପକ୍ଷରୁ ଦୃଢ଼ ନିନ୍ଦା କରା ଯାଇଛି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା ସମଗ୍ର ରାଜ୍ୟବାସୀଙ୍କ ମନରେ ଗଭୀର ଆଲୋଡନ ସୃଷ୍ଟି କରିଛି। ଦୀର୍ଘ ଛଅ ମାସ ଧରି ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ କଲେଜ ଅଧ୍ୟକ୍ଷ, ଏସପି, ବିଧାୟକ, ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ସେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲା, ଯାହାଯୋଗୁ ସେ ଆତ୍ମଦାହ ଭଳି ଚରମ ପଦକ୍ଷେପ ନେଇଥିଲା। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନରେ ବିଫଳ ରାଜ୍ୟ ସରକାର ଆନ୍ଦୋଳନରେ ରାଜ୍ୟବାସୀଙ୍କ ଆକ୍ରୋଶରେ ଭୟଭୀତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ପୋଲିସ ବର୍ବୋରଚିତ ଆକ୍ରମଣ କରିଛି। ଏହି ଆନ୍ଦୋଳନ ବନ୍ଦ ହେବ ନାହିଁ, ବରଂ ଆହୁରି ତୀବ୍ର ହେବ। ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ଘେରାଉରେ ଦଳର ବହୁ ବରିଷ୍ଠ ନେତା, ସାଂସଦ, ବିଧାୟକ, ପୂର୍ବତନ ସାଂସଦ, ବିଧାୟକ, ମେୟର, କର୍ପୋରେଟର, ଦଳର ସମସ୍ତ ଛାମୁଆ ସଂଗଠନ ଯଥା ଯୁବ ଛାତ୍ର, ସଂଖ୍ୟାଲଘୁ, ଏସସି ସେଲ, ଏସଟି ସେଲ, କୃଷକ ସେଲ ଓ ଅନ୍ୟ କର୍ମକର୍ତ୍ତା ଓ ସାଧାରଣ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ।

### ପୁଲିସର ଆକ୍ରମଣ...

ପ୍ରତିବାଦର ଅଧିକାର ଗୁରୁତର ଭାବେ ବିପଦରେ ଅଛି। ବ୍ୟବସ୍ଥାଗତ ଉଦାସୀନତାର ଶିକାର ହୋଇ ଜଣେ ୨୦ ବର୍ଷୀୟା ଛାତ୍ରୀର ମୃତ୍ୟୁ ପ୍ରତିବାଦରେ ବିଜେଡି ଲୋକସେବା ଭବନ ଘେରାଉ ଡ଼ାକରା ଦେଇଥିବାବେଳେ ପୁଲିସ ବିନା କାରଣରେ ଯେପରି ଆକ୍ରମଣ କରିଛି ତାହା ଅତ୍ୟନ୍ତ ଅମାନୁଷିକ। ବିଜେଡି ନେତା ଓ କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବରେ ଲୋକସେବା ଭବନ ଅଭିମୁଖେ ବାହାରିଥିବା ବେଳେ ପୁଲିସ ସେମାନଙ୍କୁ ଘଉଡାଇବା ପାଇଁ ପାଣି ମାଡ଼ ଆରମ୍ଭ କରିଥିଲା। ଏପରିକି ବିନା କୌଣସି କାରଣରେ ପୁଲିସ ରବର ଗୁଳି ବ୍ୟବହାର କରିଛି। ଶୋଭାଯାତ୍ରାକୁ ଭଣ୍ଡୁର କରିବା ପାଇଁ ପୁଲିସ ଓ ସରକାର ଗ୍ରହଣ କରିଥିବା କଠୋର ପଦକ୍ଷେପ ନିନ୍ଦା କରିବା ସହ ପୁଲିସ ପକ୍ଷପାତିତା ପ୍ରଦର୍ଶନ କରିଥିବା ନବୀନ ଅଭିଯୋଗ କରିଛନ୍ତି ।

ସେ କହିଛନ୍ତି ଯେ ରବର ଗୁଳି ବ୍ୟବହାର ପରି ଅତ୍ୟଧିକ ବଳ ପ୍ରୟୋଗର କୌଣସି ଆବଶ୍ୟକତା ନ ଥିଲା । ଗତ କିଛିଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ଜଣେ ବରିଷ୍ଠ ଆଇପିଏସ ଅଧିକାରୀ ପୁଲିସ ବାହିନୀକୁ ପ୍ରଦର୍ଶନକାରୀଙ୍କ ଗୋଡ ଭାଙ୍ଗିବାକୁ ନିର୍ଦ୍ଦେଶ ହେବା ସହ ଏଥିରେ ସଫଳ ହେଲେ ପୁରସ୍କାର ପ୍ରଦାନ କରିବାର ପ୍ରତିଶ୍ରୁତି ଦେଉଥିବା ନେଇ କ୍ୟାମେରାରେ ଧରାପଡ଼ିଥିଲା। ଆଜି ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଫଳରେ ୨ ଜଣ ପୂର୍ବତନ ମନ୍ତ୍ରୀଙ୍କ ଗୋଡ଼ ଭାଙ୍ଗିଛି। ଏପରିକି ଏଥିପାଇଁ ଅସ୍ତ୍ରୋପଚାରର ମଧ ଆବଶ୍ୟକ ପଡ଼ିପାରେ। ସେହିପରି ଦଳର ଅନ୍ୟଜଣେ ବରିଷ୍ଠ ନେତ୍ରୀ ତଥା ରାଜ୍ୟସଭା ସାଂସଦଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ପୁଲିସର ଆକ୍ରମଣ କାରଣରୁ ଆହତ ହୋଇଛନ୍ତି। ଏପରି ଆକ୍ରମଣ ପାଇଁ କାହିଁକି ନିର୍ଦ୍ଦେଶ ଦିଆଗଲା ସେନେଇ ସ୍ପଷ୍ଟୀକରଣ ଦେବାକୁ ସରକାର ବାଧ୍ୟ ବୋଲି ନବୀନ କହିଛନ୍ତି। ନ୍ୟାୟ ପାଇଁ ଲଢ଼େଇରେ ଏବଂ ଓଡ଼ିଶାବାସୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ବଜାୟ ରଖିବା ପାଇଁ ଆମର ପ୍ରତିବଦ୍ଧତାକୁ କୌଣସି ଶକ୍ତି ଦମନ କରିପାରିବ ନାହିଁ ବୋଲି ନବୀନ କହିଛନ୍ତି । ଏହାସହ ପୁଲିସ ଆକ୍ରମଣରେ ଆହତ ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଓ ପ୍ରୀତିରଞ୍ଜନ ଘଡ଼ାଇଙ୍କ ସହ ନବୀନ ଫୋନ୍ ଯୋଗେ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ଆଜି ୧୨ ଘଣ୍ଟିଆ...

ବଜାର, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ୍, ଅଦାଲତ, ବ୍ୟାଙ୍କ୍ ଏବଂ ବୀମା ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଇତ୍ୟାଦିକୁ ସମ୍ପୂର୍ଣ୍ଣ ବନ୍ଦ ରଖିବା ପାଇଁ ଆହ୍ୱାନ ଦିଆଯାଇଛି। ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟବ୍ୟାପୀ ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଜନସାଧାରଣ ସହଯୋଗ କରିବା ନିମନ୍ତେ ଅନୁରୋଧ କରାଯାଇଛି। ଏହାସହିତ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ, ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବାଲେଶ୍ୱର ସଦର ବିଧାୟକ ନିଜ ପଦରୁ ଇସ୍ତଫା ଦେବା ପାଇଁ ମିଳିତ ବିରୋଧୀ ଦଳ ପକ୍ଷରୁ ଦୃଢ଼ ଭାବରେ ଦାବି କରଯାଇଛି। ବାଲେଶ୍ୱର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

କଂଗ୍ରେସ ଭବନରେ ଅନୁଷ୍ଠିତ ମିଳିତ ସାମ୍ବାଦିକ ସମ୍ମିଳନୀରେରେ ପିସିସ ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ବରିଷ୍ଠ ନେତା ଜଗନ୍ନାଥ ପଟ୍ଟନାୟକ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ)- ଲିବେରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ସମାଜବାଦୀ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ରାଜ୍ୟ ନେତୃବୃନ୍ଦ ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

ଅନ୍ୟପଟେ ଗୁରୁବାର ସାରା ରାଜ୍ୟରେ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିବ। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରୁ ରଖି ପେଟ୍ରୋଲ ପମ୍ପମାଲିକମାନେ ଟାଙ୍କି ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଗୁରୁବାର ସକାଳେ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିବ। ତେବେ ଡିପୋଗୁଡିକରୁ ମଧ ଏହି ସମୟରେ ସେବା ପ୍ରଭାବିତ ହେବ। ଏ ସମ୍ପର୍କରେ ସର୍ବଭାରତୀୟ ପେଟ୍ରୋଲ ପମ୍ପ ଡିଲର ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ, କଂଗ୍ରେସର ଓଡ଼ିଶା ବନ୍ଦକୁ ନଜରରେ ରଖି ପେଟ୍ରୋଲ ପମ୍ପ ଡିଲରମାନେ ନିଜ ଆଡୁ ଟଙ୍କା ବନ୍ଦ ରଖିବେ। ଏଥିଯୋଗୁ ରାଜ୍ୟରେ ପ୍ରାୟ ୩୧୦୦ ପେଟ୍ରୋଲ ପମ୍ପ ବନ୍ଦ ରହିବ। ଅପରାହ୍ନ ୪ଟା ପରେ ପେଟ୍ରୋଲ ପମ୍ପଗୁଡିକ ଖୋଲିବା ସହ ଡିପୋରେ ତେଲ ଲୋଡିଂ କାମ ଜାରି ରହିବ। ତେବେ ଗୁରୁବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିବା ଯୋଗୁ ସାରା ରାଜ୍ୟରେ ପ୍ରାୟ ୭୫ କୋଟି ଟଙ୍କାର କାରବାର ପ୍ରଭାବିତ ହେବା ଆଶଙ୍କା କରାଯାଉଥିବା ଶ୍ରୀ ଲାଠ୍ କହିଛନ୍ତି।

### ୮ ଘଣ୍ଟା ଅଟକିଲା...

ନେଇ ରାଜ୍ୟ ସରକାର ସମ୍ବେଦନଶୀଳ ନ ଥିବା ପ୍ରମାଣିତ ହୋଇସାରିଛି। ଛାତ୍ରୀ ମୃତ୍ୟୁ ପଛରେ ଥିବା ଷଡ଼ଯନ୍ତ୍ରକାରୀ ଏବେ ବି ବାହାରେ ବୁଲୁଛନ୍ତି। ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲେ ଯାଇ ଆଇନ ଉପରେ ଲୋକଙ୍କ ବିଶ୍ୱାସ ଅତୁଟ ରହିବ। ସମସ୍ତ ଦୋଷୀଙ୍କୁ କାଠଗଡ଼ାକୁ ଟଣା ନ ଗଲେ ବାଲେଶ୍ୱର ଜିଲ୍ଲାର ଗାଁ ଠାରୁ ସହର ସବୁଠି ବିରୋଧ ତୀବ୍ର ହେବ ବୋଲି ବର୍ଷିଛନ୍ତି ବିଜେଡି ନେତା।

ବାଲେଶ୍ୱର ସହରରେ ବିଜେଡି ନେତା ଓ କର୍ମୀମାନେ ଆଜି ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜୋରଦାର ପ୍ରତିବାଦ କରି ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ରାସ୍ତାରେ ଟାୟାର ଜାଳି ପିକେଟିଂ କରିବା ସହ ରେଳଷ୍ଟେସନ, ସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ କରିଥିଲେ। ବାଲେଶ୍ୱର ସହରର ପ୍ରବେଶ ପଥ କୁରୁଡ଼ା ଓ ଫୁଲାଡ଼ିରେ ଗାଡ଼ିମୋଟର ଚଳାଚଳ ବନ୍ଦ କରିଥିଲେ। ବନ୍ଦକୁ ସମର୍ଥନ କରି ବ୍ୟବସାୟୀମାନେ ମଧ ଦୋକାନବଜାର ବନ୍ଦ ରଖିଥିଲେ।

ବାଲେଶ୍ୱରରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ବିଜେଡିର ଛାତ୍ର, ଯୁବ ଓ ମହିଳା ସଂଗଠନ ନେତୃତ୍ୱ ନେଇ ବିଭିନ୍ନ ସ୍ଥାନରେ ବନ୍ଦ କରିଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଭୋଗରାଇ ଥାନା ଛକଠାରେ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଅବରୋଧ କରାଯାଇଥିଲା। ଭୋଗରାଇ ମାଟିର ଦିବଂଗତ ଝିଅକୁ ଉଚିତ ନ୍ୟାୟ ଏବଂ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ବିଧାୟକ ଶ୍ରୀ ଦାସ ଦାବି କରିଥିଲେ। ସେହିପରି ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ନେତୃତ୍ୱରେ ଛାତ୍ରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ ଓ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ବାଲିଆପାଳ ଓ ବସ୍ତା ବ୍ଲକରେ ହୋଇଥିବା ବନ୍ଦର ବ୍ୟାପକ ପ୍ରଭାବ ପଡ଼ିଥିଲା। ଜରୁରୀକାଳିନ ସେବାକୁ ଛାଡ଼ି ଦୋକାନବଜାର, ଯାନବାହନ ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଥିଲା। ବିଜେଡି ନେତୃବର୍ଗ ବସ୍ତା, ଗାନ୍ଧିଛକ, ଦରଡ଼ା, ବାଲିଆପାଳର ସିମୁଳିଆ ବଜାର, ବାଲିଆପାଳ ବଜାର, କାଳିପଦା ଓ ଲଙ୍ଗଳେଶ୍ୱର ବଜାରରେ ପିକେଟିଂ କରିଥିଲେ। ସୋର ବିଧାୟକ ମାଧବ ଧଡ଼ାଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ଉତ୍ତରେଶ୍ୱରଠାରେ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାଜପଥରେ ହଜାର ହଜାର ଭାରୀଯାନ ଅଟକି ରହିଥିଲା। ସୋର ଷ୍ଟେସନରେ ରେଳଧାରଣା ଉପରେ ବିଜେଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ଫଳରେ ଖଡ଼ଗପୁର-ଖୋର୍ଦ୍ଧା ଫାଷ୍ଟ ପାସେଞ୍ଜର ଓ ଜନଶତାବ୍ଦୀ ଏକ୍ସପ୍ରେସ୍ ଅଟକି ରହିଥିଲା।

ସେହିପରି ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଖଇରା ଓ ସିମୁଳିଆ ବଜାର ବନ୍ଦ ହୋଇଥିଲା। ସିମୁଳିଆ କଲେଜରେ ଛାତ୍ରୀମାନେ ଆନ୍ଦୋଳନ କରିଥିବାବେଳେ ଖଇରା ଓ ସିମୁଳିଆ ବ୍ଲକ କାର୍ଯ୍ୟାଳୟ ବନ୍ଦ ରହିଥିଲା। ସେହିପରି ପୂର୍ବତନ ବିଧାୟକ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ନୀଳଗିରି ବାଇପାସ୍ ଛକରେ ରାସ୍ତା ଅବରୋଧ କରାଯିବା ସହ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ତୀବ୍ର ବିରୋଧ କରାଯାଇଥିଲା। ଜିଲ୍ଲାର ୮ଟି ଯାକ ନିର୍ବାଚନମଣ୍ଡଳୀରେ ବିଜେଡିର ଆଜିର ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିବା ବେଳେ ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ପାଇଁ ଜିଲ୍ଲାରେ ୧୨ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ହୋଇଥିଲେ।


OFFICE OF THE SECRETARY
**BINODINI SCIENCE HIGHER SECONDARY SCHOOL**
AT-PADMAMPUR, PO-JOGIPADU, BLOCK-GUMMA, DIST-GAJAPATI
Email: binodinisccollege@gmail.com, Mob: 8895515909

A walk-in-interview for the engagement of the guest faculty for the subject of Odia for Higher Secondary classes is on **25.07.2025** between **10 A.M to 2 P.M** in the H.S School Premises. Interested candidates having **55% marks** in PG in respective subject may attend the interview with their complete Bio-data. The candidates having B.Ed will be given weightage.
No TA/DA is admissible for attending the interview.

**Sd/- Secretary**

**SHREE JAGANNATH EDUCATIONAL FOUNDATION DEGREE COLLEGE**
ESTD - 1991
BARUNSING, SERGARH, BALASORE - 756060

**TENDER CALL NOTICE**

Sealed quotations are invited from the Authorised Dealers/Suppliers (Bidders having valid GST, PAN and I.T. Clearance Certificate) of any authorized electronic partner for upgrading the I.T. infrastructure of the college of **₹ 4,50,000/-** as per the guideline issued by the DHE, Odisha letter issue No. 12655 Dt. 05/03/2025 on or before **Dt. 24/07/2025 by 01:00 PM** through Regd./ Speed Post / e-mail **sjefdegreecollege1991@gmail.com** & the same will be opened on **Dt. 26/07/2025 at 11:00 AM** in the office of the college.

The authority reserves the right to cancel or reject any or all quotations without assigning any reason thereof.

**Sd/- Principal cum Secretary**

# ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
CAD-1123

ପତ୍ର ସଂଖ୍ୟା ୧୨୮୩୮/ ଭୁ.ଉ.କ., ଭୁବନେଶ୍ୱର
SRB-319/88
**ସୂଚନା**
ତା. ୦୭.୦୭.୨୦୨୫ରିଖ

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୨ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ.- S-2-144କୁ ଶ୍ରୀମତୀ ମିନତୀ ପ୍ରଧାନ, ସ୍ୱାମୀ- ସାଧୁ ଚରଣ ପ୍ରଧାନ, ଗ୍ରାମ/ପୋଷ୍ଟ- ହଜ, ଥାନା- ଜଙ୍କିଆ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ମିନତୀ ପ୍ରଧାନ ଗତ ତା.୨୮.୦୧.୨୦୨୪ରିଖ ରେ ମୃତ୍ୟୁବରଣ କରିଅଛନ୍ତି । (Death certificate Registration No. 3240/2024 dated 11.03.2024)

Legal heir certificate No. E-LHC/2025-20704 dated 21.03.2025 ଅନୁଯାୟୀ ମିନତୀ ପ୍ରଧାନଙ୍କର ଉତ୍ତରାଧିକାରୀ (୧) ସାଧୁ ଚରଣ ପ୍ରଧାନ (ସ୍ୱାମୀ) ଓ (୨) ଦୀପକ କୁମାର ପ୍ରଧାନ (ପୁତ୍ର) ଅଟନ୍ତି। ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ଉତ୍ତରାଧିକାରୀ ସୁତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନା ସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0332/2526

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବନ୍ଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ **ସାଙ୍କେତିକ ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବନ୍ଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| ଭୁବନେଶ୍ୱର ଶାଖା / **ଋଣଗ୍ରହୀତା: ଶ୍ରୀ ଚନ୍ଦ୍ରଶେଖର ବିଶ୍ୱାଳ,** ପିତା: ଗଣେଶ ଚନ୍ଦ୍ର ବିଶ୍ୱାଳ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଇନ୍ଦୁମତି ବିଶ୍ୱାଳ,** ସ୍ୱାମୀ: ଶ୍ରୀ ଚନ୍ଦ୍ରଶେଖର ବିଶ୍ୱାଳ, ଉଭୟଙ୍କ **ଠିକଣା-** ସା: ନାନକାର ଉପରସାହି, ପୋ: ଜଗତ୍‌ପୁର, ଜିଲ୍ଲା: କଟକ, ଓଡ଼ିଶା-୭୫୪୦୨୧ | ଶ୍ରୀମତୀ ଇନ୍ଦୁମତି ବିଶ୍ୱାଳ, ସ୍ୱାମୀ: ଶ୍ରୀ ଚନ୍ଦ୍ରଶେଖର ବିଶ୍ୱାଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୭୭୨/୪୧୦୬, ପ୍ଲଟ୍ ନଂ.: ୧୯୬୮/୫୨୫୯, କ୍ଷେତ୍ର: ଏକର ୦.୦୮ଡିସିମିଲି, ମୌଜା: ନିମପୁର, ଥାନା: ଟାଙ୍ଗୀ ଏବଂ ନଂ.: ୭୧, ତହସିଲ: ଟାଙ୍ଗୀ-ଚୌଦ୍ୱାର ଏବଂ ନଂ.: ୧୬୭, ଜିଲ୍ଲା: କଟକ, ପିନ୍-୭୫୪୦୨୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ପୂର୍ବ: ସରକାରୀ ରାସ୍ତା, ପଶ୍ଚିମ: ଶରତ ଚନ୍ଦ୍ର ସାହୁ, ଦକ୍ଷିଣ: ମୁରଲୀଧର ପଣ୍ଡା ଏବଂ ଯୋଗେନ୍ଦ୍ର ପରିଡା | ତା.୩୦.୦୪.୨୦୨୫ରିଖ ସୁଦ୍ଧାଟ.୧,୦୧,୨୫,୨୮୨.୬୩ + ସେବାବନ୍ଦ ସୁଧ ଓ ଅନ୍ୟାନ୍ୟ ଦେୟ | ୩୦.୦୪.୨୦୨୫ / ୧୧.୦୭.୨୦୨୫ |
| ବାଲେଶ୍ୱର ଶାଖା / ୧) (ଏଚ୍‌ଏସ୍‌ଜି ନିମନ୍ତେ)**ଋଣଗ୍ରହୀତା: ଶ୍ରୀମତୀ ଶାନ୍ତିଲତା ପତ୍ରୀ,** ସ୍ୱାମୀ: ଶ୍ରୀ ସଦାନନ୍ଦ ପତ୍ରୀ / **ସହ-ଋଣଗ୍ରହୀତା: ଶ୍ରୀ ସଦାନନ୍ଦ ପତ୍ରୀ,** ପିତା: ଶ୍ରୀ ଉପେନ୍ଦ୍ର ପତ୍ରୀ, ଉଭୟଙ୍କ **ଠିକଣା-** ସା: ମୁରୁଣ୍ଡା (ଧୋବଗଡିଆ), ପୋ: ଗୋବିନ୍ଦପୁର, ଥାନା: ସିମୁଳିଆ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୧୨୬, ୨) **(କ୍ୟାଶ କ୍ରେଡିଟ୍ ନିମନ୍ତେ) ଋଣଗ୍ରହୀତା: ମେସର୍ସ ଏସ୍ ପି ଇଲେକ୍ଟ୍ରିକାଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ସଦାନନ୍ଦ ପତ୍ରୀ,** ପିତା: ଶ୍ରୀ ଉପେନ୍ଦ୍ର ପତ୍ରୀ, **ଠିକଣା-** ସା: ମୁରୁଣ୍ଡା (ଧୋବଗଡିଆ), ପୋ: ଗୋବିନ୍ଦପୁର, ଥାନା: ସିମୁଳିଆ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୧୨୬ | ଶ୍ରୀମତୀ ଶାନ୍ତିଲତା ପତ୍ରୀ, ସ୍ୱାମୀ: ଶ୍ରୀ ସଦାନନ୍ଦ ପତ୍ରୀଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ମୁରୁଣ୍ଡା, ଥାନା: ସିମୁଳିଆ, ଥାନା: ନଂ.: ୧୩୬, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ବାଲେଶ୍ୱର, ଖାତା ନଂ.: ୬୬୦/୨୯୩, ପ୍ଲଟ୍ ନଂ.: ୧୮, କ୍ଷେତ୍ର: ଏକର୦.୧୧ଡିସିମିଲି, କିସମ: ଘରବାରୀ, ଅନୁରୂପ ଖାତା ନଂ.: ୫୭୩, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ସଦାନନ୍ଦ ପତ୍ରୀଙ୍କ ପ୍ଲଟ୍, ପଶ୍ଚିମ: ନିତ୍ୟାନନ୍ଦ ପତ୍ରୀଙ୍କ ପ୍ଲଟ୍, ଉତ୍ତର: ଶ୍ରୀ ସଦାନନ୍ଦ ପତ୍ରୀଙ୍କ ପ୍ଲଟ୍, ଦକ୍ଷିଣ: ରାସ୍ତା | ତା.୨୪.୦୪.୨୦୨୫ରିଖ ସୁଦ୍ଧା ଟ.୨୫,୨୭,୬୯୩.୬୧ + ସେବାବନ୍ଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୪.୦୪.୨୦୨୫ / ୧୧.୦୭.୨୦୨୫ |

ସ୍ଥାନ : ଭୁବନେଶ୍ୱର
ତାରିଖ : ୧୭.୦୭.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**AFFIDAVIT**
By virtue of my Affidavit Name of my self is changed from Pradhan Uprendranath to Upendranath Pradhan, S/o- Gayadhar Pradhan, At/Post- Pikarali, PS-Patkura, Dist-Kendrapara. Who Hence be called Upendranath Pradhan.

**AFFIDAVIT**
By virtue of an affidavit sworn before the Executive Magistrate, Rairakhol, dated 15.07.2025, I, Beauty Bagh D/o- Subash Bagh, At-Harijanpada, Rairakhol, P.O./P.S. - Rairakhol, Dist-Sambalpur, Odisha, Pin-768106 declare that I have changed my name from Rupeli Bagh to Beauty Bagh. Henceforth, I shall be known as **Beauty Bagh** for all purposes.

**AFFIDAVIT**
I, Saraswati Malik, aged about 62 years, W/o-Kumuda Chandra Mallik, resident of Vill- Birabarpur, Po- Balichaturi, PS- Tihidi, Dist- Bhadrak, PIN-756130, Odisha declared by this affidavit Cf No. 3755, dtd- 15/07/2025 that now onwards I shall be known as **SARASWATI MALLIK** for all future purposes.

**AFFIDAVIT**
I, Kumuda Chandra Malik, aged about 63 years, S/o-Gayadhar Malik, resident of Vill- Birabarpur, Po-Balichaturi, PS- Tihidi, Dist- Bhadrak, PIN-756130, Odisha declared by this affidavit No. 3899, dtd- 23/05/2025 that now onwards I shall be known as **KUMUDA CHANDRA MALLIK** for all future purposes.

**AFFIDAVIT**
I, Dipti Mallik, aged about 37 years, W/o- Bidyut Kumar Mallik, resident of Kapumal, Ward No. 09, PO- Industrial Estate, Ps/Dist- Jharsuguda, PIN- 768203, Odisha declared by this affidavit Cf No. 3754, dtd-15/07/2025 that now onwards I shall be known as **DIPTI DAS** for all future purposes.

**AFFIDAVIT**
I, Shkh Abdul Rahman, aged about 62 years, S/o-Aloddin, resident of At-Rahamat Nagar, PO-Brahma Barada, Ps-Brahma Barada, Dist-Jajpur, PIN- 755005, Odisha declared by this affidavit No. 1392, dtd-16/07/2025 that now onwards I shall be known as **SHKH ABDUL REHMAN** for all future purposes.

**AFFIDAVIT**
I, Sekh Monazir, aged about 34 years, S/o- Shkh Abdul Rehman, resident of At- Rahamat Nagar, PO- Brahma Barada, Ps-Brahma Barada, Dist-Jajpur, PIN- 755005, Odisha declared by this affidavit No. 1391, dtd-16/07/2025 that now onwards I shall be known as **SEKH MONAJIR** for all future purposes.

**AFFIDAVIT**
I, Priyattama Sahoo, aged about 48 years, W/o-Prakash Chandra Sahoo, resident of Plot No-2154, Saptasati Nagar, Satyavihar, Pandara, Po-Mancheswar Railway Colony, Bhubaneswar, Dist- Khurda, PIN- 751017, Odisha declared by this affidavit No-530, dtd- 26/06/2025 that now onwards I shall be known as **PRIYATAMA SAHOO** for all future purposes.

**AFFIDAVIT**
I, Narayanasinthi Badri Narayana Choudhury, aged about 38 years, S/o-N Dinabandhu Choudhury, resident of At/Po/Ps-Sorada Badadanda, Berhampur, Dist- Ganjam, PIN-761108, Odisha declared by this affidavit No. 1303, dtd- 09/07/2025 that now onwards I shall be known as **N BADRI NARAYANA CHOUDHURY** for all future purposes.

**AFFIDAVIT**
I, Ruparaj Chowdhury, aged about 67 years, S/o-Brajaraj Chowdhury, resident of At- Sekhbazar, PO- Tulasipur, Ps-Lalbag, Dist- Cuttack, PIN- 753008, Odisha declared by this affidavit No. 1393, dtd-16/07/2025 that now onwards I shall be known as **RUPRAJ CHOWDHURY** for all future purposes.

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ. eT-M-KUR-WR-YARD-305-2025
**କାର୍ଯ୍ୟର ନାମ :** ଦୁଇ ବର୍ଷର ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ୟାର୍ଡ଼ ଠାରେ ୱାଗନ୍ ମରାମତି କାର୍ଯ୍ୟକଳାପ।
**ବିଜ୍ଞାପିତ ମୂଲ୍ୟ :** ₹ 2,18,12,690.86, EMD : ₹ 2,59,100/-.
(2) ଟେଣ୍ଡର ସଂ. eT-M-BOB-SPL-PRDP-306-25
**କାର୍ଯ୍ୟର ନାମ :** ଏକ ବର୍ଷର ସମୟାବଧି ନିମନ୍ତେ ROH ଡିପୋ ପାରାଦୀପ ଠାରେ BOBRN ୱାଗନଗୁଡ଼ିକର ବିଶେଷ ବଡ଼ି ମରାମତି କାର୍ଯ୍ୟ (ମାନବଶକ୍ତି, ମେସିନାରୀ ଏବଂ ସମସ୍ତ ଆବଶ୍ୟକ ସାମଗ୍ରୀ ସହିତ)।
**ବିଜ୍ଞାପିତ ମୂଲ୍ୟ :** ₹ 5,96,33,332.92, EMD : ₹ 4,48,200/-.
ଶେଷ ହେବା ଅବଧି: 24 ମାସ (କ୍ରମ ସଂ. 1 ପାଇଁ) ଏବଂ 12 ମାସ (କ୍ରମ ସଂ. 2 ପାଇଁ)।
ବିଡ୍ ଆରମ୍ଭ ହେବା ତାରିଖ : ତା. 18.07.2025ରିଖ (କ୍ରମ ସଂ. 1 ପାଇଁ) ଏବଂ ତା. 17.07.2025ରିଖ (କ୍ରମ ସଂ. 2 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.08.2025ରିଖ 1530 ଘଟିକାରେ (କ୍ରମ ସଂ. 1 ପାଇଁ) ଏବଂ ତା.31.07.2025ରିଖ 1530 ଘଟିକାରେ (କ୍ରମ ସଂ. 2 ପାଇଁ)।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର(Frt)/ ଖୋର୍ଦ୍ଧା ରୋଡ଼
PR-362/Q/25-26

## ୪୧ ବର୍ଷ ବିତିଲା ସାମାଜିକ ବନ ପ୍ରକଳ୍ପ ଯୋଜନା

# ସଜଡ଼ା ପରିବର୍ତ୍ତେ ଉଜୁଡ଼ି ଯାଉଛି ଗ୍ରାମ୍ୟ ଜଙ୍ଗଲ

ବନ୍ତ/ଆଗରପଡ଼ା,୧୬।୭(ସମିସ)

ଜନସଂଖ୍ୟା ବୃଦ୍ଧି, ରାସ୍ତା ଓ ଅଟ୍ଟାଳିକା ନିର୍ମାଣ ଆଳରେ ଗ୍ରାମାଞ୍ଚଳରେ ଥିବା ଦୀର୍ଘ ବର୍ଷର ସବୁଜ ଘଞ୍ଚ ବନାନୀ ଧୀରେ ଧୀରେ ବିଲୁପ୍ତ ହେବାକୁ ବସିଛି। ଫଳରେ ବହୁ ସମୟରେ ପ୍ରାକୃତିକ ଦୁର୍ବିପାକ ଘଟୁଛି। ସେହିପରି ରାସ୍ତା ସଂପ୍ରସାରଣ ଯୋଗୁଁ ଶହଶହ ବୃକ୍ଷ କଟାଯାଉଛି। ଅପରପକ୍ଷରେ ପ୍ରଶାସନ ଓ ବନ ବିଭାଗର କୋ÷ଣସି ଅଙ୍କୁଶ ନ ଥିବାରୁ ପ୍ରତିଦିନ ଅବାଧରେ ବେଆଇନ ଭାବରେ ଗଛ କଟା ଚାଲିଛି; ଯାହାକୁ ନେଇ ପରିବେଶବିତ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଗ୍ରାମାଞ୍ଚଳରେ ସୁସ୍ଥ ପରିବେଶ ସୃଷ୍ଟି ଓ ଜନସାଧାରଣଙ୍କ ନାନାବିଧ ସମସ୍ୟାର ସମାଧାନ ପାଇଁ ସରକାର ୧୯୮୪ ମସିହାରେ ସାମାଜିକ ବନ ପ୍ରକଳ୍ପକୁ କାର୍ଯ୍ୟକାରୀ କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଖୋଲା ସ୍ଥାନରେ ନୂତନ ଘଞ୍ଚ ଜଙ୍ଗଲ ସୃଷ୍ଟି କରି ସବୁଜ ବନାନୀ ସୃଷ୍ଟି କରିବା ଏବଂ .ଷୀଙ୍କୁ ଉତ୍ସାହିତ କରିବା। ଏଥିସହ ଏହାକୁ ରକ୍ଷଣା ବେକ୍ଷଣ କରି ସୁସ୍ଥ ପରିବେଶ ପ୍ରତି ଜନସଚେତନତା ସୃଷ୍ଟି କରାଇବା। ଯଦ୍ଦ୍ୱାରା ଗ୍ରାମାଞ୍ଚଳରେଞ୍ଚବସବାସ କରୁଥିବା ଲୋକଙ୍କ ଆୟ ବୃଦ୍ଧି ହେବା ସହ ଜଙ୍ଗଲଜାତ ଦ୍ରବ୍ୟ ସଂପର୍କରେ ସଚେତନ ହୋଇ ଏହାକୁ ସୁଚାରୁରୂପେ ବିକ୍ରୟକରି ଆତ୍ମନିର୍ଭରଶୀଳ ହୋଇପାରିବେ। ଏଥିପାଇଁ ପଡିଆ ଜମି, ରାସ୍ତା କଡ



ଆଦିରେ ବୃକ୍ଷରୋପଣ ପାଇଁ ସରକାରଙ୍କ ତରଫରୁ ଚାରା ରୋପଣ ସହ ଏହାର ଉପଯୁକ୍ତ ରକ୍ଷଣା ବେକ୍ଷଣ ପାଇଁ ଲୋକଙ୍କୁ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ହୋଇଥିଲା। ଏହାକୁ ଗୁରୁତ୍ୱ ଦେବାପାଇଁ ପ୍ରତି ପଂଚାୟତରେ ବନ କମିଟି ଗଠନ କରାଯାଇ ଗ୍ରାମାଂଚଳର ବ୍ୟକ୍ତି ବିଶେଷଙ୍କୁ ଏହାର ଦାୟିତ୍ୱ ଅର୍ପଣ କରା ଯିବାର ବ୍ୟବସ୍ଥା କରାଯାଇଥିଲା। ଏହା ଏକ ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ ଯୋଜନା ହୋଇଥିବା ବେଳେ ଯୋଜନାକୁ ୪୧ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ବନ୍ତ ବ୍ଲକରେ ଏହାର ସୁଫଳ ମିଳିପାରିନାହିଁ। ତେଣୁ ଏହାର ସଫଳ ରୂପାୟନ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ବ୍ଲକର ବିଭିନ୍ନ ଖୋଲା ସ୍ଥାନରେ ଜଙ୍ଗଲ ବିଭାଗ ପକ୍ଷରୁ ଚାରା ଉତ୍ପନ୍ନ ସହ ଏହାର ରୋପଣ କରିବାପାଇଁ ଦାବି ହେଉଛି। କେତେକ ସ୍ଥାନରେ ବହୁ ବର୍ଷ ପୂର୍ବେ ରାସ୍ତା ପାଖର୍ ଓ କେନାଲ ବନ୍ଧ ସହ ଗ୍ରାମାଂଚଳରେ ସୃଷ୍ଟି ହୋଇଥିବା ଗ୍ରାମ୍ୟ ଜଙ୍ଗଲରେ ରୋପଣ କରାଯାଇଥିବା ବୃକ୍ଷର ଉପଯୁକ୍ତ ଯତ୍ନ ନିଆନଯିବାରୁ ତାହା ଦିନକୁ ଦିନ ନଷ୍ଟ ହେବାକୁ ବସୁଛି । ଅନ୍ୟପକ୍ଷରେ ମଧ୍ୟ କିଛି ବର୍ଷ ପୂର୍ବେ ବିଭିନ୍ନ ପଂଚାୟତରେ ଥିବା ବିଦ୍ୟାଳୟ ମାନଙ୍କରେ ଫଳ ବୃକ୍ଷମାନ ରୋପଣ କରାଯାଇଥିଲେ ମଧ୍ୟ ଏହାର ଉପଯୁକ୍ତ ଯତ୍ନ ନିଆଯାଇନଥିବାରୁ ଗୋଟିଏକି ଫଳ ଚାରା ନଥିବାର ଦେଖାଯାଇଛି। ବର୍ତ୍ତମାନ ସରକାରୀ ଜାଗାକୁ ବହୁ ବ୍ୟକ୍ତି ଜବରଦଖଲ ନିଜ ଅଧିନରେ ରଖି ତାହା ଉପରେ ବାସଗୃହ ନିର୍ମାଣ କରିବାରେ ଲାଗିଛନ୍ତି । ଫଳରେ ସରକାରୀ ଜମି ଦିନକୁ ଦିନ ଲୋପ ପାଇବାରେ ଲାଗିଛି। ତେଣୁ ଆଗାମୀ ଦିନରେ ବିପଦ ଆସିବା ପୂର୍ବରୁ ସତର୍କତା ଅବଲମ୍ବନ ପାଇଁ ପ୍ରତ୍ୟେକ ବ୍ଲକରେ ସମାଜିକ ବନ୍ୟ ପ୍ରକଳ୍ପ କାର୍ଯ୍ୟକ୍ଷମ କରି ଜଙ୍ଗଲ ବିଭାଗ ପକ୍ଷରୁ ଚାରା ଉତ୍ପାଦନ କେନ୍ଦ୍ରମାନ ନିର୍ମାଣ କରି ଫାଙ୍କା ସ୍ଥାନ ମାନଙ୍କରେ ଚାରା ରୋପଣ କରିବା ସହ ଏହାର ଉପଯୁକ୍ତ ଯତ୍ନ ନେଇ ସବୁଜ ବନାନୀ ସୃଷ୍ଟି କରିବାକୁ ବୁଦ୍ଧିଜୀବୀଙ୍କ ସମେତ ପରିବେଶବିତ୍‌ଙ୍କ ପକ୍ଷରୁ ଦାବି ହେଉଛି।

## ପବନରେ ଭାଙ୍ଗିଲା ଆଖଣ୍ଡଳମଣିଙ୍କ ଦଧିନଉତିର ତ୍ରିଶୂଳ ଦଣ୍ଡ



ଭଦ୍ରକ/ଆରଡି,୧୬।୭(ସମିସ): ବୁଧବାର ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ପବନ ଯୋଗୁ ଭାଙ୍ଗିଲା ଆଖଣ୍ଡଳମଣିଙ୍କ ମନ୍ଦିର ଦଧିନଉତିର ତ୍ରିଶୂଳ ଦଣ୍ଡ। ଫଳରେ ଦଣ୍ଡକୁ ଧାରଣ କରିଥିବା ନେତ ତଳକୁ ଖସି ପଡିଥିଲା। ବର୍ଷା ଛାଡିବା ପରେ ନୂଆ ନେତ ଲାଗି କରାଯାଇ ବାବାଙ୍କ ନୀତିକାନ୍ତି ସମ୍ପନ୍ନ ହୋଇଥିଲା।

## ବୈତରଣୀ ନଦୀ ପଠାରୁ ଗାଈକୁ ଝାମ୍ପିନେଲା କୁମ୍ଭୀର



ଭଦ୍ରକ/ଆରଡି,୧୬।୭ (ସମିସ): ଭଦ୍ରକ ଓ ଯାଜପୁର ଜିଲା ସୀମାନ୍ତରେ ପ୍ରବାହିତ ବୈତରଣୀ ନଦୀର ବୋଡକ ଓ କୟା ଘାଟ ନିକଟସ୍ଥ ବୋଡକ ଗୁଣ୍ଡୁଣିପଡା ନଦୀ ପଠାରେ ଏକ ଗାଈ ଚରୁଥିବା ସମୟରେ ୧୪/୧୫ ଫୁଟ ଲମ୍ବର ହିଂସ୍ର କୁମ୍ଭୀର ଜାମ୍ପି ନେଇଥିଲା। ଫଳରେ ଆତଙ୍କିତ ହୋଇପଡିଛନ୍ତି ନଦୀକୂଳିଆ ଗାଁର ଲୋକ। ବୈତରଣୀ ନଦୀରେ ଏବେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ନଦୀ କୂଳ ଲଘୁଥିବାରୁ ଅନେକ ସମୟରେ ହିଂସ୍ର କୁମ୍ଭୀର ନଦୀ ପଠାରେ ଶୋଇ ରହୁଥିବା ସ୍ଥାନୀୟ ଲୋକ କହିଛନ୍ତି।

## ବସ୍‌ରେ ଯୁବତୀଙ୍କୁ ଦୁର୍ବ୍ୟବହାର

ବନ୍ତ/ଆଗରପଡ଼ା,୧୬।୭(ସମିସ): ବୁଧବାର ଭଦ୍ରକରୁ ଆଗରପଡ଼ାକୁ ଆସୁଥିବା ଏକ ଯାତ୍ରୀବାହୀ ମିନି ବସରେ ୨ ଭଉଣୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଅଶ୍ଳୀଳ ଇଙ୍ଗିତ କରିବା ଅଭିଯୋଗରେ ଜନୈକ ଯୁବକ ଥାନାରେ ଅଟକ ଅଛନ୍ତି। ଥାନାଧିକାରୀ ଦେବରାଜ ଜେନା ଅଭିଯୁକ୍ତଙ୍କୁ ପଚରାଉଚୁରା ଖବର ଲେଖା ହେବା ବେଳକୁ ଜାରି ରଖିଥିଲେ। ଅଭିଯୋଗରୁ ଜଣାପଡ଼ିଛି, ସ୍ଥାନୀୟ ଗୋପିନାଥପୁର ଅଂଚଳର ୨ଭଉଣୀ ବସରେ ଭଦ୍ରକରୁ ଆଗରପଡ଼ା ଫେରୁଥିଲେ। ଯୁବତୀ ବସିଥିବା ବସ ସିଟରେ ଅଭିଯୁକ୍ତ ଜଣଙ୍କ ମଧ୍ୟ ବସିଥିଲେ। ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବାରୁ ଏଥିରେ ଅତିଷ୍ଠ ହୋଇ ସେ ଅନ୍ୟ ସିଟକୁ ଉଠିଯାଇ ତାଙ୍କ ଭଉଣୀଙ୍କୁ ଆଣି ସେଇ ସିଟରେ ବସାଇଥିଲେ। ମାତ୍ର ତାଙ୍କୁ ମଧ୍ୟ ଅନୁରୂପ ବ୍ୟବହାର ଅଭିଯୁକ୍ତ କରିଥିଲେ। ଶେଷରେ ଅନ୍ୟ କିଛି ଉପାୟ ନ ପାଇ ଯୁବତୀ ଘରକୁ କଲ କରି ଏ ସଂପର୍କରେ କହିଥିଲେ। ଏ କଥା ଜାଣିପାରି ଅଭିଯୁକ୍ତ ଜାମବଣି ଛକରେ ଓହ୍ଲାଇ ପଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକଙ୍କ ସହାୟତାରେ ୨ ଭଉଣୀ ଅଭିଯୁକ୍ତଙ୍କୁ ପୁଣି ସେହି ବସରେ ଆଗରପଡ଼ାକୁ ନେଇଆସି ପୁଲିସ ଜିମା ଦେଇଥିଲେ। ସଂପୃକ୍ତ ଅଭିଯୁକ୍ତଙ୍କ ଘର ସ୍ଥାନୀୟ ବଉଳଡ଼ିହ ଗ୍ରାମରେ ଓ ସେ ବାଙ୍ଗାଲୋରରେ ରୁହନ୍ତି ବୋଲି ଜଣାପଡ଼ିଛି।

## ରଶି ଲଗାଇ ଯୁବନେତାଙ୍କ ଆତ୍ମହତ୍ୟା



ତିହିଡ଼ି,୧୬।୭(ସମିସ): ତିହିଡ଼ି ଥାନା ଅଧୀନ ମୁକୁନ୍ଦପୁର ପଞ୍ଚାୟତ କଞ୍ଚନପୁର ଗ୍ରାମର ମାୟାଧର ଦଳେଇଙ୍କ ପୁଅ ଯୁବନେତା ତଥା ବ୍ୟବସାୟୀ ସହଦେବ ଦଳେଇ (୪୫) ବୁଧବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରେ ପରିବାର ଲୋକେ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ତାଙ୍କ ମୃତ ବୋଲି ଘୋଷଣା କରିଥିଲେ। ତିହିଡ଼ି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଦିଆଯାଇଛି। ସହଦେବଙ୍କର ଦୁଇ ପୁଅ ଓ ସ୍ତ୍ରୀ ଅଛନ୍ତି। ସେ ମୁକୁନ୍ଦପୁର ପଞ୍ଚାୟତରେ ବିଜେଡିର ଯୁବ ସଭାପତି ଥିଲେ। ଧାନ କ୍ରୟ ବିକ୍ରୟ ବ୍ୟବସାୟ ମଧ୍ୟ କରୁଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସେହିପରି ପୂର୍ବତନ ଚାନ୍ଦବାଲି ବିଧାୟକ ବିଜୟ ନାୟକ, ବିଷ୍ଣୁବ୍ରତ ରାଉତରାୟ, ରାଜେନ୍ଦ୍ର ଦାସ, ତିହିଡ଼ି ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ନାୟକ, ପୂର୍ବତନ ସମିତି ସଭ୍ୟ ସଂଗ୍ରାମକେଶରୀ ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଆଗରପଡ଼ାରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ବନ୍ତ/ଆଗରପଡ଼ା,୧୬।୭(ସମିସ): ଯୁବ କଂଗ୍ରେସ ତରଫରୁ ସୌମ୍ୟାଶ୍ରୀ ବିଶିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହିତ ତାଙ୍କ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ଥାନୀୟ ମୁଖ୍ୟ ବଜାର କଲେଜଛକରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ସଭାପତି ରାଜକିଶୋର ସ୍ୱାଇଁ, ଜୋନ୍ ସଭାପତି ରବିନାରାୟଣ ମହାନ୍ତି, ସରପଞ୍ଚ ସବିତା ନାୟକ, ପ୍ରାକ୍ତନ ସରପଞ୍ଚ ସତ୍ୟବାନ୍ ଦାସ, ପ୍ରଦିପ୍ତ ନାୟକ, ଜଗବନ୍ଧୁ ବେହେରା, କଳ୍ପତରୁ ସାହୁ, କାର୍ତ୍ତିକ ଜେନା, ଚିତ୍ତରଞ୍ଜନ ସାମନ୍ତରାୟ, ବାଙ୍କ ବିହାରୀ ଯେନା, ଯୁବ କଂଗ୍ରେସ ସଭାପତି ମହେଶ୍ୱର ଦାସ, ପ୍ରକାଶ ମହାକୁଡ଼, ଶଶିକାନ୍ତ ଘୋଷ, ସତ୍ୟରଞ୍ଜନ ମିଶ୍ର, ବିଜୟ ବାରିକ, ବାବୁଲି ପତିଙ୍କ ସମେତ ଯୁବ, ଛାତ୍ର ଏବଂ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପାଳିଆବିନ୍ଧା କଲେଜରେ ବିକ୍ଷୋଭ

ତିହିଡ଼ି,୧୬।୭(ସମିସ): ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ଘଟଣାକୁ ନେଇ ତିହିଡ଼ି ବ୍ଲକ ପାଳିଆ ସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତିହିଡ଼ି ବ୍ଲକ ବିଜୁ-ଛାତ୍ର ଜନତା ଦଳ ନେତୃତ୍ୱରେ ମହାବିଦ୍ୟାଳୟର ଛାତ୍ରୀମାନେ ଆଜି ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟରେ ବିଜେପି ସରକାର ନିକମ୍ମା ସରକାର ଓ ଛାତ୍ରୀମାନେ ଶିକ୍ଷାନୁଷ୍ଠାନରେ ସୁରକ୍ଷିତ ନୁହଁନ୍ତି ବୋଲି ଆରୋପ କରିଥିଲେ। ଗୋଟିଏ ବର୍ଷ ଭିତରେ ନାରୀ ନିର୍ଯାତନା ବହୁ ଗୁଣରେ ବୃଦ୍ଧି ପାଇଛି ବୋଲି ଅଭିଯୋଗ କରାଯାଇଥିଲା। ଧାମନଗର ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସୁଧନ୍ୟା ନାୟକଙ୍କ ସଂଯୋଜନରେ ଅନୁଷ୍ଠିତ ପଥପ୍ରାନ୍ତ ସଭାପରେ ଛାତ୍ର ଗୌରାଙ୍ଗ ବଳ, ଛାତ୍ରୀ ଶାଶ୍ୱତୀ ନାୟକ, ଇତିଶ୍ରୀ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ବିଜୁ ଜନତା ଦଳର ତିହିଡ଼ି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ନାୟକ, ଧାମନଗର ନିର୍ବାଚନ ମଣ୍ଡଳୀ ନେତା ଡାକ୍ତର ସଞ୍ଜୟ ଦାସ, ପ୍ରାକ୍ତନ ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ, ଜିଲ୍ଲା ପରିଷଦ ସଭ୍ୟା ରୁଜାତା ପଣ୍ଡା, ସମିତି ସଭ୍ୟ ଜୀବନଜ୍ୟୋତି ପଲେଇ, ନବକିଶୋର ମଲିକ, ଗଣେଶ ନାୟକ, ଭରତ ସାହୁ, ଅନ୍ନପୂର୍ଣ୍ଣା ବାରିକ, ପ୍ରଶାନ୍ତ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।




## ବାସୁଦେବପୁରରେ ବିଜେଡିର କର୍ମୀ ସମ୍ମିଳନୀ



ବାସୁଦେବପୁର,୧୬।୭(ସମିସ): ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତାଦଳର କାର୍ଯ୍ୟାଳୟଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ବ୍ଲକ ସଭାପତି ଦୀନବନ୍ଧୁ ଦାସ ସଭାପତିତ୍ୱ କରିଥିଲେ। ନେତା ଓ କର୍ମୀ କାମ ନ କରି ଅଧିକ ଉତ୍ସାହିତ ହୋଇ ପଡିଲେ। ଛାଡି ଯାଉଥିବା ଭୋଟରଙ୍କୁ ହେୟମନେ କଲେ। ନିଜ ମଧ୍ୟରେ ସଂଯୋଜନା ଅଭାବ ଦଳକୁ ଅଧିକ କ୍ଷତିଗ୍ରସ୍ତ କଲା। ଛୋଟ ଛୋଟ ଭୁଲ୍ ପାଇଁ ପରାଜୟର ସ୍ୱାଦ ଚାଖିବାକୁ ପଡିଲା ବୋଲି ବରିଷ୍ଠ ବିଜେଡିର ନେତା ପ୍ରଫୁଲ୍ଲ ପଳିତା, ଗୌତମ ସେଠୀ, ପ୍ରଫୁଲ୍ଲ ବିଶ୍ୱାଳ, ଆରୁହା ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ସାହୁ, ଜିଲ୍ଲାପରିଷଦ ସଭ୍ୟ ଯଦୁନାଥ ନାୟକ, ଗିରିଶ ସାମଲ, ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ଦେବଦର୍ଶନ ଦାଶ ପ୍ରମୁଖ ମତବ୍ୟକ୍ତ କରିଥିଲେ। ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଆଗାମୀ ଦିନରେ ଦଳରେ ସଙ୍ଗଠିତ ହୋଇ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ନବୀନ ସରକାରଙ୍କ ସମୟରେ ବିକାଶର ଚିତ୍ର ଗାଁରୁ ସହର ସ୍ପଷ୍ଟ ବାରି ହେଉଛି। ବର୍ତ୍ତମାନ ଶାସନ ସରକାରୀ ଦଳର ବିଭିନ୍ନ ଯୋଜନାର ଦୁର୍ନିତିକୁ ଲୋକ ଲୋଚନକୁ ଆଣନ୍ତୁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠାରୁ ଏମଜିଏନଆରଜିଏସ ପର୍ଯ୍ୟନ୍ତ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି । ଘର ନ କରି ଅଧା ଅଧା ହେଉଛି । ଦୁର୍ନୀତିକୁ ଲୋକ ଲୋଚନକୁ ଆଣି ମିଳିତ ଭାବେ ଲଢେଇ କରିବାକୁ ପରାମର୍ଶ ଦେଇଥିଲେ। ବାସୁଦେବପୁର ବ୍ଲକର ୩୬ ପଂଚାୟତ ଓ ପୌରପାଳିକାର କର୍ମୀମାନେ ଯୋଗଦେଇଥିଲେ। ବାସୁଦେବପୁର ବିଜୁ ଜନତାଦଳର ଦୀର୍ଘ ଦିନ ପରେ କର୍ମୀ ସମ୍ମିଳନୀର ଆୟୋଜନ ହୋଇଥିବାରୁ କର୍ମୀମାନେ ଉତ୍ସାହିତ ହୋଇଛନ୍ତି।

## ଆଇନ ଶୃଙ୍ଖଳା ନେଇ ଏସ୍‌ପିଙ୍କୁ ଭେଟିଲେ ପ୍ରାକ୍ତନ ସାଂସଦ ଓ ବିଧାୟକ

ଭଦ୍ରକ,୧୬।୭(ସମିସ): ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ଭଦ୍ରକର ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ପ୍ରାକ୍ତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ। ଏହି ସାକ୍ଷାତକାର ବେଳେ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ବାବଦରେ ମୁଖ୍ୟତ ଆଲୋଚନା କରିଥିଲେ । ବିଶେଷ କରି ପଦ୍ମପୁର, ବିଲଣା ଓ ବରାପୁର ଠାରେ ପୂର୍ବରୁ ପ୍ରସ୍ତାବ ଥିବା ନୂତନ ଫାଣ୍ଡି ଖୋଲିବା, ଟ୍ରାଫିକ ନିୟନ୍ତ୍ରଣ, ଜିଲ୍ଲାର ନୂତନ ବସ ଷ୍ଟାଣ୍ଡ କାର୍ଯ୍ୟକ୍ଷମ, ବେଆଇନ ମଦ ତଥା ବ୍ରାଉନ ସୁଗର ବିକ୍ରୟକୁ ପ୍ରତିହତ କରିବା, ବାସୁଦେବପୁର ସହରାଂଚଳ ମଧ୍ୟରେ ଆଦାନୀ ପୋର୍ଟ ଧାମରାକୁ ମାଲବାହୀ ଯାନ ଚଳାଚଳ ନିୟନ୍ତ୍ରଣ, ବିଭିନ୍ନ ଛକ, ହାଟ ବଜାରରେ ରାତ୍ର କାଳରେ ପୋଲିସ ଜଗିବା ସହିତ ସିସି ଟିଭି କ୍ୟାମେରା ବ୍ୟବସ୍ଥା କରିବା ଏବଂ ଜିଲ୍ଲାର ବିଭିନ୍ନ ଥାନାରେ ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ବିଜେଡି ସରକାର ଅମଳରୁ ନିର୍ମିତ ହୋଇଥିବା ଭଦ୍ରକ ବସ୍‌ଷ୍ଟାଣ୍ଡକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଏସ୍‌ପି ଶ୍ରୀ ରାଉତଙ୍କ ଠାରେ ଦାବି ରଖିଥିଲେ।



## ମରାମତି ହେଉନି ବିଷ୍ଣୁପୁର ଛକ ବାଇପାସ୍ ରାସ୍ତା

ବାରିକପୁର,୧୬।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ଛକର ବାଇପାସ୍ ରାସ୍ତାଟି ମରାମତି ହେଉନାହିଁ। ଫଳରେ ମାତ୍ର ୨ଶହ ମିଟର ରାସ୍ତା ଅତିକ୍ରମ କରିବା ପାଇଁ ପଥଚାରୀଙ୍କୁ ନାକେଦମ ହେବାକୁ ପଡୁଛି। ଏପରିକି ଉକ୍ତ ରାସ୍ତାରେ ଦୈନିକ କିଛି ନା କିଛି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ସୂଚନା ମୁତାବକ, ଜାତୀୟ ରାଜପଥର ଏହି ସ୍ଥାନରେ ଏକ ଉଭର୍ବ୍ରିଜ ନିର୍ମିତ ହେଉଛି। ତେଣୁ ଦରଡା ପଟୁ ବିଷ୍ଣୁପୁର କେନାଲ ଛକ ପାର୍ଶ୍ୱ ଯାଏଁ ଯାନବାହାନ ଚଳାଚଳ ପାଇଁ ଅସ୍ଥାୟୀ ବାଇପାସ୍ ରାସ୍ତାଟି ନିର୍ମାଣ ହୋଇଛି। ଗୋଟିଏ ଲାଇନ ବିଶିଷ୍ଟ ଏହି ରାସ୍ତାଟି ୬ମାସରୁ ଅଧିକ ହେବ ନିର୍ମାଣ ହୋଇଛି। ରାସ୍ତା ନିର୍ମାଣ ବେଳେ ଅତି ବେପରୁଆ ଭାବେ ଏହା ଉପରେ ଅଳ୍ପ କିଛି ଡଷ୍ଟ ବଜ୍ରି ମିଶ୍ରଣ ସହିତ ପିଚ୍ ଦିଆଯାଇଥିଲା। ନିର୍ମାଣର ଅଳ୍ପ କିଛି ଦିନ ପରେ ରାସ୍ତା ଉପରେ ପଡିଥିବା ସମସ୍ତ ସାମଗ୍ରୀ ଉଭାନ ହୋଇଯାଇଛି। ଏବେ ଖାଲି ବଜୁରୀ ଗୁଣ୍ଡ ସହିତ ଧୂଳି ଉଡୁଛି। ଦୈନିକ ଶହଶହ ମାଲବାହୀ ଟ୍ରକ ଓ ଯାତ୍ରୀବାହୀ ବସ ଏହି ରାସ୍ତାରେ ଯାଉଥିବା ବେଳେ ଅନ୍ୟାନ୍ୟ ଛୋଟ ମୋଟ ଯାନ ମଧ୍ୟ ଚଳାଚଳ କରୁଛି। ଦୁଇଶହ ମିଟର ରାସ୍ତାଟି ସମ୍ପୂର୍ଣ୍ଣ ଖାଲ ଢିପ ରେ ପରିଣତ ହୋଇଛି। ବର୍ଷା ହେଲେ ଅବସ୍ଥା ଜଟିଳ ହେଉଛି। ରାସ୍ତାରେ ପ୍ରତ୍ୟେକ ଦିନ କେହିନା କେହି ସାଇକେଲ ଓ ବାଇକ୍ ଆରୋହୀ ମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାଛଡା ଭଣ୍ଡାରିପୋଖରୀ ଓ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଯେଉଁ ଆମ୍ବୁଲାନ୍ସ ଭଦ୍ରକ ଡ଼ାକ୍ତରଖାନାକୁ ରୋଗୀ ନେଇ ଯାଉଛନ୍ତି ତାଙ୍କ ଅବସ୍ଥା ନକହିବା ଭଲ। ନିର୍ମାଣକାରୀ ସଂସ୍ଥା ସବୁଦିନ ଏଠାରେ ଓଭର୍ବ୍ରିଜ କାର୍ଯ୍ୟ କରୁଥିବା ବେଳେ ବାଇପାସ୍ ରାସ୍ତା ମରାମତି ପାଇଁ ବିଲକୁଲ ନଜର ଦେଉନାହିଁ। ଫଳରେ ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।




# ଆଧୁନିକତାରେ ହଜିଗଲାଣି ଲୋକକଳା

ବାରିକପୁର,୧୭।୭(ସମିସ)

ଆଧୁନିକ ଯୁଗରେ ଧୀରେ ଧୀରେ ଲୋକ କଳାରେ ଭରପୁର ଗୀତ ଓ ସଂଗୀତ ଲୋପ ପାଇଯାଉଛି। ଦାସ କାଠିଆଠାରୁ ଆରମ୍ଭ କରି ଘୋଡା ନାଚ ଓ ଚକୁଳିଆ ପଣ୍ଡାଠାରୁ ଆରମ୍ଭ କରି କେନ୍ଦରା ଗୀତ ସବୁ ଯେମିତି ଏବେ ଇତିହାସ ପାଲଟିବାକୁ ବସିଲାଣି। ସମୟ ଥିଲା ଚକୁଳିଆ ପଣ୍ଡା ଓ ଯୋଗୀ ପୁଅର କେନ୍ଦରା ଗୀତରେ ଗାଁ ଦାଣ୍ଡ ପ୍ରକମ୍ପିତ ହେଉଥିଲା। ଏହାଦ୍ୱାରା ଗାଁ ଗଣ୍ଡାରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହେଉଥିଲା। ଏବେ କିଛି ବର୍ଷ ହେବ ସମୟ ସୁଅରେ ଆଜି ତାହା ଲୁଚି ଲୁଚିଯାଉଛି। ପୂର୍ବେ ଭଣ୍ଡାରିପୋଖରୀ ସମେତ ଆଖପାଖ ଅଞ୍ଚଳକୁ କେନ୍ଦରା ଧରି ଛୁଟି ଆସୁଥିଲେ ଯୋଗୀ ପୁଅ। ସାଧାରଣତଃ ପୁରୀ, ନୟାଗଡ, ଖୋର୍ଦ୍ଧା, ଅନୁଗୁଳ ପ୍ରମୁଖ ଜିଲ୍ଲାରୁ ଏମାନେ ଆସୁଥିଲେ। ଯାଯାବର ଭାବେ ଏ ଗାଁରୁ ସେ ଗାଁ ଭ୍ରମଣ କରି ଧର୍ମ ସଂସ୍କୃତି ସମ୍ପନ୍ନ ଲୋକ ଗୀତରେ କେନ୍ଦରା ବଜାଇ ପ୍ରତିବଦଳରେ ପ୍ରତ୍ୟେକ ଗୃହସ୍ଥଙ୍କ ଠାରୁ ଧାନ ଚାଉଳ ଗ୍ରହଣ କରୁଥିଲେ। ବର୍ଷର ଅର୍ଦ୍ଧାଧିକ ସମୟ ଯୋଗୀ ମାନେ ଏହି ଲୋକ କଳାକୁ ପାଥେୟ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଏବେ କିନ୍ତୁ ସମୟ ବଦଳି ଯାଇଛି। ଏବେ ଆଧୁନିକ କୃଷି ପ୍ରଣାଳୀରେ ଚାଷ ହେଉଥିବା ବେଳେ କୌଣସି ଘରେ ଆଉ ଧାନ ଚାଉଳ ମହଜୁଦ ରହୁନାହିଁ। ଚାଷ କିଆରୀରୁ ଶସ୍ୟ ବିକ୍ରି ହୋଇଯାଉଛି। ଏବେ ସରକାରୀ ଚାଉଳ ମିଳୁଥିବା ବେଳେ କାହାରି ଘରେ ଆଉ ସ୍ୱଦେଶୀ ଧାନ ଚାଉଳ ଗଚ୍ଛିତ ରହୁନାହିଁ। ତେଣୁ ଏହାକୁ ଭରସା କରି ଗାଁ ଗଣ୍ଡାକୁ ଆସୁଥିବା ଚକୁଳିଆ ପଣ୍ଡା ଓ ଯୋଗୀ ପୁଅଙ୍କ ସଂଖ୍ୟା ଏବେ ହ୍ରାସ ପାଉଛି। ଏହାଛଡା ବଂଶାନୁକ୍ରମିକ ଯେଉଁ ଯୋଗୀ ପ୍ରଥାଟି ଚାଲି ଆସୁଥିଲା ସେମାନଙ୍କ ଉତରାଧିକାରୀ ଆଉ ଗାଁକୁ ଗାଁ ବୁଲିବାକୁ ପସନ୍ଦ କରୁନାହାନ୍ତି। ଆଧୁନିକ ଚାକଚକ୍ୟ ମଧ୍ୟରେ ସମସ୍ତେ ପ୍ରତିଯୋଗିତା ମୂଳକ ଭାବେ ଗତି କରୁଥିବା ବେଳେ ଏହାରି ମଧ୍ୟରେ ହଜିଯାଉଛି ଓଡ଼ିଆ କଳା, ସାହିତ୍ୟ ଓ ସଂସ୍କୃତି। ଯଦି ଉପଯୁକ୍ତ ପ୍ରୋତ୍ସାହ ମିଳି ପାରନ୍ତା ତାହେଲେ ଏହା କିଛି ମାତ୍ରାରେ ଉଜ୍ଜୀବିତ ରହିପାରନ୍ତା ବୋଲି ମତ ପ୍ରକାଶ ପାଇଛି।



### ଜିଲ୍ଲାସ୍ତରୀୟ ୧୩୧ତମ ଜୟନ୍ତୀ ପାଳିତ

# 'ବିପ୍ଳବୀ ଚକ୍ରଧର ବେହେରା ଥିଲେ କନିକାର ସୂର୍ଯ୍ୟ'

ଭଦ୍ରକ, ୧୬।୭(ସମିସ):

କନିକାର ପ୍ରଜାକୁଳକୁ ତତ୍କାଳୀନ ରାଜାଙ୍କ କବଳରୁ ମୁକ୍ତି କରିବା ପାଇଁ କନିକା ପ୍ରଜା ଆନ୍ଦୋଳନ ଆକାଶରେ ସୂର୍ଯ୍ୟ ଭଳି ପ୍ରତିଭାତ ହୋଇଥିଲେ ବିପ୍ଳବୀ ଚକ୍ରଧର ବେହେରା। ନିଜେ ସେହି ରାଜ ଦରବାରରେ ଚାକିରି କରି ସେହି ଦରବାରର ଅନ୍ୟାୟ-ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ ଇତିହାସରେ କ୍ୱଚିତ ଦେଖାଯାଏ। ମେଧାବୀ, ସ୍ୱାଧୀନ ଚେତା, କବି, ସାହାସୀ କନିକା ଆନ୍ଦୋଳନର ରଥୀ, ଅଭିମନ୍ୟୁ ରୂପେ ବିବେଚିତ ଚକ୍ରଧର ବେହେରା ବିଧାନସଭାରେ ନିର୍ବାଚିତ ବିଧାୟକ ଭାବେ ନିଜ ମାଟି ପାଇଁ ଯେଉଁ ସବୁ ଜନହିତକର କାର୍ଯ୍ୟ କରି ଯାଇଛନ୍ତି ସେଥିପାଇଁ ଆଜି ବି ସ୍ମରଣୀୟ ହୋଇ ରହିବେ। ଭୋଗ ନୁହେଁ ତ୍ୟାଗ, ନିଜ ପାଇଁ ନୁହେଁ ଅନ୍ୟ ପାଇଁ ବଂଚିବା ନୀତି ଥିଲା ତାଙ୍କ ବ୍ରତ ବୋଲି ଜିଲ୍ଲାସ୍ତରୀୟ ବିପ୍ଳବୀ କବି ଚକ୍ରଧର ବେହେରାଙ୍କ ୧୩୧ତମ ଜୟନ୍ତୀ ପାଳନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ। ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଦିଲୀପ ରାଉତରା, ମୁଖ୍ୟବକ୍ତା ଗାଳ୍ପିକ ତଥା ପ୍ରାକ୍ତନ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡିଶା ବିଜ୍ଞାନ ଏକାଡେମୀ ସଦସ୍ୟ ଇଂ ଅଭୟ ସୂତାର, ବରିଷ୍ଠ ସମାଜସେବୀ ବୈଲୋଚନ ଜେନା, ଚକ୍ରଧର ବେହେରା ସ୍ମୃତି କମିଟି ସଭାପତି ବାସୁଦେବ ବାରିକ, ସମ୍ପାଦକ ଉପେନ୍ଦ୍ର ବାରିକ, ସଂଯୋଜକ ଭାବେ ଡେପୁଟି କଲେକ୍ଟର ତଥା ଡିଆଇପିଆରଓ କାର୍ତ୍ତିକ ନାଥ ମଣ୍ଡଳ, ପୂର୍ବତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ତ୍ୟାଗଭୂମି ଅଜୟ ନାୟକ, ଭୂମିକନ୍ୟା ସଙ୍ଗଠନ ସମ୍ପାଦିକା ସଂଯୁକ୍ତା ବଳ ମଧ୍ୟ ମଧ୍ୟ ବକ୍ତବ୍ୟ ରଖିଥିଲେ। ଏହି ଜୟନ୍ତୀ ପାଳନ ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶାନ୍ତିଲତା ନାଗ ସ୍ମୃତି କମିଟି ତରଫରୁ ମଧ୍ୟ ପ୍ରଥମ ପ୍ରତିଭାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଜଗା ଚାକର ସଂଘର କର୍ମକର୍ତ୍ତାଙ୍କୁ ମଧ୍ୟ ସେମାନଙ୍କ ଉତ୍ସର୍ଗୀକୃତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାଶ୍ୱତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଓଡିଶା ବରପୁତ୍ରଙ୍କ ଫଟୋ ସମ୍ବଳିତ ଓଡିଆ କ୍ୟାଲେଣ୍ଡର ସମସ୍ତଙ୍କୁ ବିତରଣ କରାଯାଇଥିଲା। ବିଭାଗୀୟ କର୍ମଚାରୀ ମାନସୀ ଗରାବଡୁ, ଲିସାରାଣୀ ରାଉତ, ଜିଲ୍ଲା କଳା ସଂସ୍କୃତି ସଂଘର ସଭାପତି ତ୍ରିଲୋଚନ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



# ପତ୍ନୀହନ୍ତାଙ୍କୁ ଆଜୀବନ କାରାଦଣ୍ଡ

ଭଦ୍ରକ,୧୬।୭(ସମିସ): ପତ୍ନୀକୁ ତଣ୍ଟି ଚିପି ହତ୍ୟା କରିବା ଅପରାଧରେ ଭଦ୍ରକ ଜିଲ୍ଲା ପୀରହାଟ ଥାନା ତୁଳମତୁଳା ଗାଁର ଶଙ୍କର୍ଷଣ ବେହେରାଙ୍କ ପୁତ୍ର କାହ୍ନୁ ଓରଫ କୃଷ୍ଣ ଚରଣ ବେହେରା (୩୫ )କୁ ଆଜୀବନ କାରାଦଣ୍ଡ ଆଦେଶ ହୋଇଛି। ଏହା ସହିତ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ପୁଣି ୨ ମାସ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ରହିଛି। ତେବେ ହତ୍ୟା ବେଳେ ନିଜର ନାବାଳକ ପୁତ୍ର ପିତାଙ୍କର ଏମିତି କାର୍ଯ୍ୟରେ ପ୍ରତିବାଦ କରିବାରୁ ତାକୁ ମଧ୍ୟ ତଣ୍ଟି ଚିପି ମାରି ଦେବାକୁ ଉଦ୍ୟମ କରିବା ଅପରାଧରେ ୫ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଓ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ୧ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି ଭଦ୍ରକ ଅତିରିକ୍ତ ଜିଲ୍ଲା ତଥା ଦୌରାଜଜ ପ୍ରଭାତ କୁମାର ରାୟଗୁରୁ।

ବିବରଣୀରୁ ପ୍ରକାଶ ଯେ, ତୁଳମତୁଳା ଗାଁର କାହ୍ନୁ ଯାଜପୁରରୋଡ୍ ଥାନା ବେରିଗଡ଼ିଆ (ରାଣିପଡା) ଗାଁର ଶଙ୍କର୍ଷଣ ଦାସଙ୍କ କନ୍ୟା ଅନ୍ନପୂର୍ଣ୍ଣାଙ୍କୁ ବୈଦିକ ରୀତିନୀତି ଅନୁଯାୟୀ ଗତ ୧୨ ବର୍ଷ ତଳେ ବିବାହ କରିଥିଲେ। ବିବାହର ୨ବର୍ଷ ଯାଏ ନିଜ ଘର ତୁଳମତୁଳାରେ ରହିବା ପରେ ପାରିବାରିକ ବିବାଦ ଯୋଗୁଁ ଉଭୟ ସ୍ୱାମୀ-ସ୍ତ୍ରୀ ଯାଇ ତାଙ୍କ ଶଶୁର ଘର ବେରିଗାଡ଼ିଆରେ ରହିଥିଲେ। ସେଠାରେ ଗତ ୬ ବର୍ଷ ତଳେ ସେମାନଙ୍କ ରୁଦ୍ର ନାମକ ଏକ ପୁତ୍ର ଜନ୍ମ ଲାଭ କରିଥିଲା। ଗତ ୨୦୨୨ ମସିହା ଜାନୁଆରୀ ୨ ତାରିଖରେ କାହ୍ନୁର ଜଣେ ସମ୍ପର୍କୀୟ ଭାଇର ଦେହ ଖରାପ ଥିବାରୁ ଉଭୟ ସ୍ୱାମୀ-ସ୍ତ୍ରୀ ତାକୁ ଦେଖା କରିବା ପାଇଁ ତୁଳମତୁଳା ଗାଁକୁ ନିଜର ନାବାଳକ ପୁଅ ରୁଦ୍ର ସହ ଆସିଥିଲେ। ସେଦିନ ରାତିରେ ନିଜ ଶୋଇବା ଘରେ କିଛି ପାରିବାରିକ କାରଣ ପାଇଁ ଉଭୟ ସ୍ୱାମୀ-ସ୍ତ୍ରୀ ଝଗଡ଼ା ଲାଗିବାରୁ ସ୍ୱାମୀ ଉତ୍ୟକ୍ତ ହୋଇ ନିଜ ପତ୍ନୀ ଅନ୍ନପୂର୍ଣ୍ଣାର ତଣ୍ଟି ଚିପି ହତ୍ୟା କରିଥିଲେ। ରୁଦ୍ର ପ୍ରତିବାଦ କରିବାରୁ ତାକୁ ମଧ୍ୟ ତଣ୍ଟି ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲା। ରୁଦ୍ରର ଚିତ୍କାର ଶୁଣି ପରିବାର ଲୋକ ସେଠାରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ। ମୃତା ଅନ୍ନପୂର୍ଣ୍ଣାର ପିତା ଶଙ୍କର୍ଷଣ ମଧ୍ୟ ଖବର ପାଇ ସକାଳେ ସେଠାରେ ପହଞ୍ଚି ପୀରାହାଟ ପୁଲିସ ପାଖରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାରେ ୩/୨୨ରେ ଏକ ମାମଲା ରୁଜୁ କରି କାହ୍ନୁକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହି ଦିନରୁ କାହ୍ନୁ ବିଚାରଧୀନ ବନ୍ଦୀ ଭାବରେ ଜେଲରେ ଅଛନ୍ତି। ତଦନ୍ତ ପରେ ଗତ ୨୦୨୩ ମସିହା ଫେବ୍ରୁଆରି ୯ ତାରିଖରେ ପୁଲିସ୍ ଚାର୍ଜସିଟ ଦାଖଲ କରିବା ପରେ ବିଚାର ଆରମ୍ଭ ହୋଇ ଗତକାଲି ବିଳମ୍ବିତ ସନ୍ଧ୍ୟାରେ ରାୟ ପ୍ରକାଶ ପାଇଛି। ଅଭିଯୋଗକାରୀଙ୍କ ତରଫରୁ ପବ୍ଲିକ ପ୍ରସିକ୍ୟୁଟର ସୂର୍ଯ୍ୟକାନ୍ତ କୁଅଁର ଓ ଅରୁଣ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ ସ୍କୁଲରେ ବନ ମହୋତ୍ସବ

ଭଦ୍ରକ, ୧୬।୭(ସମିସ): ଭଦ୍ରକର ପ୍ରମୁଖ ଶିକ୍ଷାନୁଷ୍ଠାନ ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପକ୍ଷରୁ ନାଟକ ଏବଂ ଆଲୋଚନା ମାଧ୍ୟମରେ ବୃକ୍ଷର ଗୁରୁତ୍ୱ, ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରିବା ସହ ଚାରା ରୋପଣରେ କରାଯାଇଥିଲା। ଏକ ଉତ୍ସାହଜନକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ, କର୍ମଚାରୀ ଏବଂ ଦୂରଦୃଷ୍ଟିସମ୍ପନ୍ନ ପ୍ରିନ୍ସିପାଲ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।




# ଶିକ୍ଷୟିତ୍ରୀଙ୍କୁ ଭାବପୂର୍ଣ୍ଣ ବିଦାୟ

ଭଣ୍ଡାରିପୋଖରୀ, ୧୬।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ତୁଳସୀପୁର ଉପ୍ରା ବିଦ୍ୟାଳୟ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ଜେନାଙ୍କୁ ଷୋଳମପୁର ପ୍ରାଥମିକ ବିଦ୍ୟାଳୟରେ ଯୋଗଦେବା ପାଇଁ ଡେପୁଟେସନରେ ମଙ୍ଗଳବାର ବ୍ଲକଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆଦେଶ ହୋଇଛି। ବୁଧବାର ପୂର୍ବାହ୍ନରେ ଶିକ୍ଷୟିତ୍ରୀ ଶ୍ରୀମତୀ ଜେନାଙ୍କୁ ଭାବପୂର୍ଣ୍ଣ ବିଦାୟ ପ୍ରଦାନ କରାଯାଇଛି। ସେହି ବିଦ୍ୟାଳୟରେ ଦୀର୍ଘ ୧୧ବର୍ଷ ଶିକ୍ଷାଦାନ କରି ବହୁ କୃତୀ ଛାତ୍ରଛାତ୍ରୀ ଗଢିତୋଳିବା, ସହକର୍ମୀଙ୍କ ସହ ଉତ୍ତମ ସମ୍ପର୍କ ପ୍ରତିଷ୍ଠା କରିବା, ଛାତ୍ରଛାତ୍ରୀଙ୍କୁ ସ୍ନେହବନ୍ଧନରେ ବାନ୍ଧିରଖିବା, ଅଭିଭାବକଙ୍କ ସହ ସମ୍ମାନଜନକ ବ୍ୟବହାର ପ୍ରଦର୍ଶନ କରିବା, ଶିକ୍ଷା ପ୍ରଶାସନ ସୁଦୃଷ୍ଟିରେ ରହିବା ଭଳି ସୁଗୁଣର ଅଧିକାରିଣୀ ହୋଇଥିବା ଶିକ୍ଷୟତ୍ରୀ ଜେନାଙ୍କୁ ଲୋକତପୂର୍ଣ୍ଣ ବିଦାୟ ପ୍ରଦାନ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ପ୍ରଜ୍ଞାପରମିତା ସ୍ୱାଇଁ, ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ନାୟକ, ମୀନତୀ ସିଂ, ଶିକ୍ଷକ ରଞ୍ଜନ ଦେ ଓ ପ୍ରମୋଦ ସାମଲ ଶିକ୍ଷୟିତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।




# ୨ ଘରୋଇ ସ୍କୁଲକୁ ବନ୍ଦ ନୋଟିସ

ଭଣ୍ଡାରିପୋଖରୀ, ୧୬।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବାଲିପୋଖରୀ ପଞ୍ଚାୟତ କୋରକୋରା ଶିକ୍ଷାଭାରତୀ ବିଦ୍ୟାମନ୍ଦିର ଓ ଷୋଳମପୁର ଶ୍ରୀଗଣେଶ ଶିଶୁ ବିଦ୍ୟାମନ୍ଦିରକୁ ଚଳିତ ଶିକ୍ଷାବର୍ଷ ୨୦୨୫-୨୬ଠାରୁ ନାମ ଲେଖାଇବାକୁ ବାରଣ କରିବା ବନ୍ଦ ନୋଟିସ ଦେଇଥିବା ଜଣାଯାଇଛି। ବୁଧବାର ପ୍ରକାଶିତ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୮ ୬୨ ଅନୁଯାୟୀ ଏହି ଆଦେଶ ଜାରି କରାଯାଇଛି। ଏହି ବିଦ୍ୟାଳୟଦ୍ୱୟକୁ ସରକାରୀ ସ୍ୱୀକୃତି ପ୍ରମାଣପତ୍ର ମିଳି ନଥିବା ଯୋଗୁଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ବିଦ୍ୟାଳୟ ବନ୍ଦ ଘୋଷଣାପତ୍ର ତୁରନ୍ତ ଶିକ୍ଷା କାର୍ଯ୍ୟାଳୟରେ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି।

# ବଜରଙ୍ଗ ଦଳର ବୃକ୍ଷ ରୋପଣ

ବାରିକପୁର, ୧୬।୭(ସମିସ): ବଜରଙ୍ଗ ଦଳ ପକ୍ଷରୁ ସେବା ସପ୍ତାହ ପାଳନ ଅବସରରେ ଭଣ୍ଡାରିପୋଖରୀ ପ୍ରଖଣ୍ଡ କୁରିଗାଁ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଶତାଧିକ ବୃକ୍ଷ ରୋପଣ କରାଯାଇଛି। ସଂଯୋଜକ ହିମାଂଶୁ ଶେଖର ବେହେରା, ସହସଂଯୋଜକ ହିମାଂଶୁ ପାତ୍ର, ଶୁଭମ ରାଉତ ଏବଂ କାର୍ଯ୍ୟକର୍ତ୍ତା କ୍ରିଷ୍ଣା ଓଝା, ରାଜା ନାୟକ, କହ୍ନେଇ ସୂତାର, ଆକାଶ ବିନ୍ଧାଣୀ, ଦେବପ୍ରସନ୍ନ ନାୟକ, ଚିନ୍ମୟ ବିନ୍ଧାଣୀ, ଦୀପେନ ବେହେରା, ମାନସ ନାୟକ, ଦୟାନିଧି ବିଶ୍ୱାଳ, ପ୍ରକାଶଚନ୍ଦ୍ର ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




# ଫୁଲୁଛି ବୈତରଣୀ; ତଳିଆ ଲୋକେ ଆତଙ୍କିତ

ଅସୁରାଳି, ୧୬।୭(ସମିସ): ବୈତରଣୀ ନଦୀ କେନ୍ଦୁଝର, ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଜିଲ୍ଲା ମାଧ୍ୟମରେ ପ୍ରବାହିତ ହେଉଥିଲା ବେଳେ ବର୍ଷା ଋତୁରେ ଏହି ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ଭଦ୍ରକ ଜିଲ୍ଲାରେ ପ୍ରତିବର୍ଷ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଚଳିତବର୍ଷ ମଧ୍ୟ ଉପର ମୁଣ୍ଡରେ ହେଉଥିବା ଅତିବୃଷ୍ଟି ଓ ଲଘୁଚାପ ବର୍ଷା ପ୍ରଭାବରେ ବୈତରଣୀ ନଦୀର ଜଳସ୍ତର ଅସାଧାରଣ ଭାବରେ ବୃଦ୍ଧି ପାଇଛି। ଆଖୁଆପଦା ଆନିକଟ ନିକଟରେ ବିପଦ ସଙ୍କେତ ୧୮.୩୩ ମିଟର ଥିବା ବେଳେ ଏବେ ଏହି ଜଳସ୍ତର ୧୮.୬ ମିଟରକୁ ଉଠିଛି। ଫଳରେ ବନ୍ୟା ଆଶଙ୍କା ନେଇ ନଇକୂଳିଆ ଗାଁ ହସନାବାଦ, ଅର୍ଜୁନପୁର, ନଦୀଗାଁ, ଧୂଷୁରୀ, ପାଳସାହି, ରହିପୁର, ଭଟସାହି ପ୍ରମୁଖ ପଞ୍ଚାୟତବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ବିଡିଓ ଓ ତହସିଲଦାରମାନଙ୍କୁ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ଧ ଭାଙ୍ଗିବା ଆଶଙ୍କା ରହିଥିବାରୁ ବାଉଁଶ ଓ ବାଲିବସ୍ତା ଦ୍ୱାରା ରାସ୍ତା ସୁରକ୍ଷା କାର୍ଯ୍ୟ ଆରମ୍ଭ ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ୍ ରଖାଯାଇଛି। ତଳିଆ ଅଞ୍ଚଳରୁ ସ୍ଥାନାନ୍ତର କରିବା ପାଇଁ ଯୋଜନା ଚାଲିଛି। ବୈତରଣୀ ନଦୀର ବନ୍ୟା ଜଳ ଚାଷୀମାନଙ୍କ ପାଇଁ ଅତ୍ୟନ୍ତ ଚିନ୍ତାଜନକ। ଶତାଧିକ ଏକର ଧାନ ଜମି ବୁଡ଼ିଯାଇଛି। ଏହି ବନ୍ୟା ଚାଷୀମାନଙ୍କ ଆର୍ଥିକ ଅବସ୍ଥାକୁ ଗଭୀର ଭାବେ ପ୍ରଭାବିତ କରିପାରେ। ଏସଡିଓ କିଶୋର ଦାସଙ୍କ କହିବାନୁଯାୟୀ, ବୈତରଣୀର ଜଳ ସ୍ତର ଉପର ମୁଣ୍ଡରେ କିଛି କମିବାରେ ଲାଗିଛି ମାତ୍ର ତଳିଆ ଅଞ୍ଚଳରେ ଏବେ ବି ବୈତରଣୀର ଜଳ ସ୍ତର ଅଧିକ ରହିଛି। ଆଗାମୀ ଦିନରେ ଲଗାଣ ବର୍ଷା ହେଲେ ସମ୍ଭାବ୍ୟ ବନ୍ୟା ଆଶଙ୍କାକୁ ଟାଳି ଦିଆଯାଇ ନ ପାରେ। ଯଦି ଉପରମୁଣ୍ଡରେ ଅଧିକ ବର୍ଷା ହେବା ଜାରି ରହିଥାଏ, ତେବେ ବୈତରଣୀ ନଦୀର ଜଳସ୍ତର ଆହୁରି ବୃଦ୍ଧି ପାଇପାରେ।



# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବ୍ଲକ୍ କଂଗ୍ରେସର ଦାବିପତ୍ର



ଧାମନଗର, ୧୬।୭(ସମିସ): ଧାମନଗର ବ୍ଲକ କଂଗ୍ରେସ ତରଫରୁ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଜଣେ ବିଏଡ ଛାତ୍ରୀଙ୍କୁ ବରିଷ୍ଠ ପ୍ରାଧ୍ୟାପକଙ୍କ ଦ୍ୱାରା ଯୌନ ନିର୍ଯାତନା ଦେବା ଏବଂ ଏହି ଘଟଣାରେ ଉକ୍ତ ଛାତ୍ରୀ ଆତ୍ମଦାହ ଘଟଣାକୁ ନିନ୍ଦା କରିବା ସହ ଏଥିପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଧାମନଗରର ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ରମେଶଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ମେଡିକାଲ ଛକରୁ ଏକ ଶୋଭାଯାତ୍ରା ବାହାରି ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଓ ନାରାବାଜି ଦିଆଯାଇଥିଲା। ବ୍ଲକ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ପହଞ୍ଚି ଏକ ପ୍ରତିବାଦ ସଭାରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ପରେ କଂଗ୍ରେସନେତା ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଧାମନଗର ବିଡିଓଙ୍କୁ ଧାମନଗର ବ୍ଲକ କଂଗ୍ରେସ ଦଳ ତରଫରୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଦ୍ୟାଧର ଜେନା, ହୃଦାନନ୍ଦ ସେଠୀ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପ୍ରସନ୍ନ ଧଳ, କଂଗ୍ରେସ ନେତା ରମଣୀ ରଞ୍ଜନ ଦାସ, ମାନସ ମହାପାତ୍ର, ଆଲୋକ ସ୍ୱାଇଁ, ଅରବିନ୍ଦ ନାୟକ, ପ୍ରମୋଦ ନାୟକ, ରାଜେନ୍ଦ୍ର ସାହୁ, ସଂଜୟ ମିଶ୍ର, ମାନସ ରଞ୍ଜନ ସାହୁ, ପ୍ରଭାତ ପଣ୍ଡା, ମଦନ ମୋହନ ଦାସ, ହରିହର ଦେବତା, ହିମାଂଶୁ ଦାସ, ମୃତ୍ୟୁଞ୍ଜୟ ଦାସ, ଅଜିତ ପଣ୍ଡା, ରବୀନ୍ଦ୍ର ଜେନା, ତ୍ରିଲୋଚନ ରାଉତ, ସେକ ମାମା, ସେକ ଜୋନେଦ ଅହେମ୍ମଦ, ମୀର ନୁରୁଲ ଇସଲାମ, ନାରୀନେତ୍ରୀ ଜାନକୀ ଦାସଙ୍କ ସମେତ ବହୁ ସଂଗଠକ ଏବଂ ଶୁଭେଚ୍ଛୁ ଯୋଗ ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଧାମନଗର ଥାନା ଆଇଆଇସି ଗୋପାଳକୃଷ୍ଣ ଜେନାଙ୍କ ତତ୍ତ୍ୱାବଧାନରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

# କଲେଜ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ

ଭଦ୍ରକ, ୧୬।୭(ସମିସ): ଫକୀର ମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ପରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତତ୍ପର ହୋଇ ଅଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିନ ପାଇଁ ରାଜ୍ୟର ସବୁ ମହାବିଦ୍ୟାଳୟକୁ ଗତ ୧୪.୭.୨୫ ତାରିଖ ପତ୍ର ସଂଖ୍ୟା-୩୭୦୩ ମୂଳେ ଅବଗତ କରିବା ପରେ ବାରିକପୁରସ୍ଥିତ ପଞ୍ଚାୟତ ଡିଗ୍ରୀ କଲେଜ ମଧ୍ୟ ତା'ର ୬ ଜଣିଆ ଅଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିଛି। ଏହି କମିଟିର ସଭାପତି ଭାବରେ ଅଧ୍ୟକ୍ଷ ମନୋଜ କୁମାର ପାଢୀ ରହିଥିବା ବେଳେ ଭଦ୍ରକର ବରିଷ୍ଠ ଅଧିବକ୍ତା ଗଦାଧର ବଳ ସଦସ୍ୟ ଅଛନ୍ତି। ସେହିପରି ଅନ୍ୟ ସଦସ୍ୟ ଭାବରେ ସେହି କଲେଜର ଓଡ଼ିଆ ବିଭାଗ ଅଧ୍ୟାପିକା ଅନୁପମା ତ୍ରିପାଠୀ, ଇଂରାଜୀ ବିଭାଗ ଅଧ୍ୟାପକ ଗୌରାଙ୍ଗ ଚରଣ ନାଥ, କନିଷ୍ଠ କିରାଣି ହିମାଂଶୁ ସାମଲ ଓ ମମତା ନାୟକଙ୍କୁ ମନୋନୀତ କରାଯାଇଛି। ଏମାନେ ଛାତ୍ର ଛାତ୍ରୀମାନଙ୍କ ଶିକ୍ଷା ଅଧ୍ୟୟନ ବେଳେ ସମ୍ମୁଖୀନ ହେଉଥିବା ଅସୁବିଧା ଓ ସମସ୍ୟା, ସେମାନଙ୍କ ବୌଦ୍ଧିକ ବିକାଶ, କଲେଜ କ୍ୟାମ୍ପସକୁ ଉତ୍ତମ ଶିକ୍ଷାୟତନରେ ପରିଣତ କରିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏବେ ଦେଖା ଦେଇଥିବା ଆତ୍ମହତ୍ୟା ପ୍ରବଣତାକୁ ରୋକିବା ପାଇଁ କାଉନସେଲିଙ୍ଗ ଉପରେ ଗୁରୁତ୍ୱ ଦେବେ ବୋଲି ସଦସ୍ୟ ଗଦାଧର ବଳ କହିଛନ୍ତି।

# ଜୁଆ ଆଡ୍ଡାରେ ଚଢ଼ଉ; ୫ ଅଟକ



ଅସୁରାଳି, ୧୬।୭(ସମିସ): ଜୁଆ ଆଡ୍ଡାରେ ଧୂଷୁରୀ ଥାନା ପକ୍ଷରୁ ଚଢ଼ଉ କରାଯାଇ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବିଗତ ୩ ମାସ ଧରି ରହିପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଟିକା ଜୁଆଡିଙ୍କର ସ୍ୱର୍ଗ ପାଲଟିଥିଲା। ଅପରାହ୍ଣ ୪ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଜୁଆ ଖେଳ ଅବିରତ ଭାବେ ଚାଲୁ ରହୁଥିଲା। ଖବର ପାଇ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ତାଙ୍କ ଟିମ୍ ସହ ଚଢ଼ଉ କରିଥିଲେ। ୩ଟି ମଟର ସାଇକଲ, ୩ଟି ସାଇକଲ, ଗୋଟିଏ ମୋବାଇଲ୍, ପାଲି, ୩୨୧୦ ଟଙ୍କା ଜବତ କରାଯାଇଛି। ଏସଆଇ ତ୍ରିନାଥ ଭୋଇ, କନେଷ୍ଟବଳ ଆର୍ତ୍ତତ୍ରାଣ ବିଶ୍ୱାଳ, ପ୍ରଦ୍ୟୁମ୍ନ ବିଶ୍ୱାଳ, ବାବୁଲ ସୋରେନ୍, ରାଜୀବ ପହି ପ୍ରମୁଖଙ୍କ ଚଢ଼ଉ ଦଳ ଘଟଣାସ୍ଥଳରୁ ଅଭିଯୁକ୍ତ ସୁଶାନ୍ତ ପ୍ରଧାନ (୪୫), ସୁକାନ୍ତ ପ୍ରଧାନ (୪୦), ବିଜୟାନନ୍ଦ ରାଉତ (୬୩), ପ୍ରମୋଦ ରାଉତ (୫୮) ଓ ବଳରାମ ପ୍ରଧାନ (୫୧)ଙ୍କୁ ଗିରଫ କରିବା ସହ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଚାରା ବଣ୍ଟନ ଓ ବୃକ୍ଷରୋପଣ

ବଡଚଣା,୧୬।୭(ସମିସ): ଚଣ୍ଡିଖୋଲ ସନ୍ନିକଟ ଗାନ୍ଧୀ ଛକ ସ୍ଥିତ ବୀଣାପାଣି କଳାପୀଠ ପରିସରରେ ଏକ ମାଗଣା ଚାରା ବଣ୍ଟନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜ୍ୟୋତିର୍ବିତ୍ ଶିବଶଙ୍କର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦିଲ୍ଲୀ ଗୁରୁଗାଓଁର ବାସିନ୍ଦା ଶାନ୍ତନୁ ରଣା ଯୋଗଦେଇ ବୃକ୍ଷ ରୋପଣର କରିଥିଲେ। ସହିଦ୍ ଲକ୍ଷ୍ମଣ ନାୟକ ଡେଭ୍ଲପମେଣ୍ଟ ସୋସାଇଟିର ସଭାପତି ତଥା କୃଷକ ସମାଜ ସମ୍ପାଦକ ଭାସ୍କର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବି ପୁନମ ରଣା, ଓଡ଼ିଶା ବୃକ୍ଷ ବିକାଶ ଅଭିଯାନର ସଭ୍ୟା ଅଞ୍ଜୁ ମହାନ୍ତି, ପ୍ରଣତୀ ମହାନ୍ତି, ହରପ୍ରିୟା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ସୌମ୍ୟାଶ୍ରୀଙ୍କୁ ଏବିଭିପି ଭଦ୍ରକ କଲେଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୧୬।୭(ସମିସ):

ଏବିଭିପି, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଶାଖା ପକ୍ଷରୁ ଏଫଏମ କଲେଜର ଛାତ୍ରୀ ତଥା ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ସ୍ୱର୍ଗତ ସୌମ୍ୟାଶ୍ରୀ ବିଶିଙ୍କ ଉଦ୍ଦେଶ୍ୟରେ କଲେଜ ପରିସରରୁ ଏକ ବିଶାଳ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା ବାହାରି ସହର ମଧ୍ୟରେ ଥିବା ଟାଉନ ହଲ ପରିସରରେ ଶେଷ ହୋଇଥିଲା। ସେଠାରେ ସୋମ୍ୟାଶ୍ରୀଙ୍କ ଫଟୋଚିତ୍ର ଆଗରେ ଛାତ୍ରଛାତ୍ରୀମାନେ ଦୀପ ପ୍ରଜ୍ୱଳନ କରି ୨ମିନିଟ ନିରବ ପ୍ରାର୍ଥନା କରିଥିଲେ। ଏହି ଅଭାବନୀୟ ଘଟଣାରେ ସମସ୍ତ ଅଭିଯୁକ୍ତଙ୍କ ତୁରନ୍ତ ଗିରଫ କରିବା ପାଇଁ ଏବିଭିପି ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖାଯାଇଛି। ଏତତ୍ ବ୍ୟତୀତ ଏଫଏମ କଲେଜର ଗଠିତ ଥିବା ଆଇସିସି କମିଟିର ସମସ୍ତ ସଦସ୍ୟଙ୍କୁ ତଦନ୍ତର ପରିସରଭୁକ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ରାଜ୍ୟର ଥିବା ଅନ୍ୟାନ୍ୟ କଲେଜର ଆଇସିସି କମିଟିକୁ ତର୍ଜମା ରାଜ୍ୟ ସରକାର କରନ୍ତୁ ବୋଲି ଏବିଭିପିର ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ପ୍ରକାଶ କରିଛନ୍ତି। ଏହି ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରାରେ ଭଦ୍ରକ କଲେଜର ଛାତ୍ରନେତା ତଥା ଏବିଭିପିର ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ରୁଦ୍ରପ୍ରତାପ ଆଚାର୍ଯ୍ୟ, ପ୍ରତିମା ପଣ୍ଡା, ତ୍ରିଲୋଚନ ବାରିକ, ତନୁଶ୍ରୀ ବେହେରା, ଶୁଭମ ପାଢ଼ୀ, ଦେବାଶିଷ ପାଣିଗ୍ରାହୀ, ଶୁଭଶ୍ରୀ ଦେବର୍ଚ୍ଚନା, ସାହିଲ୍ ବେହେରା, ମନୋରଞ୍ଜନ ନାୟକ, ସାହିଲ ସମାନି, ମିତାଲି ଦାସ, ଦୁର୍ଗାଶଙ୍କର ଜେନା, ମୁକେଶ ବାରିକ, ଦେବୀ ପ୍ରସାଦ ଦାଶ, ରବି ରେଡ୍ଡୀ, ଗୌତମୀ ପାଢ଼ୀ, ଦିବ୍ୟ କାନୁନଗୋ, ରଞ୍ଜୁଲତା ପୁଟିଆ, ସୁମିତ୍ରା ସେଠୀ, ସିଦ୍ଧାର୍ଥ ଶଙ୍କର ମହାନ୍ତିଙ୍କ ସମେତ ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲାର ବିଭିନ୍ନ କଲେଜରେ ଶୋକସଭା, ଦୀପ ପ୍ରଜ୍ୱଳନ ଆଦି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଜିଲ୍ଲା ସହପ୍ରମୁଖ ଜ୍ୟୋତି ପ୍ରକାଶ ସାହୁ କହିଛନ୍ତି।




# ଓଡ଼ିଶା ବନ୍ଦ ପାଇଁ ସହରରେ ମିଳିତ ଶୋଭାଯାତ୍ରା

ଭଦ୍ରକ, ୧୬।୭(ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ ଅଭିଯୁକ୍ତ ଅଧ୍ୟାପକଙ୍କୁ ଗିରଫ, ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଇସ୍ତଫା ଏବଂ ଏହି ଘଟଣାର ନ୍ୟାୟିକ ତଦନ୍ତ ଦାବି କରି ମିଳିତ ବାମପନ୍ଥୀ ଦଳ ଓ ଜାତୀୟ କଂଗ୍ରେସ ପକ୍ଷରୁ ଗୁରୁବାର ବନ୍ଦ ଡକରା ଦିଆଯାଇଥିବା ପରିପ୍ରେକ୍ଷୀରେ ବୁଧବାର ସନ୍ଧ୍ୟାରେ ଏକ ମିଳିତ ପଟୁଆର ଭଦ୍ରକ ବନ୍ତ ଛକଠାରୁ ବାହାରି ଭଦ୍ରକ ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଜାତୀୟ କଂଗ୍ରେସ ଜିଲ୍ଲା ସଂଯୋଜକ ଅସିତ୍ ପଟ୍ଟନାୟକ, ପ୍ରାକ୍ତନ ବ୍ଲକ ସଭାପତି ଆଇନଜୀବୀ ପ୍ରଫୁଲ୍ଲ ସାମଲ, ଯୁବକଂଗ୍ରେସ ନେତା ନଳିନୀକାନ୍ତ ମହାନ୍ତି, ଦଳିତ ନେତା ରାଜେନ୍ଦ୍ର ଦାସ, ସିପିଆଇ(ଏମ) ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ନାରୀନେତ୍ରୀ ସୁରଜିତା ନାୟକ, ସିପିଆଇ ଜିଲ୍ଲା ସଂପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ସିପିଆଇଏମଏଲ ଲିବରେସନ ଜିଲ୍ଲା ସଂପାଦକ ସମର ବଳ, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ରାଧାନାଥ ଦାସ, ଗିରିଧାରୀ ନାଥ, ଶ୍ରମିକନେତା ରମେଶ ଜେନା, ଯୁବନେତା ପ୍ରକାଶଜ୍ୟୋତି ମହାକୁଡ, ହାକିମ ଦାସ, ଚାଷୀନେତା ବିମ୍ବାଧର ବାରିକ୍, ସେକ୍ ସନାଉଲ୍ଲା, ଯୁବ ନେତା ବିନୋଦ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।







ସକାଳ
THE SAKALA
www.sakalaepaper.com

# ପୁରୁଣା ଅସ୍ତ୍ରରେ ଆଧୁନିକ ଯୁଦ୍ଧ ଜିତିବା ଅସମ୍ଭବ: ସିଡିଏସ୍



ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ୍ ବୁଧବାର ଯୁଦ୍ଧ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ପୁରୁଣା ଅସ୍ତ୍ରରେ ଆଧୁନିକ ଯୁଦ୍ଧରେ ବିଜୟ ଲାଭକରି ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିଦେଶରୁ ଆଣାଯାଉଥିବା ଟେକ୍ନୋଲୋଜି ଉପରେ ନିର୍ଭର କରିବାର ଅର୍ଥ ଯୁଦ୍ଧ ପାଇଁ ପ୍ରସ୍ତୁତିକୁ ଦୁର୍ବଳ କରିବା। ଏହି ପ୍ରକ୍ରିୟା ହିଁ ଆମକୁ ଦୁର୍ବଳ କରୁଛି। ଅପରେସନ୍ ସିନ୍ଦୂର ଅବସରରେ ସ୍ୱଦେଶୀ ସି- ୟୁଏଏସ୍ (କାଉଣ୍ଟର- ଅନମ୍ୟାନ୍ଡ ଏରିଆଲ ସିଷ୍ଟମ) ଅର୍ଥାତ ଆଣ୍ଟି ଡ୍ରୋନ ସିଷ୍ଟମ ଆମ ପାଇଁ କାହିଁକି ଜରୁରୀ ଥିଲା ତାହା ସ୍ପଷ୍ଟ ହୋଇଛି। ଦିଲ୍ଲୀର ମାନିକସା ସେଣ୍ଟରରେ ୟୁଏଭି (ଅନମ୍ୟାନ୍ଡ ଏରିଆଲ ଭେଇକଲ) ଓ ସି- ୟୁଏଏସ୍ (କାଉଣ୍ଟର- ଅନମ୍ୟାନ୍ଡ ଏରିଆଲ ସିଷ୍ଟମ) ପ୍ରଦର୍ଶନୀରେ ଯୋଗ ଦେଇ ସିଡିଏସ୍ ଏହି କଥା କହିଛନ୍ତି।

ନିଜର ସୁରକ୍ଷା ପାଇଁ ଆମକୁ ନିବେଶ କରିବାକୁ ହେବ ବୋଲି ସେ କହିଛନ୍ତି। ଅପରେସନ୍ ସିନ୍ଦୂରରେ ପାକିସ୍ତାନ ଅନଆର୍ମଡ୍ ଡ୍ରୋନ ବ୍ୟବହାର କରିଥିଲା। ପାକିସ୍ତାନର ଅଧିକାଂଶ ଡ୍ରୋନକୁ ଆମେ ମାରି ଖସାଇବାରେ ସଫଳ ହୋଇଥିଲୁ। ଫଳରେ ଆମର କୌଣସ ସାମରିକ ତଥା ନାଗରିକ ଭିତ୍ତିଭୂମିର କ୍ଷତି ହୋଇ ନଥିଲା। ଆଧୁନିକ ଯୁଦ୍ଧରେ ଡ୍ରୋନର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧିପାଇଛି ଓ ଏହା କ୍ରାନ୍ତିକାରୀ ସାବ୍ୟସ୍ତ ହୋଇଛି। ଭାରତୀୟ ସେନାବାହିନୀ ମଧ୍ୟ ବୈପ୍ଳବିକ ଢ଼ଙ୍ଗରେ ଡ୍ରୋନ ବ୍ୟବହାର କରିଥିଲା। ବିଦେଶୀ ଟେକ୍ନୋଲୋଜି ଉପରେ ଆମେ ନିର୍ଭରଶୀଳ ରହିବା ଉଚିତ ନୁହଁ। ବିଦେଶ ଉପରେ ନିର୍ଭର କଲେ ଆମର ପ୍ରସ୍ତୁତି ଦୁର୍ବଳ ହେବ। ତେଣୁ ବ୍ୟାପକ ଭାବେ ଆମକୁ ଏ ନେଇ ନିବେଶ କରିବାକୁ ହେବ ବୋଲି ସେ କହିଛନ୍ତି। ଅପରେସନ ସିନ୍ଦୂରରେ ପାକିସ୍ତାନର ଯୋଜନା ମାତ୍ର ୮ ଘଣ୍ଟାରେ ଫେଲ୍ ମାରିଥିଲା ବୋଲି ସେ ଜୁନ୍ ୩ରେ କହିଥିଲେ। ମେ ୧୦ରେ ପାକିସ୍ତାନରେ ଭାରତକୁ ୪୮ ଘଣ୍ଟାରେ ପରାସ୍ତ କରିବାକୁ ଯୋଜନା କରିଥିଲା। କିନ୍ତୁ ତା'ର ଯୋଜନା ମାତ୍ର ୮ ଘଣ୍ଟାରେ ହିଁ ଫେଲ୍ ମାରିଥିଲା ବୋଲି ସେ କହିଥିଲେ। ଉଲ୍ଲେଖଥାଉ କି, ମେ ୭ରେ ଭାରତ ଅପରେସନ ସିନ୍ଦୂର ଦ୍ୱାରା ପାକିସ୍ତାନର ୯ଟି ଆତଙ୍କବାଦୀ ଠିକଣା ଉପରେ ମିସାଇଲ୍ ମାଡ କରିଥିଲା ଓ ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ଭାରତୀୟ ସେନା ତରଫରୁ କୁହାଯାଇଥିଲା। ତେବେ ୪ ଦିନପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସନ୍ଧ୍ୟା ୫.୩୦ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା କରିଥିଲେ।

## ଜମ୍ମୁ-କଶ୍ମୀରକୁ ରାଜ୍ୟ ମର୍ଯ୍ୟାଦା ମିଳୁ: ରାହୁଲ



ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଜମ୍ମୁ-କଶ୍ମୀରକୁ ରାଜ୍ୟ ପାହ୍ୟାର ମର୍ଯ୍ୟାଦା ମିଳୁ ବୋଲି ଲୋକସଭାର ବିପକ୍ଷ ନେତା ରାହୁଲ ଗାନ୍ଧୀ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ଚିଠି ଲେଖି ଏ ନେଇ ଅବଗତ କରାଇଛନ୍ତି। ସଂସଦର ଆଗାମୀ ମୌସୁମୀ ଅଧିବେଶନରେ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ଭାବେ ମାନ୍ୟତା ଦେବା ପାଇଁ ବିଲ୍ ଆଣିବାକୁ ସେ କହିଛନ୍ତି। ଏ ସଂକ୍ରାନ୍ତରେ ରାହୁଲ ମୋଦୀ ଦୁଇଟି ପୁରୁଣା ମନ୍ତବ୍ୟକୁ ମନେ ପକାଇଛନ୍ତି। ୨୦୨୪ ମେ ୧୯ରେ ଭୁବନେଶ୍ୱରରେ ଓ ୨୦୨୪ ସେପ୍ଟେମ୍ବର ୧୯ରେ ଶ୍ରୀନଗର ରାଲିରେ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମର୍ଯ୍ୟାଦା ଦେବାକୁ ନିଜ ଭାଷଣରେ କହିଥିଲେ। ପୁଣି ଲାଦାଖକୁ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ସାମିଲ କରିବାକୁ ସେ ଅନୁରୋଧ କରିଛନ୍ତି। ଉଲ୍ଲେଖଥାଉ କି, ୨୦୧୯ ୩୭୦ ଧାରା ଓ ୩୫ଏକୁ ହଟାଇବା ପରେ ଜମ୍ମୁ-କଶ୍ମୀର ଓ ଲାଦାଖକୁ କେନ୍ଦ୍ରଶାସିତ ପ୍ରଦେଶରେ ରୂପାନ୍ତରିତ କରାଯାଇଥିଲା। ସେତେବେଳେ ସ୍ଥିତି ସାମାନ୍ୟ ହେବା ପରେ ପୂର୍ଣ୍ଣ ରାଜ୍ୟର ମର୍ଯ୍ୟାଦା ଦେବାକୁ ସରକାର କଥା ଦେଇଥିଲେ। ଉଲ୍ଲେଖଥାଉ କି, ୩୭୦ ଧାରା ହଟାଇବା ପରେ ୨୦୨୪ରେ ରାଜ୍ୟରେ ପ୍ରଥମ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମୋଟ ୯୦ଟି ଆସନରୁ ନ୍ୟାସନାଲ କନ୍‌ଫରେନ୍ସ ୪୨ ସିଟ୍ ଜିତି ସବୁଠାରୁ ବଡ଼ ପାର୍ଟି ଭାବେ ଉଭା ହୋଇଥିଲା। ସହଯୋଗୀ କଂଗ୍ରେସକୁ ୬ ଓ ସିପିଆଇ(ଏମ୍) ଗୋଟିଏ ଆସନ ଜିତିଥିଲା। ସେହିପରି ବିଜେପି ୨୯ଟି ସିଟ୍ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲା। ୨୦୧୪ ନିର୍ବାଚନରେ ସବୁଠାରୁ ବଡ଼ ପାର୍ଟି ଭାବେ ବିଜୟ ଲାଭ କରିଥିବା ପିଡିପି ୩ଟି ସିଟ୍ ଜିତିଥିଲା।

## ରାଜସ୍ଥାନରେ ପ୍ରବଳ ବର୍ଷା: ୨ ଦିନରେ ୧୮ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଗତ ଦୁଇଦିନ ମଧ୍ୟରେ ରାଜସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି। ବର୍ଷା ଜନିତ ଘଟଣାରେ ଗତ ଦୁଇଦିନ ମଧ୍ୟରେ ୧୮ ଜଣ ଲୋକ ପ୍ରାଣ ହରାଇଛନ୍ତି। ଜୟପୁର, ଚୁରୁ, ବିକାନେର, ଶ୍ରୀଗଙ୍ଗାନଗର, ହନୁମାନଗଡ଼ ଜିଲ୍ଲାର କେତୋଟି ତଳିଆ ଅଞ୍ଚଳରେ ୪ରୁ ୫ ଫୁଟ ପର୍ଯ୍ୟନ୍ତ ପାଣି ଠିଆ ହୋଇ ରହିଛି। ସେହିପରି ବିହାର, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ପ୍ରବଳ ବର୍ଷା ଜାରି ରହିଛି। ହିମାଚଳର ୨୦୦ ଓ ଉତ୍ତରାଖଣ୍ଡର ୫୮ଟି ସଡକ ଭୂସ୍ଖଳନ କାରଣରୁ ବନ୍ଦ ରହିଛି।

## ଗାଜା ଫୁଡ୍ ସେଣ୍ଟରରେ ଦଳାଚକଟା; ୪୩ ମୃତ




ଗାଜା, ୧୬।୭(ଏଜେନ୍ସି): ଗାଜାରେ ପୁଣି ଏକ ଅଘଟଣ ଘଟିଛି। ବୁଧବାର ଖାନ ୟୁନିସ୍‌ଠାରେ ଏକ ଖାଦ୍ୟ ବଣ୍ଟନ କେନ୍ଦ୍ରରେ ହୋଇଥିବା ଦଳାଚକଟାରେ ୪୩ଜଣ ମୃତ୍ୟୁବରଣ କରିଛନ୍ତି। ୨୧ ଜଣ ବ୍ୟକ୍ତି ଖାଦ୍ୟ ନେବାକୁ ପ୍ରୟାସ କରୁଥିବା ବେଳେ ପ୍ରାଣ ହରାଇଛନ୍ତି। ସେହିପରି ଅନ୍ୟ ୧୫ ଜଣ ଦଳାଚକଟାରେ ଜୀବନ ହାରିଛନ୍ତି। ଗାଜାର ହ୍ୟୁମାନଟାରିଆନ ଫାଉଣ୍ଡେସନ (ଜିଏଚ୍ଏଫ୍)ରେ ଏହି ଅଘଟଣ ଘଟିଛି ବୋଲି ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ଜାଣିଶୁଣି ଇସ୍ରାଏଲ ଓ ଆମେରିକା ଭୋଭିଲା ଲୋକଙ୍କ ନରସଂହାର କରୁଛି ବୋଲି ମନ୍ତ୍ରଣାଳୟ ଅଭିଯୋଗ ଆଣିଛି। ଏହି ଘଟଣାରେ ହମାସ ସହିତ ଜଡିତ ଲୋକମାନେ ମଧ୍ୟ ହିଂସା ସୃଷ୍ଟି କରିଥିଲେ ବୋଲି ଅଭିଯୋଗ କରାଯାଇଛି। ପୂର୍ବରୁ ଜିଏଚ୍ଏଫ୍‌କୁ ଏକ ମୃତ୍ୟୁ ଜନ୍ତା ବୋଲି ଜାତିସଂଘ ତରଫରୁ କୁହାଯାଉଛି। ଏହି ଫୁଡ୍ ସେଣ୍ଟର ଓ ଏହାର ଆଖାପାଖ ଅଞ୍ଚଳରେ ୮୭୦ଜଣ ପାଲେଷ୍ଟାଇନ୍ ନାଗରିକ ପ୍ରାଣ ହରାଇଛନ୍ତି।

### ଲଦାଖରେ ଖାଇକୁ ଖସିଲା ମିନି ବସ୍

## ୨ ମୃତ, ୮ ଗୁରୁତର ଆହତ

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଲଦାଖର କାରିଗିଲ ଜିଲ୍ଲାର ଗୁମରିରେ ବୁଧବାର ସାକାଳେ ଏକ ମିନି ବସ ଖାଇକୁ ଖସି ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଫଳରେ ୨ଜଣ ଯାତ୍ରୀ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଛନ୍ତି ଓ ୮ଜଣ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ୬ଜଣ ସାମନ୍ୟ ରୂପେ ଆହତ ହୋଇଛନ୍ତି। ତେବେ ବସ୍ ଡ୍ରାଇଭର ସୁରକ୍ଷତି ଭାବେ ବର୍ତ୍ତି ଯାଇଛନ୍ତି। ଏହି ମିନି ବସରେ ୧୭ ଜଣ ଦ୍ରାସ ସେକ୍ଟରକୁ ଯାତ୍ରା କରୁଥିଲେ। କିନ୍ତୁ ଅଚାନକ ବସ୍ ରାସ୍ତରେ ନିୟନ୍ତ୍ରଣ ହରାଇ ଖାଇକୁ ଖସିପଡ଼ିଥିଲା। ଦୁର୍ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳେ ପହଞ୍ଚି ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ଏହି ଘଟଣାର ଯାଞ୍ଚ ଆରମ୍ଭ କରାଯାଇଛି। ଦୁର୍ଘଟଣା କାରଣ ସମ୍ପର୍କରେ ଜାଣିବାକୁ ପ୍ରୟାସ କରାଯାଉଛି ବୋଲି ଅଧିକାରୀମାନେ କହିଛନ୍ତି। ଉଲ୍ଲେଖଥାଉ ଗତ ୪ ମାସରେ ଲଦାଖରେ ୪ଟି ଦୁର୍ଘଟଣାରେ ମୋଟ ୧୪ ଜଣ ପ୍ରାଣ ହରାଇଛନ୍ତି। ଗତ ମଙ୍ଗଳବରେ ଡୋଡାରେ ବସ୍ ଖସିବା ଫଳରେ ୫ ଜଣ ମୃତ୍ୟୁବରଣ କରିଥିଲେ।

## ଆମେରିକାରେ ଚୋରି କରି ଧରାପଡ଼ିଲେ ଭାରତୀୟ ମହିଳା



ୱାସିଂଟନ, ୧୬।୭ (ଏଜେନ୍ସି): ଆମେରିକାର ଇଲିନୋଇସ୍‌ର ଏକ ସୁପର ମାର୍କେଟ୍‌ରେ ଚୋରି କରିବା ଅଭିଯୋଗରେ ଜଣେ ଭାରତୀୟ ମହିଳା ଧରାପଡ଼ିଛନ୍ତି। ସେ ସୁପରମାର୍କେଟର ଟାର୍ଗେଟ ଷ୍ଟୋରରେ ଲକ୍ଷେ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଜିନିଷ ଚୋରି କରିଥିବାର ଅଭିଯୋଗ ହୋଇଛି। ମହିଳା ଜଣକ ସୁପରମାର୍କେଟ୍‌ରେ ୭ ଘଣ୍ଟା ବିତାଇବା ପରେ ଓ ପଇସା ନ ଦେଇ ଜିନିଷଗୁଡ଼ିକୁ ବାହାରକୁ ନେବାକୁ ଚେଷ୍ଟା କରିବା ବେଳେ ଧରା ପଡ଼ିଥିଲେ। ୨୦୨୫ ମେ ୧ରେ ଏହି ଘଟଣା ଘଟିଥିଲା। ଏବେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଏହି ମହିଳାଙ୍କ ନାମ ହେଉଛି ଅନୟା ଅବଲାନୀ। ତାଙ୍କ ଅଚରଣକୁ ନେଇ ଷ୍ଟୋର କର୍ମଚାରୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଏହାପରେ ପୁଲିସକୁ ଡାକାଯାଇଥିଲା। ଧରା ପଡ଼ିବା ପରେ ମହିଳା ଜଣକ କ୍ଷମା ମାଗିବା ସହ ପଇସା ଦେବାକୁ ରାଜି ହୋଇଥିଲେ। ବିଲ୍ ଯାଞ୍ଚ୍ କରିବା ପରେ ମହିଳା ପେମେଣ୍ଟ କରି ନଥିବା ଜଣାପଡ଼ିଥିଲା। ଏହାପରେ ହାତକଡ଼ି ପକାଇ ତାଙ୍କୁ ଥାନକୁ ଆଣାଯାଇଥିଲା। ମହିଳାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। କିନ୍ତୁ ଔପଚାରିକ ଭାବେ ତାଙ୍କୁ ଗିରଫ କରାଯାଇନାହିଁ। କିନ୍ତୁ ଖୁବ୍‌ଶୀଘ୍ର ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯିବ ବୋଲି କୁହାଯାଇଛି।

## ନବଜାତ ଶିଶୁକୁ ବସ୍‌ରୁ ଫୋପାଡ଼ି ମାରିଲେ ଦମ୍ପତି

ମୁମ୍ବଇ, ୧୬।୭(ଏଜେନ୍ସି): ଚଳନ୍ତା ବସ୍‌ରେ ଏକ ଶିଶୁକୁ ଜନ୍ମଦେବା ପରେ ତାକୁ ଫୋପାଡି ମାରିବା ଭଳି ଘଟଣା ସାମ୍ନାକୁ ଆସିଛି। ଶିଶୁକୁ ଜନ୍ମଦେବା ପରେ ମହିଳା ଓ ତାଙ୍କ ସାଥିରେ ଥିବା ବ୍ୟକ୍ତି ଜଣକ ବସର ଝରକାରୁ ଫୋପାଡି ଦେଇଛନ୍ତି। ଫଳରେ ଶିଶୁଟି ମୃତ୍ୟୁବରଣ କରିଛି। ଏହି ଘଟଣା ମହାରାଷ୍ଟ୍ରର ପରଭଣୀର ପଥରୀ-ସେଲୁ ରୋଡ୍‌ରେ ମଙ୍ଗଳବାର ସକାଳ ୬.୩୦ରେ ଘଟିଛି। ଏହି ମହିଳା ଜଣକ ହେଉଛନ୍ତି ୧୯ ବର୍ଷୀୟା ରତିକା ଢେର। ସେ ଅଲତାଫ ଶେଖଙ୍କ ସହ ଯାତ୍ରା କରୁଥିଲେ। ଶେଖ ମହିଳା ସ୍ୱାମୀ ବୋଲି ପରିଚୟ ଦେଇଛି। ଯାତ୍ରା ଅବସରରେ ରତିକା ପ୍ରସବ ଜନିତ ଯନ୍ତ୍ରଣା ଅନୁଭବ କରିଥିଲେ। ରତିକା ବସ୍‌ରେ ହିଁ ପିଲାକୁ ଜନ୍ମ ଦେଇଥିଲେ। ଏହାପରେ ପିଲାକୁ କପଡ଼ାରେ ଗୁଡାଇ ଦୁହେଁ ବାହାରକୁ ଫୋପାଡି ଦେଇଥିଲେ। ଦୁହେଁ ଏହି ପିଲାର ଲାଳନପାଳନ କରିବାକୁ ଅକ୍ଷମ ଓ ଏଥିପାଇଁ ଏହି ଚରମ ପଦକ୍ଷେପ ନେଇଛନ୍ତି ବୋଲି କହିଛନ୍ତି। ବାହାରକୁ କିଛି ଫୋପାଡିବାରେ ଦେଖାଯିବା ପରେ ଡ୍ରାଇଭର ଦୁହିଁଙ୍କୁ ପ୍ରଶ୍ନ କରିଥିଲେ। ମୋର ବାନ୍ତି ହେଉଛି ବୋଲି ରତିକା ତାଙ୍କୁ କହିଥିଲା। କିନ୍ତୁ ମଝି ରାସ୍ତାରେ ଶିଶୁକୁ ପଡ଼ିଥିବା ଦେଖି ଜଣେ ବ୍ୟକ୍ତି ପୁଲିସ୍‌କୁ ଫୋନ୍ କରିଥିଲେ। ପ୍ରାରମ୍ଭିକ ଯାଞ୍ଚ୍ ପରେ ରତିକା ଓ ଶେଖଙ୍କୁ ପୁଲିସ ଗିରଫ କରିଛି।

## ସିରିଆ ଉପରେ ଇସ୍ରାଏଲ୍‌ର ଆକ୍ରମଣ



ଦାମାସକସ, ୧୬।୭(ଏଜେନ୍ସି): ଇସ୍ରାଏଲ୍ ଆଉ ଏକ ମଧ୍ୟପ୍ରାଚ୍ୟ ଦେଶ ଉପରେ ଆକ୍ରମଣ କରିଛି। ଇସ୍ରାଏଲ୍ ପଡୋସୀ ଦେଶ ସିରିଆର ଉପରେ ବଡ଼ଧରଣର ଏୟାର ଷ୍ଟ୍ରାଇକ୍ କରିଛି। ରାଜଧାନୀ ଦାମାସକାସରେ ରାଷ୍ଟ୍ରପତି ଭବନ ନିକଟସ୍ଥ ସିରିଆ ସେନା ମୁଖ୍ୟାଳୟ ଓ ପ୍ରତିରକ୍ଷା ମନ୍ତ୍ରାଳୟ ଉପରେ ଆକଶମାର୍ଗରୁ ଆକ୍ରମଣ କରିଛି। ଏ ନେଇ ଇସ୍ରାଏଲ ଡିଫେନ୍ସ ଫୋର୍ସ ତରଫରୁ ସୂଚନା ଦିଆଯାଇଛି। ଦକ୍ଷିଣ ସିରିଆର ଦ୍ରୁଜ ନାଗରିକଙ୍କ ଉପରେ ସିରିଆ ସରକାରଙ୍କ ଦାମନମୂଳକ ନୀତିକୁ ବିରୋଧ କରି ଇସ୍ରାଏଲ ଏହି ଆକ୍ରମଣ କରିଛି ବୋଲି କୁହାଯାଇଛି। ସିରିଆରେ ଦ୍ରୁଜ ହେଉଛନ୍ତ ଏକ ଧାର୍ମିକ ଅଳ୍ପସଂଖ୍ୟକ ସମୁଦାୟ। ବିଶ୍ୱରେ ପାଖାପାଖି ୧୦ ଲକ୍ଷ ଡ୍ରୁଜ୍ ରହୁଛନ୍ତି ଓ ଏମାନଙ୍କ ମଧ୍ୟରୁ ଅଧା ସିରିଆରେ ହିଁ ରହୁଛନ୍ତି। ଲେବାନନ ଓ ଇସ୍ରାଏଲ୍ ମଧ୍ୟରେ ବହୁ ସଂଖ୍ୟାରେ ଡ୍ରୁଜ ରହୁଛନ୍ତି। ଲାଇଭ୍ ଟିଭି ଶୋରେ ଇସ୍ରାଏଲ୍‌ର ବୋମା ମାଡ଼ର ଦୃଶ୍ୟ ଦେଖିବାକୁ ମିଳିଛି। ଚଳିତ ସପ୍ତାହରେ ହିଁ ଡ୍ରୁଜ ଯୋଦ୍ଧାଙ୍କ କବ୍‌ଜାର ରହିଥିବ ସହର ସ୍ୱେଦାରେ ସିରିଆ ତାଙ୍କର ସୈନ୍ୟଙ୍କୁ ନିୟୋଜିତ କରିବା ପରେ ଏହି ସଂଘର୍ଷ ଆରମ୍ଭ ହୋଇଥିଲା। ଏହି ଆକ୍ରମଣରେ ଜଣେ ବ୍ୟକ୍ତି ମୃତ୍ୟୁ ବରଣ କରିଥିବା ବେଳେ ୩୪ ଜଣ ଆହତ ହୋଇଛନ୍ତି।

## ନ୍ୟାୟାଳୟଗୁଡ଼ିକରେ ଟଏଲେଟ୍ ଅଭାବ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଦେଶରେ ନ୍ୟାୟାଳୟଗୁଡ଼ିକରେ ଟଏଲେଟ ଭଳି ମୌଳିକ ସୁବିଧାସୁଯୋଗର ଅଭାବ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହେବା ସହ ଆଭିମୁଖ୍ୟ କଡ଼ା କରିଛନ୍ତି। ଦେଶରୁ ୨୫ରୁ ୨୦ଟି ହାଇକୋର୍ଟ ଏପର୍ଯ୍ୟନ୍ତ ଟଏଲେଟ୍‌ର ସୁବିଧା ନେଇ କି ପଦକ୍ଷେପ ନେଇଛନ୍ତି, ସେନେଇ କିଛି କହିନାହାନ୍ତି। ୨୦୨୫ ଜାନୁଆରୀ ପହିଲାରେ ଏ ନେଇ ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ ସବୁ ହାଇକୋର୍ଟ, ରାଜ୍ୟ ସରକାର ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ନ୍ୟାୟଳୟରେ ପୁରୁଷ, ମହିଳା, ଦିବ୍ୟାଙ୍ଗ ଓ ଟ୍ରାନ୍ସ ଜେଣ୍ଡରଙ୍କ ପାଇଁ ଭିନ୍ନ ଭିନ୍ନ ଟଏଲେଟ୍‌ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବିଧାନର ଦାରା ୨୧ ଅନୁସାରେ ସମସ୍ତଙ୍କୁ ସ୍ୱଚ୍ଛତାର ସବୁପ୍ରକାର ମୌଳିକ ଅଧିକାର ମିଳିବା ଉଚିତ ବୋଲି କୁହାଯାଇଛି। ବିଚାରପତି ଜେବି ପାରଦିବାଲା ଓ ମହାଦେବନ ବୁଧବାର ସବୁ ହାଇକୋର୍ଟକୁ ଆଗମୀ ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏଥର ରିପୋର୍ଟ ନ ଦିଆଯାଏ, ତେବେ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ନିଜେ ସୁପ୍ରିମକୋର୍ଟରେ ହାଜର ହେବାକୁ ପଡ଼ିବ ବୋଲି କୁହାଯାଇଛି। ଏ ନେଇ ୫ଟି ହାଇକୋର୍ଟ ଯଥା ଝାଡଖଣ୍ଡ, ମଧ୍ୟପ୍ରଦେଶ, କୋଲକାତା, ଦିଲ୍ଲୀ ଓ ପାଟନା ସେମାନଙ୍କ ରିପୋର୍ଟ ଦେଇଛନ୍ତି। ତେବେ ବାକି ୨୦ଟି ହାଇକୋର୍ଟ ରିପୋର୍ଟ ଦେଇନାହାନ୍ତି।

## ଉତ୍ତରାଖଣ୍ଡର ସରକାରୀ ବିଦ୍ୟାଳୟରେ ଗୀତା ଶ୍ଳୋକ ଆବୃତ୍ତି କରାଯିବ

ଡେରାଡୁନ, ୧୬।୭(ଏଜେନ୍ସି): ଉତ୍ତରାଖଣ୍ଡର ସରକାରୀ ସ୍କୁଲଗୁଡ଼ିକରେ ଶ୍ରୀମଦ୍ ଭାଗବତ ଗୀତାରଶ୍ଳୋକଆବୃତ୍ତିକରାଯିବ।ଏନେଇସରକାରନିର୍ଦ୍ଦେଶଦେଇଛନ୍ତି।ବିଦ୍ୟାଳୟଗୁଡ଼ିକର ପ୍ରାର୍ଥନା ସଭାରେ ଗୀତାର ଗୋଟିଏ ଶ୍ଳୋକ ଉଚ୍ଚାରଣ କରାଯିବ ବୋଲି ମାଧ୍ୟମିକ ଶିକ୍ଷାର ନିର୍ଦ୍ଦେଶକ ମୁକୁଲ କୁମାର ସତି ସବୁ ମୁଖ୍ୟ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଦିନ ଉଚ୍ଚାରଣ କରାଯାଉଥିବା ଶ୍ଳୋକଗୁଡ଼ିକର ଅର୍ଥ ଓ ବୈଜ୍ଞାନିକ ପ୍ରାସଙ୍ଗିକତା ଛାତ୍ରମାନଙ୍କୁ ବୁଝାଇବାକୁ କୁହାଯାଇଛି। ଆଧୁନିକ ଶିକ୍ଷା ସହ ପାରମ୍ପରିକ ଭାରତୀୟଜ୍ଞାନ ଶୃଙ୍ଖଳାର ମିଶ୍ରଣ କରାଯିବା ସହ ଛାତ୍ରଛାତ୍ରୀଙ୍କ ଉତ୍ତମ ଚରିତ୍ର ଗଠନ ଉପର ଧ୍ୟାନ ଦେବାକୁ କୁହାଯାଇଛି।

## ଅଳ୍ପକେ ବର୍ତ୍ତିଲେ ୧୭୩ ଯାତ୍ରୀ

# ରନ୍‌ୱେ ଛୁଇଁ ପୁଣି ଉଡ଼ିଲା ବିମାନ

ପାଟନା, ୧୬।୭(ଏଜେନ୍ସି): ପାଟନା ବିମାନବନ୍ଦରରେ ଏକ ଇଣ୍ଡିଗୋ ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ଦିଲ୍ଲୀରୁ ଆସୁଥିବା ଇଣ୍ଡିଗୋ ବିମାନ (୬ଇ-୨୪୮୨) ଅବତରଣ କରିବା ପରେ ଟର୍ଚ୍ଚିଂ ପଏଣ୍ଟକୁ ଛୁଇଁ ପାରି ନଥିଲା। ଫଳରେ ବିମାନଟି ଆଗକୁ ମାଡିଯାଇଥିଲା। ସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କରି ପାଇଲଟ୍ ତୁରନ୍ତ ବିମାନର ଟେକ୍‌ଅଫ୍ କରାଯାଇଥିଲେ। ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଓ ବିଚକ୍ଷଣତା ଯୋଗୁଁ ବିମାନଟି ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା ବୋଲି କୁହାଯାଉଛି। ଏହି ବିମାନରେ ୧୭୩ ଜଣ ଯାତ୍ରୀ ଥିଲେ ଓ ଏମାନଙ୍କ ଜୀବନ ବଞ୍ଚିଯାଇଛି ବୋଲି କୁହାଯାଉଛି। ସବୁ ଯାତ୍ରୀ ସୁରକ୍ଷିତ ରହିଛନ୍ତି। ଏୟାରପୋର୍ଟ ପ୍ରଶାସନ ଏହି ମାମଲାର ଯାଞ୍ଚ ଆରମ୍ଭ କରିଛି। ବୁଧବାର ସକାଳ ୯ଟାରେ ଏହି ବିମାନ ଦିଲ୍ଲୀ ପାଟନା ଆସିଥିଲା। ବିମାନ ଦ୍ୱିତୀୟଥର ପାଇଁ ଟେକ୍‌ଅଫ୍ କରିବା ପରେ ଆକାଶରେ ୪ଥର ରାଉଣ୍ଡ ମାରିଥିଲା। ୫ ମିନିଟ୍ ପର୍ଯ୍ୟନ୍ତ ଯାତ୍ରୀମାନେ କ'ଣ ଘଟୁଛି କିଛି ବୁଝିବାକୁ ସକ୍ଷମ ହୋଇ ନଥିଲେ। ଫଳରେ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। ରନୱେ ଛୋଟ ଥିବାରୁ ବିମାନକୁ ଠିକ ସମୟରେ ରୋକି ପାରିବେ ନାହିଁ ବୋଲି ପାଇଲଟଙ୍କ ହୃଦୟଙ୍ଗମ ହୋଇଥିଲା। ଏଥିପାଇଁ ସେ ବିମାନକୁ ଦ୍ୱିତୀୟଥର ପାଇଁ ଟକ୍ ଅଫ୍ କରାଇଥିଲେ। ଫଳରେ ଯାତ୍ରୀମାନେ ଭୟଭିତ ହୋଇ ପଡ଼ିଥିଲେ। କିନ୍ତୁ କ୍ରୁ ମେମ୍ବରମାନେ ଯାତ୍ରୀମାନଙ୍କୁ ଏ ନେଇ ଅବଗତ କରାଇଥିଲେ ଓ ସମସ୍ତେ ସୁରକ୍ଷିତ ବୋଲି ବୁଝାଇବାକୁ ପ୍ରୟାସ କରିଥିଲେ। ୪ରୁ ୫ ମିନିଟ ଆକାଶରେ ରାଉଣ୍ଡ ମାରିବା ପରେ ବିମାନ ପୁଣି ଥରେ ଅବତରଣ କରିଥିଲା। ଫଳରେ ଯାତ୍ରୀମନେ ଆସ୍ୱସ୍ତି ଅନୁଭବ କରିଥିଲେ। ଉଲ୍ଲେଖଥାଉ କି, ୨୦୦୦ ଜୁଲାଇ ୧୭ରେ ଏହି ଭଳି ଘଟଣା ଘଟିଥିଲା। କୋଲାକାତାରୁ ଦିଲ୍ଲୀ ଯାଉଥିବା ବିମାନ ପାଟନାରେ ଲ୍ୟାଣ୍ଡିଂ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଲ୍ୟାଣ୍ଡିଂର ଠିକ୍ ପୂର୍ବରୁ ବୈଷୟିକ ତ୍ରୁଟି କାରଣରୁ ପାଇଲଟ ବିମାନକୁ ପୁଣି ଟେକ୍‌ଅଫ୍ କରାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଫଳରେ ବିମାନ ଯାଇ ଆଗକୁ ଯାଇ ଖସି ପଡ଼ିଥିଲା। ଏଥିରେ ମୋଟ୍ ୬୬ ଜଣ ମୃତ୍ୟୁବରଣ କରିଥିଲେ।




## ପହଲ୍‌ଗାମ୍ ଆକ୍ରମଣ ପରେ ଗୁଳି ଫୁଟାଇ ଉତ୍ସବ ମନାଇଥିଲେ ଆତଙ୍କବାଦୀ


ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣର ତଦନ୍ତରେ ଏବେ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ୨୬ ଜଣ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ହତ୍ୟା କରି ଜଘନ୍ୟ କାଣ୍ଡ ଘଟାଇବା ପରେ ଆତଙ୍କବାଦୀମାନେ ଖୁସି ମନାଇଥିଲେ। ଏହି କ୍ରମରେ ଉପରକୁ ମନଇଚ୍ଛା ଗୁଳି କରି ୩ ଜଣ ଆତଙ୍କବାଦୀ ନିଆରା ଢଙ୍ଗରେ ଖୁସି ମନାଥିଲେ ବୋଲି ରାଷ୍ଟ୍ରୀୟ ଯାଞ୍ଚ୍ ଏଜେନ୍ସି (ଏନ୍ଆଇଏ)ର ଯାଞ୍ଚ୍‌ରୁ ଜଣାପଡ଼ିଛି। ପହଲଗାମ ଆକ୍ରମଣର ମୁଖ୍ୟ ସାକ୍ଷୀ ଏ ନେଇ ସୂଚନା ଦେଇଛି ବୋଲି ଏଜେନ୍ସି ତରଫରୁ କୁହାଯାଇଛି। ପର୍ଯ୍ୟଟକମାନଙ୍କୁ ନିର୍ମମ ଭାବେ ଗୁଳି କରି ହତ୍ୟା କରିବା ପରେ ୩ ଆତଙ୍କୀ ବାଇସରନ ଉପତ୍ୟାକାରେ ଉପରକୁ ୪ ରାଉଣ୍ଡ ଗୁଳି ଫୁଟାଇ ଆନନ୍ଦରେ ନାଚି ଥିଲେ ବୋଲି ସାକ୍ଷୀ ଜଣକ କହିଛି। ତଦନ୍ତ ଅବସରରେ ଏନ୍ଆଇଏକୁ ଏକ ସ୍ଥାନୀୟ ବ୍ୟକ୍ତି ମିଳିଥିଲେ ଓ ତଙ୍କୁ ମୁଖ୍ୟ ସାକ୍ଷୀ ବନା ଯାଇଛି ଓ ସେ ଏ ବିଷୟରେ ସୂଚନା ଦେଇଛନ୍ତି। ଏହି ମାମଲାରେ ଆତଙ୍କବାଦୀଙ୍କୁ ସଯୋଗ କରିବା ଅଭିଯୋଗରେ ପରଭେଜ ଅହମ୍ମଦ ଓ ବସିର ଅହମ୍ମଦଙ୍କୁ ଗିରଫ କରାଯାଥିଲା।

## ବଙ୍ଗାଳୀଙ୍କ ସହ ଭେଦଭାବ ନେଇ ମମତାଙ୍କ ପଦଯାତ୍ରା



କୋଲକାତା, ୧୬।୭(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ବିଜେପି ଶାସିତ ରାଜ୍ୟରେ ବଙ୍ଗାଳିଙ୍କ ସହ ଭେଦଭାବ କରିବାକୁ ବିରୋଧ କରି ପଦଯାତ୍ରା ବାହର କରିଛନ୍ତି। ବଙ୍ଗଳା ଭାଷା କହୁଥିବା ନାଗରିକଙ୍କ ପ୍ରତି ବିଜେପିର ବୈମାତୃକ ମନୋଭାବ କାରଣରୁ ନିରାଶ ହୋଇଛି ବୋଲି ସେ କହିଛନ୍ତି। ଏବେଠାରୁ ଅଧିକରୁ ଅଧିକ ବଙ୍ଗଳା ଭାଷାରେ କହିବି। ଯଦି ମତେ ବିଜେପି ଡିଟେନସନ କ୍ୟାମ୍ପରେ ରଖିବାକୁ ଚାହେଁ, ତାହେଲେ ରଖୁ ବୋଲି ସେ କହିଛନ୍ତି। ଏହି ପଦଯାତ୍ରା କୋଲକାତାର କଲେଜ ସ୍କୋୟାରରୁ ବାହରି ଧର୍ମତାଲାର ଦୋରିନା କ୍ରସିଂ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ସମେତ ତୃଣମୂଳ କଂଗ୍ରେସ୍‌ର ଏକାଧିକ ବଡ଼ ନେତା ଅଂଶଗ୍ରହଣ କରିଥିଲେ। କୋଲକାତାକୁ ବାଦ୍ ଦେଲେ ରାଜ୍ୟର ସବୁ ଜିଲ୍ଲା ମୁଖ୍ୟାଳୟରେ ଏହି ମାମଲାକୁ ନେଇ ବିରୋଧ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ଆସିବାର କାର୍ଯ୍ୟକ୍ରମ ରହିଥିOବା ବେଳେ ଏଭଳି ବିରୋଧ ପ୍ରଦର୍ଶନ ଜାରି ରହିଛି। ଅପରପକ୍ଷରେ ମମତାଙ୍କ ପଦଯାତ୍ରାକୁ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ନିନ୍ଦା କରିଛନ୍ତି। ଅବୈଧ ଭାବେ ଭାରତକୁ ପସି ଆସିଥିବା ଲୋକଙ୍କୁ ବଞ୍ଚାଇବାକୁ ମମତା ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି। ବିଭିନ୍ନ ବିଷୟରେ ନିଜର ପ୍ରଶାସନିକ ବିଫଳତାକୁ ଲୁଚାଇବା ପାଇଁ ମମତା ଏପରି ପଦଯାତ୍ରାର ବାହନା କରୁଛନ୍ତି ବୋଲି ସେ ପାଲଟା ଅଭିଯୋଗ କରିଛନ୍ତି।

# ବାଂଲାଦେଶରେ ସତ୍ୟଜିତ୍ ରୟଙ୍କ ପୈତୃକ ଘର ଭଙ୍ଗାଯିବା ନେଇ ରାଜନୀତି



କୋଲକାତା, ୧୬।୭(ଏଜେନ୍ସି): ପ୍ରଖ୍ୟାତ ଭାରତୀୟ ସିନେମା ନିର୍ଦ୍ଦେଶକ ସତ୍ୟଜିତ ରୟଙ୍କ ପୈତୃକ ଘର ଭଙ୍ଗାଯିବା ନେଇ ରାଜନୀତି ଆରମ୍ଭ ହୋଇଛି। ବାଂଲାଦେଶର ମିମେନସିଂ ସହରରେ ସତ୍ୟଜିତ୍‌ଙ୍କ ପୁରୁଣା ପୈତୃକ ଘର ରହିଛି। ଏହି ଘରକୁ ବାଂଲାଦେଶ ସରକାର ଭାଙ୍ଗିବା ପାଇଁ ଯୋଜନା କରୁଛନ୍ତି। ଏବେ ଏ ନେଇ ଶାସକ ତୃଣମୂଳ କଂଗ୍ରେସ ଓ ବିରୋଧୀ ବିଜେପି ତରଫରୁ ଚିନ୍ତା ପ୍ରକଟ କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ସୂଚନା ଦେଇଥିଲେ। ତେବେ ଏହି ଘର ୧୦୦ ଉର୍ଦ୍ଧ୍ୱ ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିଲା ବୋଲି ବାଂଲାଦେଶ ଡିପୋର୍ଟମେଣ୍ଟ ଅଫ୍ ଆର୍କିଓଲୋଜି ତରଫରୁ କୁହାଯାଇଛି। ୧୯୪୭ରେ ଦେଶ ବିଭାଜନ ହେବା ପରେ ଏହା ସରକାରଙ୍କ ଅଧିନକୁ ଆସିଥିଲା। ଗତ ୧୦ ବର୍ଷ ହେବ ଏହି ବଙ୍ଗଳା ପରିତ୍ୟକ୍ତ ହୋଇ ପଡ଼ିରହିଛି। ଏହା ସେଠାରେ ଖେଳୁଥିବା ଛୋଟପିଲାଙ୍କ ପ୍ରତି ବିପଦ ସୃଷ୍ଟି କରିଛି ବୋଲି କୁହାଯାଛଉଛି। ବାଂଲାଦେଶ ପ୍ରତିଷ୍ଠାତା ଶେଖ ମୁଜିବୁର ରହମାନ ଓ ରବୀନ୍ଦ୍ରନାଥ ଟାଗୋରଙ୍କ ପରେ ଏବେ ସତ୍ୟଜିତ ରଏଙ୍କ ଘରକୁ ଇସଲାମିକ କଟରପନ୍ଥୀମାନେ ଟାର୍ଗେଟ କରିଛନ୍ତି ବୋଲି କୁହାଯାଉଛି। ଅନ୍ୟପଟେ ଏହି ବଙ୍ଗାଳାର ପୁନର୍ଗଠନ୍ ପାଇଁ ଭାରତ ସରକାର ସହଯୋଗ କରିବ ବୋଲି ବାଂଲାଦେଶକୁ କହିଛି। ମମତା ଏହି ବଙ୍ଗଳାର ରକ୍ଷଣାବେକ୍ଷଣ ପାଇଁ ବାଂଲାଦେଶର ମହମ୍ମଦ ୟୁନୁସ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହି ବାସଭବନ ବେଙ୍ଗଲର ସାଂସ୍କୃତିକ ଇତିହାସ ସହ ଗଭୀର ଭାବେ ଜଡିତ ରହିଛି। ଏ ନେଇ ଭାରତ ସରକାର ପଦକ୍ଷେପ ନିଅନ୍ତୁ ବୋଲି ମମତା ଅପିଲ କରିଛନ୍ତି। ଉଲ୍ଲେଖଥାଉ କି, ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ନିର୍ଯାତନା ଚରମସୀମାରେ ପହଞ୍ଚିଛି। ଶେଖ ହସିନାଙ୍କୁ ଗାଦିଚ୍ୟୁତ କରାଯିବା ପରେ ଏହା ଦେଶରେ ହିନ୍ଦୁ ସମ୍ପ୍ରଦାୟ ଉପରେ ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି।






# ଜୁଲାଇ ୧୮ରେ 'ଇନ୍ଦ୍ରଧନୁ'

ସାତୋଟି ଛୋଟ ଛୋଟ କାହାଣୀକୁ ଏକାଠି ଗୁନ୍ଥି ଖୁବ୍ ଶୀଘ୍ର ବଡ଼ପରଦାକୁ ଆସୁଛି ଓଡ଼ିଆ ଚଳଚ୍ଚିତ୍ର 'ଇନ୍ଦ୍ରଧନୁ'। ଆସନ୍ତା ଜୁଲାଇ ୧୮ ତାରିଖରେ 'ଇନ୍ଦ୍ରଧନୁ' ମୁକ୍ତିଲାଭ କରିବାକୁ ଯାଉଛି। ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦୀ, ନାରଙ୍ଗୀ ଓ ଲାଲ - କ୍ରମରେ ଆକାଶରେ ସତରଙ୍ଗର ଇନ୍ଦ୍ରଧନୁ ଦିଶିବା ପରି ପରଦାର ଏ ଇନ୍ଦ୍ରଧନୁରେ ବି ସମ-କ୍ରମିକତାରେ ରହିଛି ସାତୋଟି ରଙ୍ଗଭିତ୍ତିକ କାହାଣୀ। 'ଇନ୍ଦ୍ରଧନୁ'ର ନିର୍ଦ୍ଦେଶନା, ଚିତ୍ରାଲୋକନ ଓ ସମ୍ପାଦନା କରିଛନ୍ତି ଯୁବ ନିର୍ଦ୍ଦେଶକ ଅର୍ଜୁନ ସାମନ୍ତରାୟ। ସିନେମାର ପରିକଳ୍ପନା କରିଛନ୍ତି ଯୁବ ସାହିତ୍ୟିକ ସୂର୍ଯ୍ୟସ୍ନାତ ତ୍ରିପାଠୀ। ରାଜେନ୍ଦ୍ର ମହାନ୍ତଙ୍କ ଦ୍ୱାରା ପ୍ରଯୋଜିତ ଏ ସିନେମାଟିରେ ସହ-ପ୍ରଯୋଜକ ଭୂମିକାରେ ଅଛନ୍ତି ସୂର୍ଯ୍ୟସ୍ନାତ ଓ ସ୍ୱରଣ ପଟ୍ଟନାୟକ। 'ଇନ୍ଦ୍ରଧନୁ'ର କାହାଣୀ ନିଖିଲେଶ ମିଶ୍ର, ସରୋଜ ବଳ, ବାଦଲ ମହାନ୍ତି ଓ ସୂର୍ଯ୍ୟସ୍ନାତଙ୍କ ଦ୍ୱାରା ଲିଖିତ ହୋଇଥିବା ବେଳେ ସିନେମାଟିକୁ ସଂଗୀତରେ ସଜେଇଛନ୍ତି ଅନୁରାଗ ପଟ୍ଟନାୟକ। ଦେବଦାସ ଛୋଟରାୟଙ୍କ ଦ୍ୱାରା ଲିଖିତ ଶୀର୍ଷକ ଗୀତକୁ ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତିଙ୍କ ସଂଗୀତରେ ସ୍ୱର ଦେଇଛନ୍ତି ସୁସ୍ମିତା ଦାସ ଓ ରତିକାନ୍ତ ଶତପଥୀ। ଏହାର ମୁଖ୍ୟ ଭୂମିକାରେ ଅଛନ୍ତି ଚୌଧୁରୀ ବିକାଶ ଦାସ, ଦୀପାନ୍ୱିତ ଦାଶମହାପାତ୍ର, ସ୍ମିତା ମହାନ୍ତି, ରମାକାନ୍ତ ମିଶ୍ର, ଭାସ୍କତୀ ବସୁ, ଦେବଦତ୍ତ ପତି, ଅଭିଷେକ ଗିରି, ଧରିତ୍ରୀ ଖୁଣ୍ଟିଆଳ, ସୁଧାଶ୍ରୀ ମଧୁସ୍ମିତା, ରିଙ୍କୁ ପଧାନ, ସୌମ୍ୟରଞ୍ଜନ, ସମର୍ପିତା, ବିଶାନୀ ଦେବାଞ୍ଜନା, ସାଗର ଷଡ଼ଙ୍ଗୀ, ଅମିଷା ମହାନ୍ତି, ରୂପଶ୍ରୀ ଓ ଅନ୍ୟମାନେ। 'ଇନ୍ଦ୍ରଧନୁ' ସିନେ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଉଛି।

# ବର୍ଲିନରେ କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର




ଓଲିଉଡ୍ ଅଭିନେତ୍ରୀ ପିଙ୍କି ପ୍ରଧାନଙ୍କ ଦକ୍ଷତା କେବଳ ଅଭିନୟରେ ସୀମିତ ନୁହେଁ, ଏବେ ସେ ନିର୍ଦ୍ଦେଶନାରେ ପାଦ ଥାପିଛନ୍ତି। ନିର୍ଦ୍ଦେଶନାରେ ବି ତାଙ୍କୁ ସଫଳତା ମିଳିଛି। 'ପିଙ୍କଉଡ୍ କ୍ରିଏସନ୍' ନିବେଦିତ ତାଙ୍କ ନିର୍ଦ୍ଦେଶିତ ପ୍ରଥମ କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର 'ଅନୁଭବ- ଏ ଟେଲ୍ ଅଫ୍ ଲଭ୍ ଆଣ୍ଡ ସାକ୍ରିଫାଇସ୍' ଇଂରାଜୀ ସବ୍‌ଟାଇଟଲ୍ ସହ ବର୍ଲିନରେ ପ୍ରଶଂସା ସାଉଁଟିଛି। ଏଠାରେ ଇଣ୍ଡୋ-ଜର୍ମାନ ଫିଲ୍ମ ୱିକ୍‌ରେ ଏହାକୁ ପ୍ରଦର୍ଶିତ କରାଯାଇଥିଲା। ଜୁଲାଇ ୫ରୁ ଜୁଲାଇ ୯ ପର୍ଯ୍ୟନ୍ତ ବେବିଲନ୍ ଥିଏଟର୍‌ରେ ଦର୍ଶକେ ଏହାକୁ ଦେଖିବାକୁ ପାଇଥିଲେ। ପୁଣି ଜୁଲାଇ ୧୪ ତାରିଖରେ ଏହାର ଦ୍ୱିତୀୟ ସ୍କ୍ରିନିଂ ହୋଇଛି। ଏହି ଫିଲ୍ମର ଅବଧି ୧୮ ମିନିଟ୍। ସିନେମାଟିରେ ଗୋଟିଏ ମଧ୍ୟବିତ୍ତ ପରିବାରର ବାପା-ମା ଓ ପୁଅର କାହାଣୀ ଦେଖିବାକୁ ମିଳିଛି। ସିନେମାରେ ପ୍ରେମ, ସ୍ନେହ, ତ୍ୟାଗ, ପରିବାର ଓ ସମ୍ପର୍କର କଥା ରହିଛି। ସେହିପରି ସିନେମାଟି ମଧୁସୂଦନ ରାଓଙ୍କ 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର'କୁ ପ୍ରେରିତ ହୋଇ ନିର୍ମାଣ କରାଯାଇଛି। ସିନେମାର ମୁଖ୍ୟ ଚରିତ୍ରରେ ଚୌଧୁରୀ ଜୟ ପ୍ରକାଶ, ପିଙ୍କି ପ୍ରଧାନ, ସଂଶିତ ପ୍ରମୁଖ ଅଭିନୟ କରିଛନ୍ତି। ଏହି ସିନେମା ମାଧ୍ୟମରେ ପିଙ୍କି ଅଭିନୟ, ପ୍ରଯୋଜନା, ନିର୍ଦ୍ଦେଶନା, ଚିତ୍ରନାଟ୍ୟରେ ନିଜ ଦକ୍ଷତାକୁ ପ୍ରମାଣିତ କରିଛନ୍ତି। ସିନେମାର କାହାଣୀ ପଣ୍ଡିତ କୁମାର ଗୌଡ଼ ଲେଖିଥିବା ବେଳେ ସଙ୍ଗୀତ ସହ କଣ୍ଠଦାନ କରିଛନ୍ତି ଦୀପ୍ତିମାନ। ସିନେମାର ଗୀତ ରଚନା କରିଛନ୍ତି ଦେବଦାସ ଛୋଟରାୟ।

# 'ମନ୍ତ୍ରମୁଗ୍ଧ'ର ସୁଟିଂ ଆରମ୍ଭ



ଭୁବନେଶ୍ୱରର ସିମ୍ଫୋନୀ ମଲ୍‌ରେ 'ମନ୍ତ୍ରମୁଗ୍ଧ'ର ସୁଟିଂ ଆରମ୍ଭ ହୋଇଛି। ସୁଟିଂ ଆରମ୍ଭ ହେବା ପୂର୍ବରୁ ଏହାର ଟିମ୍ ପ୍ରଥମେ ପୁରୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇଛନ୍ତି। ଏହି ଚଳଚ୍ଚିତ୍ର ଓଡ଼ିଆ ସିନେମାର କାହାଣୀରେ ନୂଆ ଫର୍ଦ୍ଦ ଯୋଡ଼ିବାକୁ ଯାଉଛି । 'ଅମିୟ ପଟ୍ଟନାୟକ ପ୍ରଡକ୍ସନ' ବ୍ୟାନରରେ ନିର୍ମିତ ହେବାକୁ ଥିବା ଏହି ସିନେମାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ବର୍ଷା ପଟ୍ଟନାୟକ। ପ୍ରଥମ ଥର ପାଇଁ ଭୂମିକା ଦାଶ ପ୍ରଯୋଜନା ସଂସ୍ଥା ସହ ଯୋଡ଼ି ହୋଇଛନ୍ତି। ଏଥିରେ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଦମ୍‌ଦାର ଭୂମିକାରେ ନଜର ଆସିବେ । ସନୋଜ କୁମାର, ମନ୍ମୟ ଦେ, ସାର୍ଥକ ଭରଦ୍ୱାଜ, ଦୀପନ୍‌ବିତ ଦାଶମହାପାତ୍ର ମଧ୍ୟ ଏଥିରେ ଅଭିନୟ କରୁଛନ୍ତି । ଅନ୍ୟ ପ୍ରମୁଖ କଳାକାରଙ୍କ ମଧ୍ୟରେ ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଥିଆ, ସୋମା ହୋତା ଓ ଭକ୍ତି ଦାସ ରହିଛନ୍ତି । ଟେଲି ଅଭିନେତ୍ରୀ ପିହୁ ମହାପାତ୍ର ଓ ଡିଜିଟାଲ୍ କ୍ରିଏଟର୍ ମିଷ୍ଟର ରାଉତଙ୍କୁ ବି ଫିଲ୍ମରେ ନିଆଯାଇଛି। ଚଳଚ୍ଚିତ୍ରରେ ଉଦୀୟମାନ ନବାଗତମାନଙ୍କ ଏକ ସୁନ୍ଦର ସମନ୍ୱୟ ରହିଛି। କାହାଣୀ ଅନୁପମ ଓ ରୋଶନ ବିଶୋଇ ଲେଖିଥିବା ବେଳେ ଏହାକୁ ଚିତ୍ରନାଟ୍ୟରେ ସଜାଇଛନ୍ତି ରୋହିତ ଗେହଲୋଟ ଓ ଅନୁପମ ପଟ୍ଟନାୟକ। ଏହାର ସଂଳାପ ରଚନା କରିଛନ୍ତି ପ୍ରଣବ ରଥ। ଚିତ୍ରନାଟ୍ୟ ଓ ସଂଳାପର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି ନିଶାନ୍ତ ମାଜିଥିଆ। ଆଶିଷ ପ୍ରଧାନ,ଅନୁରାଗ ପଟ୍ଟନାୟକ, ସଂଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ରୌମ୍ୟ ରାଜ ପ୍ରଧାନ ପ୍ରମୁଖ ପାଞ୍ଚ ଜଣ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଯାହା ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ପ୍ରଥମ। ଏହାର ମୁଖ୍ୟ ଚରିତ୍ର ଓ କାହାଣୀ ହାସ୍ୟରସ ଓ ରୋମାଞ୍ଚରେ ଭରପୂର। ଏହି ସିନେମାରେ କେବଳ ହାସ୍ୟ ରସ କି ରୋମାଞ୍ଚ ନୁହେଁ, ବରଂ ପ୍ରଚଳିତ ସାମାଜିକ ବିଧି ବ୍ୟବସ୍ଥାକୁ ଆହ୍ୱାନ ଦେଉଥିବା ଏକ ବଳିଷ୍ଠ କାହାଣୀ ରହିଛି।

# ଶେଷ ପର୍ଯ୍ୟାୟରେ 'ଲାଙ୍ଗୋ'



'ସତ୍ୟଭାମା ସିନେ ପ୍ରଡକ୍ସନ' ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଲାଙ୍ଗୋ-ମାଟିର ମଣିଷ'ର ପ୍ରଥମ ପର୍ଯ୍ୟାୟ ସୁଟିଂ ଇତିମଧ୍ୟରେ ଶେଷ ହୋଇଛି। ସୁଟିଂ ପାଇଁ ପୂରା ୟୁନିଟ୍ ୨୫ ଦିନ ପର୍ଯ୍ୟନ୍ତ ନୟାଗଡ଼ ସହରରେ ଡେରା ପକେଇ ଥିଲା। ଏହି ୟୁନିଟ୍‌ରେ ନିର୍ମାତା, ନିର୍ଦ୍ଦେଶକ, କଳାକାର ଓ ଟେକ୍ନିସିଆନଙ୍କ ସମେତ ମୋଟ ୭୫ ଜଣ ସଦସ୍ୟ ଥିଲେ। ଦଶପଲ୍ଲା, ସିଙ୍ଗପଡ଼ା ଓ ଏହାର ଆଖ ପାଖ ଅଞ୍ଚଳରେ ସୁଟିଂ ସମ୍ପନ୍ନ ହୋଇଥିଲା। ଏବେ ମାତ୍ର ପାଞ୍ଚ ଦିନର ପ୍ୟାଚ୍ ୱାର୍କ ବାକି ରହିଛି, ଯାହା ଭୁବନେଶ୍ୱର, ଖୋର୍ଦ୍ଧା ଓ ଢେଙ୍କାନାଳରେ ଅନୁଷ୍ଠିତ ହେବ। 'ଲାଙ୍ଗୋ' କେବଳ ଏକ ମନୋରଞ୍ଜନ ଧର୍ମୀ ସିନେମା ନୁହେଁ, ଏଥିରେ ସମାଜ ପାଇଁ ବାର୍ତ୍ତା ବି ରହିଛି। ଚଳଚ୍ଚିତ୍ରର କାହାଣୀ ଓ ଚିତ୍ରନାଟ୍ୟ ରଚନା ସାଙ୍ଗକୁ ନାୟକ ଭୂମିକାରେ ଅଛନ୍ତି ଶୁଭମ ସାଗର। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ଅର୍ଲିନ ଅଙ୍କିତା ଓ ସଞ୍ଜନା ପ୍ରଧାନ। ଅନ୍ୟାନ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, କେକେ, ଉଦିତ ଗୁରୁ, ବଡୁ ଭାଇ ଓ ରାଜଶ୍ରୀ। 'ଲାଙ୍ଗୋ'ର ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ। ବିଜୟ ରାଉଳ ସଂଳାପ ଲେଖିଥିବା ବେଳେ ଏଥିରେ ସଙ୍ଗୀତ ଦେଇଛନ୍ତି ସୋମେଶ ଶତପଥୀ। ଡ. ନିର୍ମଳ ନାୟକ ଓ ଜେପି ୱାର୍ଡସ୍ମିଥ୍‌ଙ୍କ ଗୀତରେ କଣ୍ଠଦାନ କରିଛନ୍ତି କୁଲଦୀପ, ଅନନ୍ୟା ଶ୍ରୀତମ ନନ୍ଦ, ଗୌରବ ଆନନ୍ଦ, ଅସୀମା ପଣ୍ଡା ଓ ମଣ୍ଟୁ ଛୁରିଆ। ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ବିଦ୍ରୁ। ଏହା ଏକ ବ୍ୟୟବହୁଳ ସିନେମା ହୋଇଥିବା ବେଳେ ସୁଟିଂରେ କୌଣସି ପ୍ରକାର ଊଣା କରାଯାଇ ନ ଥିବା ଏହାର ନିର୍ଦ୍ଦେଶକ କହିଛନ୍ତି।

## ପରଦା ପଛର କାହାଣୀ

# ବାଥ୍‌ରୁମ୍‌ରେ ଫିଲ୍ମ ଗୀତ ରେକର୍ଡିଂ



ଚଳଚ୍ଚିତ୍ର ନିର୍ମାଣ ପାଇଁ ବିଭିନ୍ନ ସୁନ୍ଦର ଓ ଆକର୍ଷଣୀୟ ସ୍ଥାନରେ ଫିଲ୍ମ ସୁଟିଂ ହୋଇଥାଏ। ସେଥିମଧ୍ୟରୁ କିଛି ଫିଲ୍ମ ହିଟ୍ ହୋଇଥିବାବେଳେ, କିଛି ଫ୍ଲପ୍ ସାବ୍ୟସ୍ତ ହୋଇଥାଏ। କିନ୍ତୁ କିଛି ଫିଲ୍ମ ଥାଏ, ଯାହା ଇତିହାସ ସୃଷ୍ଟି କରେ। ୧୯୬୦ ମସିହାରେ ମୁକ୍ତିଲାଭ କରିଥିବା ସେଭଳି ଏକ ହିନ୍ଦୀ ଫିଲ୍ମ ହେଉଛି 'ମୁଗଲ-ଏ-ଆଜମ'। ଏହି ଫିଲ୍ମ ନିର୍ମାଣ ହେବାକୁ ପାଖାପାଖି ୧୬ ବର୍ଷ ସମୟ ଲାଗିଥିଲା। କେ. ଅସିଫ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଗୀତଗୁଡ଼ିକ ଏବେ ମଧ୍ୟ ବେଶ୍ ଲୋକପ୍ରିୟ। ସେଥିମଧ୍ୟରୁ ଗୋଟିଏ ହେଉଛି, 'ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା...'। ଏହି ଗୀତକୁ ଗାଇଥିଲେ ଲତା ମଙ୍ଗେସକର। ଆଜି ମଧ୍ୟ ଏହି ଗୀତ ଶୁଣିବାକୁ ଲୋକେ ବେଶ୍ ପସନ୍ଦ କରନ୍ତି। ନିର୍ଦ୍ଦେଶକ ଅସିଫ୍ ଗୀତକୁ ସୁପରହିଟ୍ କରିବା ପାଇଁ ଏଥିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ତେବେ ସେ ସମୟରେ ଗୀତ ମିକ୍ସିଂ ସୁବିଧା ନ ଥିବାରୁ ସଂଗୀତ ନିର୍ଦ୍ଦେଶକ ନୌସାଦ ଏଥିରେ ପ୍ରତିଧ୍ୱନି ସୃଷ୍ଟି କରିବା ପାଇଁ ଲତା ମଙ୍ଗେସକରଙ୍କୁ ଏହି ଗୀତ ଷ୍ଟୁଡିଓରେ ଥିବା ବାଥ୍‌ରୁମ୍‌ରେ ଗାଇବା ପାଇଁ କହିଥିଲେ। ଏହି ଗୀତକୁ ଶକୀଲ ବଦାୟୁନୀ ଲେଖିଥିଲେ। ସେ ଏହାକୁ ୧୦୫ ଥର ଲେଖିବା ପରେ ଗୀତଟିକୁ ଶେଷ କରିଥିଲେ। ଏହାପରେ ସଙ୍ଗୀତ ନିର୍ଦ୍ଦେଶକଙ୍କଠାରୁ ଏହି ଗୀତକୁ ସ୍ୱୀକୃତି ମିଳିଥିଲା। ଏହି ଗୀତ ମୁକ୍ତିଲାଭ କରିବା ପରେ ସୁପରହିଟ୍ ହୋଇଥିଲା। ଏହି ଯନ୍ତ୍ରଣାଦାୟକ ଗୀତ ଶୁଣି ଲୋକମାନେ ଦୁଃଖରେ କାନ୍ଦିଥିଲେ। 'ମୁଗଲ-ଏ-ଆଜମ' ହେଉଛି ଭାରତର ଦାମୀ ଫିଲ୍ମ ମଧ୍ୟରୁ ଅନ୍ୟତମ।

## ସାକ୍ଷାତକାର

# "କଳାକାର ହେବା ପାଇଁ ପରିଶ୍ରମ ଓ ଧୈର୍ଯ୍ୟ ଆବଶ୍ୟକ"

**ସମ୍ଭବ ମାନସିଂ, ଅଭିନେତା**



ନୃତ୍ୟ କେବଳ ଏକ କଳା ନୁହେଁ, ଏହା ହେଉଛି ଭାବ, ଅନୁଭୂତି ଓ ଆତ୍ମାର ଅଭିବ୍ୟକ୍ତି। ସେଥିପାଇଁ ସେ ନୃତ୍ୟକୁ ସବୁକିଛି ମାନି ନେଇଥିଲେ। ନୃତ୍ୟ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ହେଲେ ନୃତ୍ୟ ପରିବେଷଣ କରିବା ଭିତରେ ଅଭିନୟ କରିବା ତାଙ୍କ ପାଇଁ ପେସା ହୋଇଗଲା। ସେଭଳି ଜଣେ କଳାକାର ହେଉଛନ୍ତି ନୟାଗଡ଼ର ସମ୍ଭବ ମାନସିଂହ। ଓଡ଼ିଆ ସିନେମା 'ମିଠା ମିଠା'ରୁ କ୍ୟାରିୟର ଆରମ୍ଭ କରିଥିବା ସମ୍ଭବ ୧୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓ କରିଛନ୍ତି। 'ଆସିକ୍ ସରେଣ୍ଡର ହୁଆ' ଫିଲ୍ମରେ ଅଭିନୟ କରିବାକୁ ସେ ସୁଯୋଗ ପାଇଥିଲେ। ଏବେ ସେ 'ସୁନା ଝିଅ' ଧାରାବାହିକରେ ସମ୍ଭବ ଚରିତ୍ରରେ ଦମ୍‌ଦାର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଜିଣିଛନ୍ତି। ତେବେ ନୃତ୍ୟଶିଳ୍ପୀରୁ ରଙ୍ଗିନ ଦୁନିଆକୁ ସେ କେମିତି ଆସିଲେ ଜାଣିବା ତାଙ୍କ ମୁହଁରୁ।

**ନୃତ୍ୟଶିଳ୍ପୀରୁ ଅଭିନୟର ଯାତ୍ରା କେମିତି ଥିଲା?**

● ପିଲାଦିନରୁ ମୁଁ ନୃତ୍ୟ କରୁଥିଲି। ମୁଁ ଜଣେ ପ୍ରଫେସନାଲ ନୃତ୍ୟଶିଳ୍ପୀ। ନୃତ୍ୟ ସହିତ ଅଭିନେତା ହେବାକୁ ଇଚ୍ଛା ଥିଲା। ଆଉ ନୃତ୍ୟ ମୋତେ ଅଭିନୟ କ୍ଷେତ୍ରକୁ ଟାଣି ଆଣିଲା। 'ମିଠା ମିଠା' ଓଡ଼ିଆ ଚଳଚ୍ଚିତ୍ର ମୋର ପ୍ରଥମ ଫିଲ୍ମ। ସୌଭାଗ୍ୟବଶତଃ ବିଭିନ୍ନ ପ୍ଲାଟଫର୍ମରେ ଅଡିସନ୍ ଦେଇ ଅନେକ ମ୍ୟୁଜିକ୍ ଭିଡ଼ିଓ ଏବଂ ଦୁଇଟି ସିନେମାରେ କାମ କରିପାରିଥିଲି। 'ଏ ମନ ମୋ ମନ', 'ଫଗୁଣ', 'ରେ ମନ', 'ଆଖିରେ ଆଖି' ଆଦି ଅନେକ ମ୍ୟୁଜିକ୍ ଭିଡିଓ ମୋତେ ଲୋକପ୍ରିୟତା ଦେଇଛି। ଏବେ ପ୍ରତି ସପ୍ତାହକୁ ମୋର ଦୁଇରୁ ତିନିଟି ମ୍ୟୁଜିକ ଭିଡିଓ ରିଲିଜ୍ ହେଉଛି। ନିକଟରେ ଦେବଜାନୀଙ୍କ ସହ 'ଭାରି ବେଇମାନି ଏହି ପୁରୁଷ ଜାତି' ମ୍ୟୁଜିକ ଭିଡିଓ ରିଲିଜ୍ ହୋଇଛି। ୭ ବର୍ଷ ପୂର୍ବରୁ ମୁଁ ଓ ପ୍ରକୃତି ମିଶ୍ର ମିଶି ପ୍ରଥମ ମ୍ୟୁଜିକ୍ ଭିଡ଼ିଓ 'ନଜଦିକିଆ' କରିଥିଲୁ। ସେତେବେଳେ ଏହା ବହୁତ ଟ୍ରେଣ୍ଡରେ ଥିଲା।

**'ସୁନାଝିଅ'ରେ କାମ କରିବାକୁ କାହିଁକି ମନ ବଳାଇଲେ?**

● ମୋ ମନ ଚାହୁଁଥିବା ପରି ସିନେମା ମିଳି ନ ଥିଲା, କି ଯେଉଁ ସିନେମା କରିଥିଲି ସେଥିରେ ସଫଳ ହେଲିନି। ହୃଦ୍‌ବୋଧ ହେଲା ଯେ, ଧାରାବାହିକରେ କାମ କରି ଓଡ଼ିଆ ଲୋକଙ୍କ ହୃଦୟରେ ରହିପାରିବି। ଆଗରୁ ଧାରାବାହିକରେ କାମ ପାଇଁ ଅଫର୍ ଥିଲା, ତେଣୁ ବିଳମ୍ବ ନ କରି 'ସୁନା ଝିଅ'ରେ ପିଢ଼ି ପରିବର୍ତ୍ତନ ହେବା ସମୟରେ ମୁଁ ମୁଖ୍ୟ ଚରିତ୍ରରେ କାମ ଆରମ୍ଭ କରିଥିଲି।

**ସମ୍ଭବ ଚରିତ୍ରକୁ ନେଇ କ'ଣ କହିବେ?**

● ଏଥିରେ ମୁଁ ଜଣେ କଲେଜ ପ୍ରଫେସର। ମୋ ଧର୍ମପତ୍ନୀଙ୍କୁ ସହଯୋଗ କରୁଛି, ଭୁଲ୍‌କୁ ପ୍ରଶୟ ଦେଉନି। ବାସ୍ତବ ଜୀବନରେ ବି ସମ୍ଭବ ଭୁଲ୍ କଥାକୁ କେବେ ସମର୍ଥନ କରେନି। ଧାରାବାହିକ ନାଁରେ ଲୋକେ ଜଣେ ନାୟକକୁ ଚିହ୍ନୁଥିବାବେଳେ ଏହି ଧାରାବାହିକରେ ମୋ ଚରିତ୍ରର ନାଁ, ନିଜ ନାଁ ସହିତ ସମାନ ରହିଛି।

**ସୁଟିଂ ନ ଥିଲେ କ'ଣ କରନ୍ତି?**

● ସୁଟିଂ ନଥିଲେ ମୁଁ ମୋ ପରିବାର ସହ ସମୟ ବିତାଏ। ଧର୍ମ ପତ୍ନୀଙ୍କ ସହ ସିନେମା ଦେଖେ।

**ଏ କ୍ଷେତ୍ରରେ ତିଷ୍ଠି ରହିବାକୁ ପରିଶ୍ରମ କେତେ ଜରୁରି?**

● ସିନେମା କି ମ୍ୟୁଜିକ୍ ଭିଡିଓ କରିବା ପୂର୍ବରୁ ମୋ' ଜୀବନରେ ମୁଁ ବହୁତ ସଂଘର୍ଷ କରିଛି। କେବେ ବି କାମରେ ବିରକ୍ତି ପ୍ରକାଶ କରିନି। ବର୍ଷ ବର୍ଷ ଧରି ନିଜ ପ୍ରୋଫାଇଲ୍ ଧରି ମୁଁ ଧାଇଁଛି, ଝୁଣ୍ଟିଛି ଆଉ ତା' ଭିତରେ ବି ଆଗକୁ ବଢ଼ିବାକୁ ସାହାସ ପାଇଛି। ତେଣୁ ଜଣେ କଳାକାର ପାଇଁ ପରିଶ୍ରମ, ଧୈର୍ଯ୍ୟ ଆଉ ଅଭ୍ୟାସ ଏ ସବୁ ନିହାତି ଆବଶ୍ୟକ।

**ଡ୍ରିମ୍ ରୋଲ କ'ଣ?**

● କୌଣସି ଏକ ନିର୍ଦ୍ଦିଷ୍ଟ ଚରିତ୍ର ନୁହେଁ, ଅନେକ ଚରିତ୍ରରେ ମୋର ଅଭିନୟ କରିବାକୁ ଇଚ୍ଛା ଅଛି।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

● ମା'ଙ୍କୁ ଦେଇ ଦେଇଥିଲି।

**ଆପଣଙ୍କ ଜୀବନର ଲକ୍ଷ୍ୟ?**

● ଗୋଟିଏ ସିନେମା କରିବି, ତାହା ପ୍ୟାନ୍ ଇଣ୍ଡିଆରେ ରିଲିଜ୍ ହେବ।

# ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍ ଆୱାର୍ଡ ଜିତିଲେ ଦୀପିକା

## ପୁରସ୍କାର ପାଇବାରେ ପ୍ରଥମ ଭାରତୀୟ ହକି ଖେଳାଳି




ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି): ଭାରତୀୟ ମହିଳା ହକି ଦଳର ଯୁବ ଫରୱାର୍ଡ ଦୀପିକା ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ହକି ଖେଳାଳି ଭାବେ ସମ୍ମାନଜନକ 'ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍' ଆୱାର୍ଡ ଜିତିଛନ୍ତି। ଶେଷ ହୋଇଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ସିଜନରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ବିଶ୍ୱର ଏକ ନମ୍ବର ଦଳ ନେଦରଲାଣ୍ଡସ ବିପକ୍ଷ ମ୍ୟାଚରେ ଦୀପିକା ଚମତ୍କାର ଭାବେ ବଲ୍‌କୁ ଡ୍ରିବଲିଂ କରି ପ୍ରତିପକ୍ଷ ଖେଳାଳିଙ୍କୁ ଚକ୍‌ମା ଦେଖାଇ ଏକାକୀ ଗୋଲ୍‌ସ୍କୋର କରିଥିଲେ। ଭାରତ ଓ ନେଦରଲାଣ୍ଡସ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚର ୩୫ତମ ମିନିଟ୍‌ରେ ୨୧ ବର୍ଷୀୟା ଦୀପିକା ବାମ ପାର୍ଶ୍ୱରୁ ଏକାକୀ ବଲ୍‌କୁ ଧରି ଅଗ୍ରସର ହୋଇଥିଲେ। ସେ ଏଭଳି ଚମତ୍କାର ଡ୍ରିବଲିଂ କୌଶଳ ପ୍ରଦର୍ଶିତ କରିଥିଲେ ଯେ ଏକାଧିକ ନେଦରଲାଣ୍ଡସ ଡିଫେଣ୍ଡର ଓ ଗୋଲ୍‌ରକ୍ଷକଙ୍କୁ ପରାସ୍ତ କରି ବଲ୍‌କୁ ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଏହି ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ରହିଥିଲା। ପରେ ସୁଟ୍‌ଆଉଟ୍‌ରେ ଭାରତ ମ୍ୟାଚକୁ ବାଜିମାତ୍ କରିନେଇଥିଲା।

ଉକ୍ତ ଦର୍ଶନୀୟ ଗୋଲ୍ ପାଇଁ ଦୀପିକାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଜୁଲାଇ ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ହୋଇଥିବା ଭୋଟିଂ ପ୍ରକ୍ରିୟାରେ ବିଶ୍ୱର କୋଣ ଅନୁକୋଣରୁ ହକି ପ୍ରଶଂସକ ଭାଗନେଇ ଦୀପିକାଙ୍କ ଗୋଲ୍‌କୁ ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ସବୁଠାରୁ ଶ୍ରେଷ୍ଠ ସୃଜନଶୀଳ ଓ କୁଶଳୀ ମୁହୂର୍ତ୍ତ ଭାବେ ବିବେଚିତ କରିଛନ୍ତି। ଏହି ପୁରସ୍କାର ଦୌଡ଼ରେ ପୁରୁଷ ଓ ମହିଳା ବିଭାଗରେ ମୋଟ୍ ୬ଜଣ ଖେଳାଳି ରହିଥିଲେ। ପୁରୁଷ ବିଭାଗରେ ବେଲ୍‌ଜିୟମର ଭିକ୍ଟର ୱେଗନେଜ ଏହି ପୁରସ୍କାର ଜିତିଛନ୍ତି। ଉଲ୍ଲେଖଯୋଗ୍ୟ, ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ 'ପଲିଗ୍ରାସ ମ୍ୟାଜିକ୍ ସ୍କିଲ୍ ଆୱାର୍ଡ' ଲିଗ୍‌ର ସବୁଠାରୁ ସୃଜନଶୀଳ ଓ କୁଶଳୀ ମୁହୂର୍ତ୍ତକୁ ପ୍ରଦାନ କରାଯାଇଥାଏ। ପଲିଗ୍ରାସ ହକି ଟର୍ଫ ପ୍ରସ୍ତୁତ କରିଥାଏ। ଏହା ବିଶ୍ୱର ସର୍ବଶ୍ରେଷ୍ଠ ହକି ଟର୍ଫ ପ୍ରସ୍ତୁତ କରିବାରେ ଖ୍ୟାତି ଅର୍ଜନ କରିଛି। ଆଗାମୀ ୨୦୨୮ ଲସ୍ ଆଞ୍ଜେଲ ଅଲିମ୍ପିକ୍ସର ହକିରେ ମଧ୍ୟ ପଲିଗ୍ରାସ ଟର୍ଫ ବ୍ୟବହୃତ ହେବ।

# ଆରମ୍ଭ ହେଲା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା



ଭୁବନେଶ୍ୱର, ୧୬।୭ (ସମିସ): ଜର୍ମାନୀର ଡୁଇସବର୍ଗ ସହରରେ ବୁଧବାର ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହାସଂଘ (ଏଫଆଇଏସ୍‌ୟୁ) ଆନୁକୂଲ୍ୟରେ ଆୟୋଜିତ ଏହି ମେଗା ଇଭେଣ୍ଟ ଜୁଲାଇ ୨୭ରେ ଉଦ୍‌ଯାପିତ ହେବ। ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବରେ ଅସି ଚାଳିକା ଜଗମିତ୍ କୌର (ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ) ଓ ଅଭୟ ସିନ୍ଧେ (ବାବାସାହେବ ଆମ୍ବେଦକର ମରାଠୱାଡା ବିଶ୍ୱବିଦ୍ୟାଳୟ) ଭାରତୀୟ ପ୍ରତିନିଧି ଦଳର ପତାକା ବାହକ ରହିଥିଲେ। ଏହି ସମ୍ମାନଜନକ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତର ୩୦୦ରୁ ଉର୍ଦ୍ଧ୍ୱ ଆଥ୍‌ଲେଟ୍ ଅଂଶଗ୍ରହଣ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ ଭାରତୀୟ ଦଳର ଉପମୁଖ୍ୟ ଭାବେ କ୍ରୀଡ଼ାବିତ୍‌ଙ୍କ ସହ ଜୁଲାଇ ୧୪ରେ ଜର୍ମାନୀ ଗସ୍ତ କରିଥିଲେ। ଉଲ୍ଲେଖଯୋଗ୍ୟ, ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଲାଗି କିଟ୍ ନୋଡାଲ୍ ବିଶ୍ୱବିଦ୍ୟାଳୟ ରହିଥିଲା। ଏଠାରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳର ବ୍ୟାଡ୍‌ମିଣ୍ଟନ, ଟେନିସ, ଟେବଲ୍ ଟେନିସ, ଆଥ୍‌ଲେଟ୍, ମହିଳା ଭଲିବଲ୍ ଚୟନ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଭାରତୀୟ ଦଳର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ଭାରତ-ଇଂଲଣ୍ଡ ପ୍ରଥମ ୟୁଥ୍ ଟେଷ୍ଟ ଡ୍ର

ବେକେନହାମ୍, ୧୬।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଏଠାରେ ଅନୁଷ୍ଠିତ ପ୍ରଥମ ୟୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟ ଡ୍ର' ରହିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୫୦ ରନର ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୟୁଥ୍ ଦଳ ଅନ୍ତିମ ତଥା ୪ର୍ଥ ଦିବସରେ ଅଧିନାୟକ ହାମଜା ଶେଖ୍‌ଙ୍କ ଶତକୀୟ ପାଳି ସତ୍ତ୍ୱେ ୬୩ ଓଭରରେ ୭ ୱିକେଟ୍ ହରାଇ ୨୭୦ ରନ କରିପାରିଥିଲା। ଭାରତୀୟ ବୋଲର ମଧ୍ୟ ଆଉ ୩ଟି ୱିକେଟ୍ ନେଇ ମ୍ୟାଚକୁ ଜିତିବାକୁ ଶତ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ଭାରତ ଏହି ମ୍ୟାଚର ପ୍ରଥମ ପାଳିରେ ୫୪୦ ରନର ବିଶାଳ ସ୍କୋର କରିଥିଲା। ନିଜେ ଅଧିନାୟକ ଆୟୁଷ ମହାତ୍ରେ ୧୦୨ ରନର ପାଳି ଖେଳିଥିଲେ। ଜବାବରେ ଇଂଲଣ୍ଡ ୪୩୯ ରନରେ ପ୍ରଥମ ପାଳି ସୀମିତ ରହିଥିଲା। ୯୯ ରନରେ ଅଗ୍ରଣୀ ରହିଥିବା ଭାରତ ଏହାପରେ ୨ୟ ପାଳିରେ ୨୪୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀ ଏହି ମ୍ୟାଚରେ ୭୦ ରନ ସହ ୨ଟି ୱିକେଟ୍ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ସିରିଜର ଅନ୍ତିମ ତଥା ୨ୟ ଟେଷ୍ଟ ଜୁଲାଇ ୨୦ରୁ ଆରମ୍ଭ ହେବ।

# ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍: ଶୀର୍ଷକୁ ଫେରିଲେ ରୁଟ୍

ଦୁବାଇ, ୧୬।୭ (ଏଜେନ୍ସି):



ଇଂଲଣ୍ଡର ପୂର୍ବତନ ଅଧିନାୟକ ଜୋ ରୁଟ୍ ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଶୀର୍ଷ ସ୍ଥାନକୁ ଫେରିଛନ୍ତି। ରୁଟ୍ ନିଜ ଦେଶର ହ୍ୟାରୀ ବ୍ରୁକଙ୍କୁ ପଛରେ ପକାଇ ଗୋଟିଏ ପାହାଚ ଲମ୍ଫ ପ୍ରଦାନ କରି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଭାରତ ବିପକ୍ଷ ୩ୟ ଟେଷ୍ଟର ଉଭୟ ପାଳିରେ ରୁଟ୍ ଯଥାକ୍ରମେ ୧୦୪ ଓ ୪୦ ରନର ଉପଯୋଗୀ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ ମଧ୍ୟ ୩ୟରୁ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ଅପରପକ୍ଷରେ ବ୍ରୁକ୍ ଶୀର୍ଷ ସ୍ଥାନ ହରାଇବା ସହ ୩ୟକୁ ଖସିଯାଇଛନ୍ତି।

୩୪ ବର୍ଷୀୟ ରୁଟ୍ ତାଙ୍କ କ୍ୟାରିୟରରେ ୮ମ ଥର ଲାଗି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଏକ ନମ୍ବର ସ୍ଥାନରେ ରହିଛନ୍ତି। ବୟୋଜ୍ୟେଷ୍ଠ ଖେଳାଳି ଭାବେ କୁମାର ସାଙ୍ଗାକାରା ୨୦୧୪ରେ ୩୭ ବର୍ଷ ବୟସରେ ଟେଷ୍ଟରେ ଏକ ନମ୍ବର ସ୍ଥାନ ହାସଲ କରିଥିଲେ। ଅପରପକ୍ଷରେ ଇଂଲଣ୍ଡ ବିପକ୍ଷରେ ୩ୟ ଟେଷ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଯଶସ୍ୱୀ ଜୟସ୍ୱାଲ ଗୋଟିଏ ପାହାଚ ତଳକୁ ଖସି ୫ମ ସ୍ଥାନରେ ରହିଛନ୍ତି। ଚତୁର୍ଥ ସ୍ଥାନ ଲାଭ କରିଥିବା ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥଙ୍କ ଗୋଟିଏ ପାହାଚ ଉନ୍ନତି ଘଟିଛି। ଟେଷ୍ଟ ମାନ୍ୟତାର ବ୍ୟାଟିଂ ତାଲିକାରେ ଟପ୍-୧୦ରେ ଆଉ ଦୁଇ ଭାରତୀୟ ଭାବେ ଋଷଭ ପନ୍ତ ୮ମ ଓ ଶୁବମନ ଗିଲ୍ ୯ମ ସ୍ଥାନରେ ରହିଛନ୍ତି। ପନ୍ତ ଗୋଟିଏ ସ୍ଥାନ ଓ ଗିଲ୍ ୩ଟି ସ୍ଥାନ ହରାଇଛନ୍ତି। ବୋଲିଂ ତାଲିକାରେ ଭାରତର ଯଶପ୍ରୀତ୍ ବୁମ୍‌ରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ୩ୟ ଟେଷ୍ଟରେ ହ୍ୟାଟ୍ରିକ ଅର୍ଜନ କରିଥିବା ଅଷ୍ଟ୍ରେଲିଆର ସ୍କଟ୍ ବୋଲାଣ୍ଡ ୧୨ରୁ ୬ଷ୍ଠ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ବୋଲିଂ ତାଲିକାର ଟପ୍-୧୦ରେ ବୋଲାଣ୍ଡଙ୍କ ସହ ୫ଜଣ ଅଷ୍ଟ୍ରେଲୀୟ ଖେଳାଳି ରହିଛନ୍ତି। ସେମାନେ ହେଲେ ପ୍ୟାଟ୍ କମିନ୍ସ (୩ୟ), ଜୋଶ୍ ହାଜଲେଉଡ୍ (୪ର୍ଥ), ନାଥନ ଲାୟନ (୮ମ) ଓ ମିଚେଲ ଷ୍ଟାର୍କ (୧୦ମ)।

## ଇଂଲଣ୍ଡ ଦଳକୁ ଜରିମାନା

ଲର୍ଡ୍ସ, ୧୬।୭ (ଏଜେନ୍ସି): ଚଳିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ୩ୟ ଟେଷ୍ଟ ମ୍ୟାଚକୁ ଇଂଲଣ୍ଡ ରୋମାଞ୍ଚକ ଭାବେ ୨୨ ରନରେ ବିଜୟୀ ହୋଇଥିଲା। ତେବେ ଏହି ମ୍ୟାଚରେ ଧୀମା ବୋଲିଂ କରିଥିବାରୁ ଘରୋଇ ଇଂଲଣ୍ଡ ଦଳ ଉପରେ ଆଇସିସି ଜରିମାନା ଲଗାଇଛି। ଧାର୍ଯ୍ୟ ସମୟରେ ଇଂଲଣ୍ଡ ଦଳ ୨ ଓଭର କମ୍ ବୋଲିଂ କରିଥିଲା। ଫଳରେ ପ୍ରତ୍ୟେକ ଖେଳାଳିଙ୍କ ମ୍ୟାଚ୍ ପାଉଣାର ୧୦ ପ୍ରତିଶତ ଜରିମାନା କରାଯାଇଛି। ସେହିଭଳି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ପଏଣ୍ଟରୁ ଇଂଲଣ୍ଡର ୨ ପଏଣ୍ଟ କାଟିଦିଆଯାଇଛି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି'ର ମ୍ୟାଚ୍ ରେଫରି ରିଚି ରିଚାର୍ଡସନ୍ ଏହି ସୂଚନା ଦେଇଛନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଏହି ଦଣ୍ଡକୁ ସ୍ୱୀକାର କରିଛନ୍ତି। ଦୁଇ ଦଳ ମଧ୍ୟରେ ୪ର୍ଥ ଟେଷ୍ଟ ମ୍ୟାଚ୍ ଜୁଲାଇ ୨୩ରୁ ଆରମ୍ଭ ହେବ।

# ସାହାଣୀ କପ୍ ଉଦ୍‌ଘାଟିତ: ଅସୀମଙ୍କ ଦୁଇଟି ଗୋଲ୍; ଭୁବନେଶ୍ୱର ବିଜୟୀ


କେନ୍ଦୁଝର ଜୋନ୍

କଟକ,୧୬।୭ (ସମିସ): ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ବୁଧବାରଠାରୁ ଆରମ୍ଭ ହୋଇଛି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କେନ୍ଦୁଝର, କେନ୍ଦ୍ରାପଡ଼ା, ବ୍ରହ୍ମପୁର ଏବଂ ବୌଦ୍ଧ ଜୋନ୍‌ରେ ଏକ ସଙ୍ଗରେ ମ୍ୟାଚ୍ ଖେଳାଯାଉଛି। ପ୍ରତ୍ୟେକ ଜୋନ୍‌ରେ ଆଜି ୨ଟି ଲେଖାଏ ମ୍ୟାଚ୍ ଆୟୋଜନ ହୋଇଥିଲା।

ବୌଦ୍ଧ ଜୋନ୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ସମ୍ବଲପୁର ୩-୦ ଗୋଲରେ କନ୍ଧମାଳକୁ ହରାଇଛି। ଏହି ଜୋନ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ବୌଦ୍ଧ ୧-୦ ଗୋଲରେ ନୂଆପଡାକୁ ହରାଇଥିଲା। ବୌଦ୍ଧ ତରଫରୁ ସମୀର ପ୍ରଧାନ ଏକମାତ୍ର ଗୋଲ ସ୍କୋର କରିଥିଲେ। କେନ୍ଦ୍ରାପଡ଼ା ଜୋନ୍‌ରେ ଝାରସୁଗୁଡା ୨-୧ ଗୋଲରେ ଜଗତସିଂହପୁରକୁ ଓ ଭଦ୍ରକ ୨-୦ ଗୋଲରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଥିଲା। ସେହିଭଳି କେନ୍ଦୁଝର ଜୋନ୍‌ରେ ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଏବଂ କେନ୍ଦୁଝର ବିଜୟୀ ହୋଇଥିଲେ। ଷ୍ଟିଲ ପ୍ଲାଣ୍ଟ ଦଳ ୪-୧ ଗୋଲରେ ଯାଜପୁରକୁ ଓ କେନ୍ଦୁଝର ୧-୦ ଗୋଲରେ ଅନୁଗୋଳକୁ ହରାଇଛି। ବ୍ରହ୍ମପୁର ଜୋନ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର ୩-୦ ଗୋଲରେ ନବରଙ୍ଗପୁରକୁ ପରାସ୍ତ କରିଥିଲା। ଭୁବନେଶ୍ୱରର ଅସୀମ ଡୁଙ୍ଗଡୁଙ୍ଗ ୨ଟି ଗୋଲ୍ ଦେଇଥିଲେ। ଏଠାରେ ଗଞ୍ଜାମ ଓ ଗଜପତି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। କେନ୍ଦୁଝର ଜୋନ୍‌ରେ ଜିଲ୍ଲାପାଳ ବିଶାଲ ସିଂହ, ଏସପି ନିତିନ କୁଶଲ କର, ସାହାଣୀ କପ୍ ଆବାହକ ଗଣେଶ୍ୱର ମହାତୋ, କେନ୍ଦ୍ରାପଡ଼ା ଜୋନରେ ବିଧାୟକ ପ୍ରତାପ କେଶରୀ ଦେବ, ଅତିରିକ୍ତ ଏସପି ଦେବାଶିଷ ଧଳ, ଫାଓ ଉପସଭାପତି ବିଜୟ ଦାସ, ବ୍ରହ୍ମପୁର ଜୋନରେ ଏସ୍‌ପି ସୁବର୍ଣ୍ଣା ବିବେକ, ଫାଓ କୋଷାଧ୍ୟକ୍ଷ ଭକ୍ତ ବତ୍ସଳ ଦାସ, ସଦସ୍ୟ ନବକିଶୋର ମିଶ୍ର, ବୌଦ୍ଧ ଜୋନରେ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ସେପ୍ଟେମ୍ବରରେ ଭାରତ ଆସିବେ ବୋଲ୍ଟ




ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି): ବିଶ୍ୱର ମହାନ ସ୍ପ୍ରିଣ୍ଟର ତଥା ଧାବକ ଉସେନ ବୋଲ୍ଟ ଆସନ୍ତା ସେପ୍ଟେମ୍ବର ୨୬ରେ ଭାରତ ଗସ୍ତରେ ଆସିବେ। ୮ଥରର ଅଲିମ୍ପିକ ଚାମ୍ପିଅନ ବୋଲ୍ଟ ଏହି ୩ ଦିନିଆ ଗସ୍ତରେ ଦିଲ୍ଲୀ ଓ ମୁମ୍ବଇରେ କେତୋଟି ପ୍ରମୋସନାଲ କାର୍ଯ୍ୟକ୍ରମରେ ଯୋଗଦେବାର ରହିଛି। ବୋଲ୍ଟଙ୍କ ଏହା ଦ୍ୱିତୀୟ ଭାରତ ଗସ୍ତ ହେବ। ଏଥିପୂର୍ବରୁ ୧୧ ବର୍ଷ ତଳେ ୨୦୧୪ରେ ସେ ଭାରତ ଗସ୍ତରେ ଆସିଥିଲେ। ସେହି ସମୟରେ ସେ ୨୦୧୧ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ୍ ଦଳର ଖେଳାଳିଙ୍କ ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥିଲେ। ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ବୋଲ୍ଟ ମଧ୍ୟ ଭାରତୀୟ ଖେଳାଳିଙ୍କ ସହ ମଧ୍ୟ ୧୦୦ ମିଟର ରେସ୍‌ରେ ଅଂଶଗ୍ରହଣ କରିଥିଲେ।

# ଦୌଡ଼କୁଦରେ ୧୫ ନୂଆ ଜାତୀୟ ରେକର୍ଡ




**ସ୍ମରଣୀୟ ୨୦୨୫**

ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି):

ବର୍ଷ ୨୦୨୫ ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟ୍‌ଙ୍କ ପାଇଁ ବେଶ୍ ଉଲ୍ଲେଖନୀୟ ରହିଛି। ଚଳିତ ବର୍ଷର ପ୍ରଥମ ୭ ମାସ ଅତିକ୍ରାନ୍ତ କରିବାକୁ ଥିବାବେଳେ ଭାରତୀୟ ଆଥ୍‌ଲେଟ୍‌ମାନେ ଏସୀୟ ଓ ବିଶ୍ୱସ୍ତରରେ ଡର୍ଜନେରୁ ଊର୍ଦ୍ଧ୍ୱ ୧୫ଟି ନୂତନ ଜାତୀୟ ରେକର୍ଡ ପ୍ରତିଷ୍ଠା କରି ଏକ ସ୍ମରଣୀୟ ସଫଳତା ପାଇଛନ୍ତି। ଏଥିରେ ସ୍ପ୍ରିଣ୍ଟ ଇଭେଣ୍ଟ ସମେତ ଥ୍ରୋ ଓ ପୋଲ୍ ଉପରେ ଭାରତୀୟ ଆଥ୍‌ଲେଟ୍‌ମାନେ ଆଶ୍ଚର୍ଯ୍ୟଜନକ ଲମ୍ଫ ପ୍ରଦାନ କରିଛନ୍ତି। ଏହି ବର୍ଷ ଭାରତୀୟ ଆଥ୍‌ଲେଟ୍‌ମାନେ ଦୌଡ଼କୁଦରେ ପ୍ରତିଷ୍ଠା କରିଥିବା ରେକର୍ଡ ଉପରେ ସଂକ୍ଷେପରେ ନଜର ପକାଇବା।

**ପୁରୁଷ ୮୦୦ ମିଟର:** ମେ ୯ରେ ଦୁବାଇରେ ଅନୁଷ୍ଠିତ ୟୁଏଇ ଆଥ୍‌ଲେଟିକ୍ସ ଗ୍ରାଁପ୍ରିରେ ଭାରତର ମହମ୍ମଦ ଅଫଜାଲ ୧ ମିନିଟ୍ ୪୫.୬୧ ସେକେଣ୍ଡରେ ୮୦୦ ମିଟରକୁ ଶେଷ କରି ନୂଆ ଜାତୀୟ ରେକର୍ଡ କରିଥିଲେ। ଏହାପରେ ଜୁଲାଇ ୫ରେ ପୋଲାଣ୍ଡରେ ଏକ ଇଭେଣ୍ଟରେ ଅଫଜାଲ୍ ୧ ମିନିଟ୍ ୪୪.୯୩ ସେକେଣ୍ଡରେ ଫିନିଶ କରି ପୁଣିଥରେ ରେକର୍ଡ ନିଜ ନାମରେ କରିଥିଲେ।

**୧୦୦୦୦ ମିଟର:** ୨୯ ମାର୍ଚ୍ଚରେ ଗୁଲବୀର ସିଂହ ୨୭ ମିନିଟ୍ ୦.୨୨ ସେକେଣ୍ଡରେ ଫିନିଶ କରି ନିଜ ନାମରେ ଥିବା ପୁରୁଣା (୨୭:୧୪.୮୮ ସେକେଣ୍ଡ) ରେକର୍ଡକୁ ପଛରେ ପକାଇଥିଲେ।

**୪ ଗୁଣା ୧୦୦ମି. ରିଲେ:** ଅନିମେଶ, ମଣିକାନ୍ତ, ଗୁରିନ୍ଦର ଓ ଅମ୍ଲାନଙ୍କୁ ନେଇ ଗଠିତ ଭାରତୀୟ ରିଲେ ଦଳ ପୁରୁଷ ୪ ଗୁଣା ୧୦୦ ମିଟର ରିଲେ ରେସକୁ ୩୮.୬୯ ସେକେଣ୍ଡରେ ଫିନିଶ କରି ୧୫ ବର୍ଷ ତଳର ଜାତୀୟ ରେକର୍ଡ ଭାଙ୍ଗିଥିଲେ।

**ନୀରଜ ଚୋପ୍ରା:** ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ମଧ୍ୟ ତାଙ୍କ କ୍ୟାରିୟରରେ ପ୍ରଥମଥର ୯୦ ମିଟର ଜାଭେଲିନ ଫିଙ୍ଗି ଦେଶ ପାଇଁ ନୂଆ ରେକର୍ଡ ସୃଷ୍ଟି କରିଥିଲେ। ଦୋହା ଡାଏମଣ୍ଡ ଲିଗରେ ସେ ୯୦.୨୩ ମିଟର ଜାଭେଲିନ ଫିଙ୍ଗିଥିଲେ।

**ପୁରୁଷ ପୋଲ୍ ଭଲ୍ଟ:** ଏପ୍ରିଲ ୨୨ରେ ଦେବ ମୀନା ପୁରୁଷ ପୋଲ୍ ଭଲ୍ଟରେ ୫.୩୫ ମିଟର ଉଚ୍ଚକୁ ଡେଇଁ ନୂଆ ଜାତୀୟ ରେକର୍ଡ କରିଥିଲେ। ଏଥିସହ ଦୁଇ ମାସ ପୂର୍ବରୁ ଜାତୀୟ କ୍ରୀଡ଼ାରେ ନିଜେ ପ୍ରତିଷ୍ଠା କରିଥିବା ରେକର୍ଡ (୫.୩୨ ମିଟର)କୁ ପଛରେ ପକାଇଥିଲେ।

**ଷ୍ଟିପଲେଚେଜ୍:** ମହିଳା ୩୦୦୦ ମିଟର ଷ୍ଟିପଲେଚେଜ୍‌ରେ ପାରୁଲ ଚୌଧୁରୀ ଚଳିତ ବର୍ଷ ୨ଥର ଜାତୀୟ ରେକର୍ଡ କରିଛନ୍ତି। ପ୍ରଥମେ ୧୬ ମେ'ରେ ସେ ଏହି ଦୂରତାକୁ ୯ ମିନିଟ୍ ୧୩.୩୯ ସେକେଣ୍ଡରେ ଫିନିଶ କରି ଦୁଇ ବର୍ଷ ତଳେ ନିଜେ ପ୍ରତିଷ୍ଠା କରିଥିବା ରେକର୍ଡକୁ ଭାଙ୍ଗିଥିଲେ। ଏହାପରେ ମେ ୩୦ରେ ଏସିଆନ ଚାମ୍ପିଅନସିପ୍‌ରେ ପାରୁଲ ୯ ମିନିଟ୍ ୧୨.୪୬ ସେକେଣ୍ଡରେ ରେସ ଶେଷ କରି ପୁଣିଥରେ ନୂଆ ଜାତୀୟ ରେକର୍ଡ କରିଥିଲେ।

### ଅନିମେଶ କୁଜୁରଙ୍କ ସଫଳତା

ଓଡ଼ିଶାର ଧାବକ ଅନିମେଶ କୁଜୁର ଉଭୟ ୧୦୦ ଓ ୨୦୦ ମିଟରରେ ନିଜର ଶ୍ରେଷ୍ଠତ୍ୱ ନିକଟରେ ପ୍ରଦର୍ଶିତ କରିଛନ୍ତି। ୧୦୦ ମିଟରରେ ଚଳିତ ବର୍ଷ ୨ଥର ଜାତୀୟ ରେକର୍ଡ ପ୍ରତିଷ୍ଠା ହୋଇଛି। ମେ ୨୮ରେ ଗୁରିନ୍ଦର ସିଂହ ୧୦.୨୦ ସେକେଣ୍ଡ ସମୟ ନେଇ ମଣିକାନ୍ତ ହୋବ୍ଲିଦାର (୨୦୨୩ରେ ୧୦.୨୩ ସେକେଣ୍ଡ)ଙ୍କ ନାମରେ ଥିବା ରେକର୍ଡକୁ ଭାଙ୍ଗିଥିଲେ। ତେବେ ଜୁଲାଇ ୫ରେ ଗ୍ରୀସରେ ଅନୁଷ୍ଠିତ ଏକ ଇଭେଣ୍ଟରେ ଅନିମେଶ ୧୦.୧୮ ସେକେଣ୍ଡରେ ୧୦୦ ମିଟରକୁ ଫିନିଶ କରି ଗୁରିନ୍ଦରଙ୍କୁ ପଛରେ ପକାଇ ନୂଆ ଜାତୀୟ ରେକର୍ଡ କରିଥିଲେ। ଅପରପକ୍ଷରେ ପୁରୁଷ ୨୦୦ ମିଟରରେ ଅନିମେଶ ଦୁଇଥରର ନୂଆ ରେକର୍ଡ କରିଛନ୍ତି। ଏପ୍ରିଲ ୨୪ରେ ସେ ୨୦.୪୦ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ଫଳରେ ୨୦୨୨ରେ ଅମ୍ଲାନ ବୋରଗୋହେଁ (୨୦.୫୨ ସେକେଣ୍ଡ) ପ୍ରତିଷ୍ଠା କରିଥିବା ୨୦୦ ମିଟର ରେକର୍ଡକୁ ଅନିମେଶ ଭାଙ୍ଗିଥିଲେ। ଏହାର କିଛି ମାସ ପରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଅନିମେଶ ୨୦୦ ମିଟରକୁ ୨୦.୩୨ ସେକେଣ୍ଡରେ ଫିନିଶ କରି ନିଜ ନାମରେ ଥିବା ରେକର୍ଡକୁ ପଛକରେ ପକାଇଥିଲେ।

## ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ: ନ୍ୟୁଜିଲାଣ୍ଡର ବିଜୟ ଅଭିଯାନ

ହରାରେ, ୧୬।୭ (ଏଜେନ୍ସି): ଜିମ୍ବାୱେରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ନ୍ୟୁଜିଲାଣ୍ଡ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ୨ୟ ମ୍ୟାଚରେ ନ୍ୟୁଜିଲାଣ୍ଡ ୨୧ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏଥିସହ ୨ ପଏଣ୍ଟ ପାଇଁ ନ୍ୟୁଜିଲାଣ୍ଡ ଖାତା ଖୋଲିଛି। ଅପରପକ୍ଷରେ ପ୍ରଥମ ମ୍ୟାଚରେ ଜିମ୍ବାୱେକୁ ହରାଇଥିବା ଦକ୍ଷିଣ ଆଫ୍ରିକା ୨ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସିରିଜର ପରବର୍ତ୍ତୀ ମ୍ୟାଚ୍ ଶୁକ୍ରବାର ଘରୋଇ ଜିମ୍ବାୱେ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ଦୁଇଥର ଲେଖାଏ ଖେଳିବେ। ଏହାପରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଜୁଲାଇ ୨୬ରେ ଫାଇନାଲ ଅନୁଷ୍ଠିତ ହେବ।


ଟିମ୍ ରବିନସନ

ବୁଧବାର ଖେଳାଯାଇଥିବା ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ଟିମ୍ ରବିନସନଙ୍କ ଅପରାଜିତ ଦ୍ରୁତ ଅର୍ଦ୍ଧଶତକ ବଳରେ ୫ ୱିକେଟ୍‌ରେ ୧୭୩ ରନ କରିଥିଲା। ରବିନସନ ୬ ଚୌକା ଓ ୩ ଛକା ସହ ୫୭ ବଲରୁ ୭୫ ରନ କରିଥିଲେ। ସେହିଭଳି ବେଭାନ ଜାକବ୍ସ ମଧ୍ୟ ୩୦ ବଲରେ ୪୪ ରନ କରି ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ କ୍ୱିନା ମଫାକା ୨ଟି ୱିକେଟ ନେଇଥିଲେ। ଜବାବରେ ୬୨ ରନରେ ଅଧା ବ୍ୟାଟର୍‌ଙ୍କୁ ହରାଇଥିବା ଦକ୍ଷିଣ ଆଫ୍ରିକା ୧୮.୨ ଓଭରରେ ୧୫୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଡେୱାଲ୍ଡ ବ୍ରେଭିସ ୩୫, ଜର୍ଜ ଲିଣ୍ଡେ ୩୦, ଲୁଆନ-ଡ୍ରି ପ୍ରିଟୋରିଅସ ୨୭, ରିଜା ହେଣ୍ଡ୍ରିକ୍ସ ୧୬ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ମ୍ୟାଟ୍ ହେନରୀ ଓ ଜାକବ ଡଫୀ ୩ଟି ଲେଖାଏ ଏବଂ ଇଶ୍ ସୋଧୀ ୨ଟି ୱିକେଟ୍ ନେଇ ନ୍ୟୁଜିଲାଣ୍ଡକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS